
‘ବର୍ଡର ୨’
ଆସିଲା ବରୁଣଙ୍କ ଲୁକ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-135 ◆TUESDAY ◆11 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୩୫ ◆ମଙ୍ଗଳବାର ◆୧୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବିସ୍ଫୋରଣରେ ଥରିଲା ଦିଲ୍ଲୀ

ଲାଲ୍‌କିଲ୍ଲା ନିକଟରେ ଭୟଙ୍କର କାର୍ ବିସ୍ଫୋରଣ

ଜଳିଗଲା ୮ କାର୍; ୨୨ଟି ଗାଡ଼ି କ୍ଷତିଗ୍ରସ୍ତ

ହାଇଆଲର୍ଟରେ ମୁମ୍ବାଇ, ଚେନ୍ନାଇ, ୟୁପି, ହରିୟାଣା

## ୮ ମୃତ, ୨୫ ଆହତ; ବଢ଼ିପାରେ ମୃତ୍ୟୁ ସଂଖ୍ୟା



■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଆଜି ସନ୍ଧ୍ୟାରେ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ଥରହର ହୋଇଛି ଜାତୀୟ ରାଜଧାନୀ ନୂଆଦିଲ୍ଲୀ। ଏହି ବିସ୍ଫୋରଣରେ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଆହୁରି ୨୫ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆସନ୍ତାକାଲି ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି ଏବଂ ସମଗ୍ର ଦେଶବାସୀଙ୍କ ନଜର ବିହାର ଉପରେ ଥିବା ବେଳେ ଦିଲ୍ଲୀରେ ଏଭଳି ବିସ୍ଫୋରଣ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ତେବେ ଏହି ବିସ୍ଫୋରଣ ପଛରେ କିଏ ଅଛନ୍ତି, ତାହା ଜଣାପଡ଼ି ନାହିଁ। ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯିବା ପରେ ଏହି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ପରେ ଦିଲ୍ଲୀ ସମେତ ମୁମ୍ବାଇ, ଚନ୍ନାଇ, ଉତ୍ତର ପ୍ରଦେଶ, ହରିଆଣା, ଉତ୍ତରାଖଣ୍ଡ ଏବଂ ମହାରଷ୍ଟ୍ରରେ ହାଇ ଆଲର୍ଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରିଦିଆଯାଇଛି। ରାଜଧାନୀ ଦିଲ୍ଲୀର ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି।

ସୂଚନା ଅନୁଯାୟୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ପାର୍କିଂରେ ଛିଡ଼ା ହୋଇଥିବା ଏକ ମାରୁତି ଡିଜାଏକ କାର୍‌ରେ ଆଜି ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା।। ବି।।ସ୍ଫୋରଣ ଯୋଗୁଁ ନିଆଁ ବ୍ୟାପି ଆଖପାଖରେ ଥିବା ଆଉ ତିନି ଗାଡ଼ିକୁ କବଳିତ କରି ନେଇଥିଲା। ସୂଚନା ମିଳିବା ପରେ ସୁରକ୍ଷାବାହିନୀ, ଏନଆଇଏ ଏବଂ ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରି ତଦନ୍ତ ଆରମ୍ଭ କରାଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। କିନ୍ତୁ ଜମ୍ମୁ-କଶ୍ମୀରରୁ ବିସ୍ଫୋରକ ଜବତ ଘଟଣାକୁ ଏହା ସହ ଯୋଡ଼ି ଦେଖାଯାଉଛି। ଏହି ବିସ୍ଫୋରଣର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ କାର୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଉଥିବା ଦେଖାଯାଉଛି।ଭାରତର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଏଭଳି ବିସ୍ଫୋରଣ ହେବା ବଡ଼ ସୁରକ୍ଷା ଅବହେଳାକୁ ଦର୍ଶାଉଛି।

ଦିଲ୍ଲୀ ପୁଲିସ ଡିଆଇଜି କହିଛନ୍ତି ଯେ ଆଜି ସନ୍ଧ୍ୟା ୬ଟା ୫୦ ମିନିଟରେ ଏକ କାର ରେଡ ସିଗ୍ନାଲ ନିକଟରେ ଅଟକିବା ମାତ୍ରେ ଏଥିରେ ବିସ୍ଫୋରଣ ହୋଇଥିଲା। ▶ପୃଷ୍ଠା-୭

# ବିହାରରେ ଅନ୍ତିମ ପର୍ଯ୍ୟାୟ ଭୋଟ ଆଜି

■ **ପାଟନା, ୧୦।୧୧ (ଏଜେନ୍ସି):** ବିହାର ନିର୍ବାଚନ ପାଇଁ ମଙ୍ଗଳବାର ଅନ୍ତିମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ସକାଳ ୭ଟାରୁ ଏହି ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ। ଏହି ପର୍ଯ୍ୟାୟରେ ୨୦ ଜିଲ୍ଲାର ୩.୭ କୋଟି ଭୋଟର ୧୨୨ ଆସନର ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ। ୨୪୩ ଆସନ ବିଶିଷ୍ଟ ବିହାରରେ କିଏ ପରବର୍ତ୍ତୀ ସରକାର ଗଠନ କରୁଛି ତାହା ଏହି ପର୍ଯ୍ୟାୟ ନିର୍ବାଚନରୁ ସ୍ଥିର ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ମୋଟ ୧୩୦୨ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ୧୩୬ ମହିଳା ସାମିଲ ଅଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ ସମାପ୍ତ କରିବା ପାଇଁ ୪ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷାବାହିନୀ ନିୟୋଜିତ କରାଯାଇଛି। ୪୫, ୩୯୯ ବୁଥ୍ ପ୍ରତିଷ୍ଠା ହୋଇଛି। ଏହି ପର୍ଯ୍ୟାୟରେ ମୁସଲିମ ବହୁଳ ସୀମାଞ୍ଚଳ ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କ୍ଷେତ୍ର ପାଲଟି ଯାଇଛି। ପୂର୍ଣ୍ଣିଆ, ଅରରିଆ, କଟିହାର ଏବଂ କିଶନଗଞ୍ଜର ୨୪ ବିଧାନସଭା କ୍ଷେତ୍ରକୁ ବ୍ୟାପିଥିବା ଏହି ଅଞ୍ଚଳ ସରକାର ଗଠନ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହୋଇପାରେ। ଆରଜେଡି ନେତୃତ୍ୱାଧୀନ କଂଗ୍ରେସ ଏଠାରେ ମଜବୁତ ସ୍ଥିତିରେ ଥିବାବେଳେ ଚଳିତ ଥର ଏଆଇଏମଆଇଏମ ଏବଂ ଜନସୁରାଜ ଏହି ମହାମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ମୁସଲମାନ ଏବଂ ଯାଦବଙ୍କ ବହୁଳ ଏହି କ୍ଷେତ୍ରରେ ଏନ୍‌ଡିଏ ବ୍ୟାକ୍‌ଫୁଟରେ ଅଛି। ଗତ ନିର୍ବାଚନରେ ସୀମାଞ୍ଚଳର ୫ ଆସନରେ ଏଆଇଏମଆଇଏମ ବିଜୟୀ ହୋଇ ସମସ୍ତଙ୍କୁ ଚକିତ କରିଦେଇଥିଲା। ଚଳିତ ଥର ଅଧିକ ଆସନରେ ଜିତିବାକୁ ଏହି ଦଳ ଆଶାବାଦୀ ରହିଛି। କିନ୍ତୁ ଜନସୁରାଜ ଏଥିରେ କିଛି ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ୬୫ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା। ଏଥିରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ। ଏମାନଙ୍କ ଭୋଟ୍ ନୂଆ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

ସୀମାଞ୍ଚଳ ଉପରେ ନଜର

୧୨୨ ଆସନରେ ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ ୩.୭ କୋଟି ଭୋଟର




## ଆଜି ନୂଆପଡ଼ା ଭୋଟ

■ **ନୂଆପଡ଼ା, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚିସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗି ମତଦାତା ନିଜର ମତଦାନ କରିବାକୁ ଯାଉଛନ୍ତି। ▶ପୃଷ୍ଠା-୭

# ଆତଙ୍କବାଦର ନୂଆ ଚେହେରା

## ବିସ୍ଫୋରକ, ରାଇଫଲ ସହ ଧରାପଡ଼ିଲେ ୪ ଡାକ୍ତର

■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଏକ ଉଦ୍‌ବେଗଜନକ ଘଟଣା କ୍ରମେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତର ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୨୯୦୦ କିଲୋ ବିସ୍ଫୋରକ ସହିତ ଏକେ-୪୭ ରାଇଫଲ ଏବଂ କିଛି ବିଷାକ୍ତ ରସାୟନ ସାମଗ୍ରୀ ଜବତ କରାଯାଇଛି। ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଚାଲିଥିଲା ଯୋଜନା। ଠିକ୍ ସମୟରେ ପୁଲିସ ସେମାନଙ୍କୁ ଧରିବା ପରେ ଏକ ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଛି ଜମ୍ମୁ-କଶ୍ମୀର ପୁଲିସ। ଏହି ୪ ଜଣ ଡାକ୍ତରଙ୍କୁ ଜମ୍ମୁ-କଶ୍ମୀର, ଉତ୍ତର ପ୍ରଦେଶ, ହରିଆଣା ଏବଂ ଗୁଜରାଟରୁ ଗିରଫ କରାଯାଇଛି। କଶ୍ମୀରରେ ଧରାପଡ଼ିଥିବା ଜଣେ ଡାକ୍ତରଙ୍କ ସୂଚନା ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। ତାଙ୍କ କାରରେ ରାଇଫଲ ଓ ବିସ୍ଫୋରକ ସାମଗ୍ରୀ ଥିଲା। ଏହି ଘଟଣାରେ ମୋଟ୍ ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେମାନେ ପାକିସ୍ତାନୀ ଆତଙ୍କବାଦୀଙ୍କ ଇସାରାରେ କାମ କରୁଥିଲେ।

ଗିରଫ ଡାକ୍ତରମାନେ ହେଲେ ଆଦିଲ ରାଠେର, ମୁଜାମ୍ମିଲ ସକିଲ, ସାହିନ ସହିଦ ଓ ଅହମଦ ସହିଦ। ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ଓ ଗଜବତ-ଅଲ- ହିନ୍ଦ ସହିତ ସେମାନଙ୍କର ସଂପର୍କ ରହିଛି।

ମିଳିଥିବା ସୂଚନା ଅନୁଯାୟୀ ଡାକ୍ତର ମୁଜାମ୍ମିଲ ଫରିଦାବାଦ୍‌ର ଅଲଫଲାହ ସ୍କୁଲ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ପଢ଼ାଉଥିଲା।। ତାକୁ ଉତ୍ତରପ୍ରଦେଶର ସାହାରନପୁରରେ ପୁଲିସ ଗିରଫ କରାଯାଇଛି। ଏହାପୂର୍ବରୁ ନଭେମ୍ବର ୭ରେ ଜମ୍ମୁ-କଶ୍ମୀର ପୁଲିସ ଶାହାରନପୁରରେ ଡାକ୍ତର ଆଦିଲ ଅହମ୍ମଦକୁ ଗିରଫ କରିଥିଲା। ସେ କଶ୍ମୀର ଅନନ୍ତନାଗର ବାସିନ୍ଦା। ସେ ଅନନ୍ତନାଗର ସରକାରୀ ମେଡିକାଲ କଲେଜରେ ପ୍ରାକ୍ଟିସ କରୁଥିଲା।। ୨୦୧୪ ସେ ▶ପୃଷ୍ଠା-୭

ଆକ୍ରମଣ ପାଇଁ ଚାଲିଥିଲା ଯୋଜନା; ପଣ୍ଡ କଲା କଶ୍ମୀର ପୁଲିସ

ଟାର୍ଗେଟରେ ଥିଲା ଦିଲ୍ଲୀ ସମେତ ଉତ୍ତର ଭାରତ




### ସିଇସିଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ

# ନିରବ ଅବଧିରେ ଆଚରଣ ବିଧି ଉଲ୍ଲଙ୍ଘନ

■ **ଭୁବନେଶ୍ୱର, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୋଟଗ୍ରହଣର ୩୬ ଘଣ୍ଟା ପୂର୍ବରୁ ଧାର୍ଯ୍ୟ ସାଇଲେନ୍ସ ପିରିୟଡ (ନିରବ ଅବଧି)ରେ ଏପରି ଅନେକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି, ଯାହା ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଶାସକ ଦଳର ସ୍ୱାର୍ଥ ପୂରଣ ଦିଗରେ ପୂରା ଜୋରରେ ଲାଗିପଡ଼ିଛି। ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ଗଣତନ୍ତ୍ରର ପ୍ରକୃତ ପରିଚୟ। ଅତଏବ ▶ପୃଷ୍ଠା-୭

ବିଶ୍ୱସନୀୟତା ରକ୍ଷା ପାଇଁ ନିଅନ୍ତୁ ତୁରନ୍ତ ପଦକ୍ଷେପ

କଡ଼ାକଡ଼ି ଲାଗୁ ହେଉ ୩୬ ଘଣ୍ଟାର ନିରବ ଅବଧି



### ୨୭ରୁ ବିଧାନସଭା ଶୀତ ଅଧିବେଶନ

# ସମ୍ବୋଧିତ କରିବେ ରାଷ୍ଟ୍ରପତି

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଆସନ୍ତା ୨୭ ତାରିଖରୁ ସପ୍ତଦଶ ବିଧାନସଭାର ପଞ୍ଚମ ଅର୍ଥାତ୍ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧବଦ୍ଧ କାର୍ଯ୍ୟସାରଣୀ ପ୍ରକାଶ ପାଇଛି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିବେ। ଏହାର ପରଦିନ ଅର୍ଥାତ୍ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ▶ପୃଷ୍ଠା-୭

୨୮ରେ ଅତିରିକ୍ତ ବଜେଟ, ୨୯ଟି କାର୍ଯ୍ୟଦିବସ

### ଅପମିଶ୍ରିତ ତିରୁପତି ଲଡ୍ଡୁ ମାମଲା: ବଡ଼ ସୂଚନା ଦେଲା ସିବିଆଇ

# ନକଲି ଘିଅ ଦେଇଥିଲା ଉତ୍ତରାଖଣ୍ଡ କମ୍ପାନୀ

■ **ତିରୁପତି, ୧୦।୧୧ (ଏଜେନ୍ସି):** ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି)ରେ ଅପମିଶ୍ରିତ ପ୍ରସାଦ ମାମଲାକୁ ନେଇ ବଡ଼ ସୂଚନା ସାମ୍ନାକୁ ଆସିଛି। ମନ୍ଦିରକୁ ଘିଅ ଯୋଗାଣ କରୁଥିବା ଉତ୍ତରାଖଣ୍ଡ ଡାଏରୀ କମ୍ପାନୀର କଳାକାରନାମାର ଗୁମର ଖୋଲି ଯାଇଛି। ଏହି କମ୍ପାନୀ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେଜି ଅପମିଶ୍ରିତ ଘିଅ ମନ୍ଦିରକୁ ଯୋଗାଣ କରିଥିଲା। ଏହି ବାବଦରୁ ୨୫୦ କୋଟି ଟଙ୍କା ଲାଭ କରିଥିଲା। ସିବିଆଇ ଏବଂ ଆନ୍ଧ୍ର ପ୍ରଦେଶ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚରୁ ଏହା ଜଣାପଡ଼ିଛି।

ଯାଞ୍ଚ ରିପୋର୍ଟ ଅନୁଯାୟୀ ଏହି ଘିଅ ଯୋଗାଣ କରୁଥିବା ଡାଏରୀ କମ୍ପାନୀର ସବୁ କାଗଜପତ୍ର ନକଲି ଥିଲା। ଏହି କମ୍ପାନୀ କେବେ ବି କ୍ଷୀର ଏବଂ ଲହୁଣୀ କିଣି ନ ଥିଲା। ଏହା ସତ୍ତ୍ୱେ ଘିଅ ଏବଂ ଲହୁଣୀ ଯୋଗାଣ କରୁଥିଲା। ଏହି କମ୍ପାନୀର ମାଲିକ ପମ୍ମିଲା ଜୈନ ଏବଂ ବିପିନ ଜୈନ ଜାଲ୍ ଘିଅ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଥିଲା। ଘିଅ ଏବଂ ଲହୁଣୀ କ୍ରୟ କରାଯାଇଥିବାର ନକଲି ବିଲ୍ ପ୍ରସ୍ତୁତ କରାଯାଇଥିଲା। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧକୁ ଜେରା କରାଯାଇଥିଲା। ସେ ମୋନୋଡିଗ୍ଲିସରାଇଡ୍‌ସ ଏବଂ ଏସିଟିକ ଏସିଡ ଏଷ୍ଟର ଭଳି କେମିକାଲ ଯୋଗାଣ କରୁଥିବା ସ୍ୱୀକାର କରିଛି। ଏହାକୁ ମିଶାଇ ନକଲି ଘିଅ ପ୍ରସ୍ତୁତ କରାଯାଉଥିଲା। ୨୦୨୨ରେ ଟିଟିଡିର ଅଭିଯୋଗ କ୍ରମେ ଏହି ଭୋଲେ ବାବା ଡାଏରୀକୁ କଳାତାଲିକାଭୂକ୍ତ କରାଯାଇଥିଲା। ପରେ ଏହି ଗ୍ରୁପ ଆଉ ଏକ କମ୍ପାନୀ ଗଠନ କରିଥିଲା ଏବଂ ମନ୍ଦିରକୁ ଘିଅ-ଲହୁଣୀ ଯୋଗାଣ ଜାରି ରଖିଥିଲା। ଏଥିରେ ବୈଷ୍ଣବୀ ଡାଏରୀ (ତିରୁପତି), ମାଲ ଗଙ୍ଗା ଡାଏରୀ (ଉତ୍ତର ପ୍ରଦେଶ) ଏବଂ ଏଆର ଡାଏରୀ ଫୁଡ୍ସ (ତାମିଲନାଡୁ) ସାମିଲ ରହିଛି।

ସିବିଆଇ ଏବଂ ଏଫଏସଏସଆଇର ତଦନ୍ତରୁ ଜଣାପଡ଼ିଛି ଯେ ଘିଅରେ ପଶୁ ଚର୍ବି ମିଶା ଯାଉଥିଲା। ୨୦୨୪ ଜୁଲାଇରେ ଟିଟିଡି ଏଆର ଡାଏରୀର ଚାରୋଟି ଟ୍ୟାଙ୍କରକୁ ଗ୍ରହଣ କରି ନ ଥିଲା। କିନ୍ତୁ ଏହି ଟ୍ୟାଙ୍କରକୁ ▶ପୃଷ୍ଠା-୭

୬୮ ଲକ୍ଷ କେଜି ଘିଅ ବିକି ଆୟ କରିଥିଲା ୨୫୦ କୋଟି ଟଙ୍କା

ନକଲି ଥିଲା କମ୍ପାନୀର ସବୁ କାଗଜପତ୍ର

ଧରାପଡ଼ିବା ସତ୍ତ୍ୱେ ନୂଆ କମ୍ପାନୀ ଗଠନ କରି ଚାଲିଥିଲା ଯୋଗାଣ



### ରଥଯାତ୍ରା ମହାବିଭ୍ରାଟ

# ବିରାଦରୀ ପ୍ରୀତି: ବରିଷ୍ଠ ସୁରକ୍ଷିତ; କନିଷ୍ଠଙ୍କୁ ବଳି

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଅପରେସନ ସିନ୍ଦୂର ପରେ ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଥିଲା ଦେଶର ସବୁଠାରୁ ବଡ଼ ଧାର୍ମିକ ଉତ୍ସବ। ରଥଯାତ୍ରାରେ ୧୫ ଲକ୍ଷ ଲୋକଙ୍କ ସମାଗମ ହେବା ଆକଳନ ହୋଇଥିଲା ଓ ଏହାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ ପରିଚାଳନା ପାଇଁ ସରକାର ଯୋଜନା କରିଥିଲେ। ତୁହାକୁ ତୁହା ବୈଠକ ବସିଲା, ସରକାର ଘନଘନ ବିବୃତି ଦେଲେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଠାରୁ ଆରମ୍ଭ କରି ପୁଲିସ ଡ଼ିଜିଙ୍କ ପର୍ଯ୍ୟନ୍ତ ରଥଯାତ୍ରାକୁ ଐତିହାସିକ କରାଯିବ ବୋଲି ଘୋଷଣା କଲେ। ସତରେ ଚଳିତ ବର୍ଷ ରଥଯାତ୍ରା ଐତିହାସିକ ହେଲା। ରଥଯାତ୍ରା ଦିନ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଗଡ଼ିଲା ନାହିଁ। କେବଳ ବିଧି ଦୃଷ୍ଟିରୁ ରାତିରେ ଆଲୁଅ ଲଗାଇ କେଇ ହାତ ରଥ ଟଣାଗଲା। ରଥଯାତ୍ରାରେ ଠେଲାପେଲାରେ ଶହଶହ ଭକ୍ତ ଆହତ ହେଲେ; ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହେଲା। ସରକାର ଉନ୍ନୟନ କମିଶନରଙ୍କୁ ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଲେ ଓ ତଦନ୍ତ ରିପୋର୍ଟ ଆଧାରରେ ୭ ଜଣ କନିଷ୍ଠ ପୁଲିସ କର୍ମଚାରୀଙ୍କୁ ଦାୟୀ କରି ▶ପୃଷ୍ଠା-୭

ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ପୁଲିସ ଏଡିଜିଙ୍କୁ କାହିଁକି ଅନୁକମ୍ପା

ଲୋକ ମଲେ ବାବୁଙ୍କର କି ଯାଏ ?

- ୫ ମେଗାପିକ୍ସଲ ପରିବର୍ତ୍ତେ କାହିଁକି ଲାଗିଲା ୨ ମେଗାପିକ୍ସଲ କ୍ୟାମେରା
- ୨୮୨ ବଦଳରେ ୧୭୦ଟି କ୍ୟାମେରା ଲଗାଇବା ପଛରେ କାହା ହାତ
- ସିସିଟିଭି ଲଗାଇବା ନିମନ୍ତେ ସମ୍ପୃକ୍ତ ଠିକା ସଂସ୍ଥାକୁ କାହିଁକି ବଞ୍ଚାଗଲା
- ଠିକା ସଂସ୍ଥା ବାଛିଥିବା ତତ୍କାଳୀନ ଏଡିଜି (ମୁଖ୍ୟାଳୟ)ଙ୍କ ଭୂମିକାକୁ ନେଇ ପ୍ରଶ୍ନ
- ୨୦ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟା ଅଧିକାରୀ କ’ଣ ଦୋଷମୁକ୍ତ
- ରିପୋର୍ଟରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ରହସ୍ୟମୟ ନିରବତା



# ଦିଲ୍ଲୀ ବିସ୍ଫୋରଣ ପଛରେ କିଏ ?

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଆଜି ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ଭୟଙ୍କର ବିସ୍ଫୋରଣରେ ୮ ଜଣ ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ନେସନାଲ ସିକୁରିଟି ଗାର୍ଡ, ନେସନାଲ ସିକୁରିଟି ଏଜେନସି, ଦିଲ୍ଲୀ ପୁଲିସ ଏବଂ ଫରେନସିକ୍ ସାଇନ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ବିସ୍ଫୋରଣ ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ବିସ୍ଫୋରଣ ପଛରେ କିଏ, ତାହା ମଧ୍ୟ ଜଣାପଡ଼ି ନାହିଁ। ତେବେ ଯେଉଁ କାରରେ ବିସ୍ଫୋରଣ ହୋଇଛି, ତାହାର ମାଲିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମହମ୍ମଦ ସଲମାନ ନାମକ ଏହି ବ୍ୟକ୍ତି ଦୁଇ ବର୍ଷ ପୂର୍ବେ ଉକ୍ତ କାରକୁ ଓଖଲାର ଦେବେନ୍ଦ୍ର ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ପୁଣି ଦେବେନ୍ଦ୍ର ଏହି କାରକୁ ଅମ୍ବାଲାରେ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ସଲମାନଙ୍କ ଘର ହରିଆଣାର ଗୁରୁଗ୍ରାମ ହୋଇଥିବା ବେଳେ କାରର ନମ୍ବର ମଧ୍ୟ ହରିଆଣାରେ ପଞ୍ଜୀକରଣ ହୋଇଛି। ତେବେ ଏବେ ଯେଉଁ

## ■ କାର୍‌ର ପୁରୁଣା ମାଲିକ ଅଟକ
## ■ ଗିରଫ ଡାକ୍ତରଙ୍କୁ ପଚରାଉଚରା

ଲୋକର ନାମରେ ଏହି କାର ରହିଛି, ତାହାକୁ ପୁଲିସ ଖୋଜୁଛି। ଏହି ବିସ୍ଫୋରଣରେ ସେମାନଙ୍କର ସଂପୃକ୍ତି ରହିଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ଏହି କାରଟି ହେଉଛି ହୁଣ୍ଡାଇ ଆଇ-୨୦ କାର ଏବଂ ଏଥିରେ ତିନି ଚାରି ଜଣ ଲୋକ ବସିଥିଲେ ବୋଲି କୁହାଯାଉଛି। ପୁଲିସ ଏଅଧିକ କିଛି ସୂଚନା ଦେଉନାହିଁ।

ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ ଯୋଜନା କରୁଥିବା ବେଳେ ଧରାପଡ଼ିଥିବା ୮ ଜଣ ବ୍ୟକ୍ତିଙ୍କୁ ପୁଲିସ ଏସଂପର୍କରେ ପଚରାଉଚରା କରୁଛି। ଆଜିର ବିସ୍ଫୋରଣ ସହିତ ସେମାନଙ୍କର ସଂପର୍କ ରହିଛି କି ନାହିଁ ତାହାର ଖୋଳତାଡ଼ କରରୁଛି ପୁଲିସ। ଗିରଫ ୮ ଜଣଙ୍କ ମଧ୍ୟରୁ ୪ ଜଣ ଡାକ୍ତର ଥିବା ବେଳେ ୭ ଜଣ ହେଉଛନ୍ତି କଶ୍ମୀର ବାସିନ୍ଦା। ସେମାନେ ମଧ୍ୟ ଦିଲ୍ଲୀ ସମେତ ଉତ୍ତର ଭାରତରେ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ ବୋଲି ପୁଲିସ ଆଗରେ ବୟାନ ଦେଇଥିଲେ। ତେଣୁ ଆଜିର ବିସ୍ଫୋରଣ ପଛରେ ସେମାନଙ୍କ ଗୋଷ୍ଠୀର ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେଣୁ ସେମାନେ ଆଉ କାହା ସହିତ ସଂପର୍କରେ ଥିଲେ, ସେସଂପର୍କରେ ସୂଚନା ହାସଲ ଲାଗି ଆଜି ରାତି ତମାମ ସେମାନଙ୍କୁ ଜେରା କରାଯାଉଛି। ଇଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ପରେ ବିସ୍ଫୋରଣ ସ୍ଥଳକୁ ମଧ୍ୟ ଯାଇଥିଲେ।





● ଦିଲ୍ଲୀ ବିସ୍ଫୋରଣରେ ନୂଆ ପାଟର୍ଣ୍ଣ

## ହୋଇନି ଖାଲ କି କଳା ପଡ଼ିନି ଆହତଙ୍କ ଶରୀର

ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣରେ ନୂଆ ପାଟର୍ଣ୍ଣ ସାମ୍‌ନାକୁ ଆସିଛି। ଯେଉଁ କାର୍‌ରେ ବିସ୍ଫୋରଣ ହୋଇଥିଲା, ସେଥିରେ ଆଉ କିଛି ଲୋକ ବସି ଥିଲେ। ତେବେ ଏହି ବିସ୍ଫୋରଣ ଯୋଗୁଁ ଘଟଣାସ୍ଥଳରେ କୌଣସି ଖାଲ ହୋଇ ନ ଥିଲା। ଆହତଙ୍କ ଶରୀରରେ କଣ୍ଟା କିମ୍ବା ତାର ପଶି ଯାଇ ନ ଥିଲା। ଆହତ ବ୍ୟକ୍ତିଙ୍କ ମୁହଁ କିମ୍ବା ଶରୀର କଳା ପଡ଼ି ନ ଥିଲା। ଦିଲ୍ଲୀ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହା ସାଧାରଣ ବିସ୍ଫୋରଣ ନ ଥିଲା। ଏହା ଏକ ବଡ଼ ବୋମା ବିସ୍ଫୋରଣ ଥିଲା। ୨୦୦ ମିଟର ପର୍ଯ୍ୟନ୍ତ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏହା ଏକ ବଡ଼ ଆତଙ୍କବାଦୀ ଘଟଣା ବୋଲି ଜଣାପଡୁଛି। ଏବେ ଯାଞ୍ଚ ଜାରି ରହିଛି। ଏବେ ବିସ୍ଫୋରଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ବିସ୍ଫୋରଣରେ କେଉଁ ବାରୁଦ ବ୍ୟବହାର କରାଯାଇଥିଲା? କାହିଁକି ବିସ୍ଫୋରଣ ପରେ ମୃତାହତଙ୍କ ଶୀରର କଳା ପଡ଼ି ନ ଥିଲା? କାର୍ ଭିତରେ କିଏ ବସି ଥିଲେ? ଜମ୍ମୁ-କଶ୍ମୀରରୁ ଜବତ ବିସ୍ଫୋରକ ସହ ଏହାର କୌଣସି ଲିଙ୍କ୍ ନାହିଁ ତ? ବିସ୍ଫୋରଣ ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ନାହିଁ ତ? ଏଭଳି ଅନେକ ପ୍ରଶ୍ନ ଉଠୁଛି।

## ଆତଙ୍କୀଙ୍କ ଟାର୍ଗେଟରେ ଦିଲ୍ଲୀ: ୧୯୯୬ରୁ ୨୦୨୫

୧୯୯୬ ମେ ୨୫: ଲାଜପତ ନଗରରେ ବିସ୍ଫୋରଣ, ୨୦ ମୃତ
୧୯୯୭ ନଭେମ୍ବର ୩୦; ଲାଲକିଲ୍ଲା ଅଞ୍ଚଳରେ ଟ୍ୱିନ୍ ବ୍ଲାଷ୍ଟ, ୩ ମୃତ
୧୯୯୭ ଡିସେମ୍ବର ୩୦: ପଞ୍ଜାବୀ ବାଗରେ ବସ୍ ବିସ୍ଫୋରଣ, ୪ମୃତ
୨୦୦୦ ଜନୁ ୧୮; ଲାଲକିଲ୍ଲାରେ ଦୁଇଟି ବିସ୍ଫୋରଣ, ୨ ମୃତ
୨୦୦୧ ଡିସେମ୍ବର: ପାର୍ଲାମେଣ୍ଟ ଉପରେ ଆକ୍ରମଣ, ୯ ସୁରକ୍ଷା କର୍ମୀ ସହିଦ
୨୦୦୫ ଅକ୍ଟୋବର ୨୯: ସରୋଜିନୀ ନଗର, ପାହାଡଗଞ୍ଜରେ ବିସ୍ଫୋରଣ, ୬୭ ମୃତ
୨୦୦୬ ଏପ୍ରିଲ ୧୪; ଜାମା ମସଜିଦ ପରିସରରେ ବିସ୍ଫୋରଣ, ୧୪ ଆହତ
୨୦୦୮ ସେପ୍ଟେମ୍ବର ୧୩; କାରୋଲ ବାଗ, କନଟ ପ୍ଲେସ, ଗ୍ରେଟର କୈଳାଶ-୧ରେ ସିରିଜ ବିସ୍ଫୋରଣ, ୩୦ ମୃତ
୨୦୧୧ ମେ ୨୫: ଦିଲ୍ଲୀ ହାଇକୋର୍ଟ ପାର୍କିଂ ଲଟ୍‌ରେ ବିସ୍ଫୋରଣ, ୧୫ ମୃତ
୨୦୨୫ନଭେମ୍ବର ୧୦: ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ, ୮ ମୃତ



## ଭେଣ୍ଟିଲେଟରରେ ହି-ମ୍ୟାନ ଧର୍ମେନ୍ଦ୍ର

ମୁମ୍ବଇ, ୧୦।୧୧(ଏଜେନ୍ସି): ବର୍ଷୀଆନ ବଲିଉଡ ଅଭିନେତା ତଥା ହି-ମ୍ୟାନ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡିଛି। ମୁମ୍ବଇର ବ୍ରିଚ୍‌କାଣ୍ଡି ହସ୍ପିଟାଲ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଛି ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ନିଃଶ୍ୱାସ ନେବାରେ ସମସ୍ୟା ହେବା କାରଣରୁ ତାଙ୍କୁ ଗୋଟିଏ ସପ୍ତାହ ତଳେ ହସ୍ପିଟାଲ ନିଆଯାଇଥିଲା। ଆଗାମୀ ଡିସେମ୍ବର ୮ରେ ସେ ୯୦ ବର୍ଷରେ ପଦାର୍ପଣ କରିବେ। ପୂର୍ବରୁ ଏପ୍ରିଲ୍‌ରେ ତାଙ୍କର ଚକ୍ଷୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଧର୍ମେନ୍ଦ୍ର ହସ୍ପିଟାଲରେ ଅଛନ୍ତି। ତେବେ ଧର୍ମେନ୍ଦ୍ରଙ୍କୁ ଭେଣ୍ଟିଲିଟରରେ ରଖାଯାଇନାହିଁ ବୋଲି ତାଙ୍କ ଟିମ୍ ତରଫରୁ କୁହାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି। ସେ ଏକାଧିକ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିଛନ୍ତି। ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି। ପୂରା ପରିବାର ତାଙ୍କ ସହ ଅଛନ୍ତି। ଦୁଇ ଝିଅଙ୍କୁ ମଧ୍ୟ ଆମେରିକାରୁ ଡକାଯାଇଛି। ୧୯୬୦ରେ ସେ 'ଦିଲ୍ ଭି ତେରା, ହମ୍ ଭି ତେରା' ସିନେମାରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିଲେ। ୧୯୬୦ ଦଶକରେ ସେ ଅନପଢ୍, ବନ୍ଦିନୀ, ଅନୁପମା ଓ ଆୟା ସାବନ ଝୁମ୍‌କେରେ ଅଭିନୟ କରି ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ସୃଷ୍ଟି କରିଥିଲେ। ସେ ସୁପରହିଟ୍ ଚଳଚ୍ଚିତ୍ର ଶୋଲେ, ଧରମବୀର, ଚୁପ୍‌କେ ଚୁପ୍‌କେ, ମେରା ଗାଁଓ ମେରା ଦେଶ ଓ ଡ୍ରିମ ଗର୍ଲରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ଦୀର୍ଘ ୬ ଦଶନ୍ଧିର କ୍ୟାରିୟରରେ ସେ ମୋଟ ୩୦୦ଟି ସିନେମାରେ ଅଭିନୟ କରିଛନ୍ତି।

## ଫ୍ଲାଇଟ୍ ଜିପିଏସ୍‌ରେ ଟ୍ୟାମ୍ପରିଂ କରାଯାଇଥିଲା

ନୂଆଦିଲ୍ଲୀ, ୧୦।୧୧(ଏଜେନ୍ସି): ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ଦୁଇଦିନ ତଳେ ୮୦୦ରୁ ଊର୍ଦ୍ଧ୍ୱ ବିମାନ ଉଡାଣ ବାଧାପ୍ରାପ୍ତ ହୋଇଥିଲା ଓ ଏଥିପାଇଁ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ଏବେ ଏହି ଘଟଣା ପଛର କାରଣ ସାମ୍ନାକୁ ଆସିଛି। ଜିପିଏସ୍ ଅର୍ଥାତ ଗ୍ଲୋବାଲ ପୋଜିସନିଂ ସିଷ୍ଟମର ସିଗନାଲ୍‌କୁ ଟ୍ୟାମ୍ପରି କରାଯାଇଥିଲା ବୋଲି ଯାଞ୍ଚ ଓ ବିଶେଷଜ୍ଞଙ୍କଠାରୁ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ନଭେମ୍ବର ୬ ଓ ୭ରେ ସନ୍ଧ୍ୟା ୭ଟାରେ ବିମାନଗୁଡ଼ିକର ଜିପିଏସ୍‌ର ନକଲି ସିଗ୍‌ନାଲ ମିଳିଥିଲା। କକ୍‌ପିଟ୍‌ର ପର୍ଦ୍ଦାରେ ବିମାନର ପୋଜିସନିଂ ବଦଳି ଯାଇଥିଲା ଓ ନକଲି ଚିତ୍ର ଦେଖିବାକୁ ମିଳିଥିଲା। ଫଳରେ ଏହି ଅବସରରେ ରନୱେ ବଦଳରେ ଚାଷଜମି ଦେଖିବାକୁ ମିଳିଥିଲା। ସେହିପରି ବିମାନର ଉଚ୍ଚତା ନେଇ ଭ୍ରମ ସୃଷ୍ଟି ହୋଇଥିଲା। ଫଳରେ ବିମାନର ପାଇଲଟ୍ ଜିପିଏସ୍ ବେଷ୍ଟ ଅଟୋ ମେସେଜିଂ ବଦଳରେ ମାନୁଆଲ ପୋଜିସନକୁ ସ୍ଥାନାନ୍ତର ହୋଇଥିଲା। ନଭେମ୍ବର ୭ରେ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)ର ଅଟୋମେଟିକ ମେସେଜ ସୁଇଚ୍ ସିଷ୍ଟମ୍ (ଏଏମ୍‌ଏସ୍‌ଏସ୍)ରେ ବୈଷୟିକ ତ୍ରୁଟି ବିମାନଗୁଡ଼ିକର ଚଳାଚଳ ୧୨ ଘଣ୍ଟାଧରି ପ୍ରଭାବିତ ହୋଇଥିଲା। ୮୦୦ରୁ ଊର୍ଦ୍ଧ୍ୱ ଘରୋଇ ଓ ଅନ୍ତର୍ଜାତୀୟ ବିମାନର ଉଡାଣ ବିଳମ୍ବିତ ହୋଇଥିଲା। ଏପରିକି ୨୦ଟି ବିମାନର ଉଡାଣକୁ ବାତିଲ କରିବାକୁ ପଡ଼ିଥିଲା। ୪୮ ଘଣ୍ଟା ପରେ ଯାଇ ବିମାନବନ୍ଦରର ପରିଚାଳନା ସାଧାରଣ ହୋଇଥିଲା।

## ପାଟନାରେ ଛାତ ଭୁଶୁଡ଼ି ଗୋଟିଏ ପରିବାରର ୫ ମୃତ

ପାଟନା, ୧୦।୧୧(ଏଜେନ୍ସି): ବିହାର ରାଜଧାନୀ ପାଟନା ଉପକଣ୍ଠରେ ଥିବା ଦାନପୁରରେ ଘରର ଛାତ ଭୁଶୁଡିବା ଫଳରେ ଗୋଟିଏ ପରିବାର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରବିବାର ରାତି ୯ଟାରେ ମାନସ ନୟା ପାନାପୁର ଗାଁରେ ଏହି ଘଟଣା ଘଟିଛି। ଏହି ଗାଁ ପାଟନା ଓ ସାରଣ ସୀମରେ ଅବସ୍ଥିତ। ଛାତ ଭୁଶୁଡିବା ଫଳରେ ୩୫ ବର୍ଷୀୟ ମହମ୍ମଦ ବବଲୁ, ପତ୍ନୀ ୩୦ ବର୍ଷୀୟ ରୋଶନ ଖାତୁନ ଓ ତାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ପ୍ରାଣ ହରାଇଛନ୍ତି। ଭଙ୍ଗା ଛାତ ଓ କାନ୍ଥ ତଳେ ସମସ୍ତଙ୍କ ମୃତଦେହ ଫସି ରହିଛି। ଭଗ୍ନାବଶେଷ ତଳେ ପିଲାଙ୍କ ସ୍କୁଲ ବ୍ୟାଗ, କିଛି ପୋଷାକ ଓ ପଙ୍ଖା ଦେଖିବାକୁ ମିଳିଛି। କେତୋଟି ଇଟାରେ ରକ୍ତର ଛିଟା ମଧ୍ୟ ଦେଖାଯାଇଛି। ପାଖରେ ଏକ କଡେଇ, ଗ୍ୟାସ ଚୁଲା ଓ ଅନ୍ୟାନ୍ୟ ରୋଷେଇ ତଥା ଘରୋଇ ଉପକରଣ ପଡ଼ି ରହିଛି। ଛାତ ଭୁଶୁଡିବା ପରେ ଜୋରରେ ଶବ୍ଦ ଶୁଣି ଲୋକେ ଘରୁ ବାହରକୁ ଆସିଥିଲେ। ପୂରା ପରିବାର ରାତିରେ ଖାଇ ସାରିବା ପରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା ବୋଲି ପଡୋଶୀ କହିଛନ୍ତି। ଇନ୍ଦିରା ଆବାସ ଯୋଜନାରୁ ବବ୍‌ଲୁ ଏହି ଘର ତିଆରି କରିଥିଲେ। କିନ୍ତୁ ଏହି ଘର ପୁରଣା ହୋଇଯାଇଥିଲା ଓ ଅତି ବିପଦ ଶଙ୍କୁଳ ଅବସ୍ଥାରେ ଥିଲା। ଏହି ଘର ୩୦ ବର୍ଷର ପୁରୁଣା ଘର ଥିଲା। ଆରଜେଡି ନେତ୍ରୀ ତଥା ପାଟଳିପୁତ୍ର ସାଂସଦ ମିସା ଭାରତୀ ପୀଡିତ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

## ସଂରକ୍ଷଣକୁ ନେଇ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଲୋକସଭା, ବିଧାନସଭା ନିର୍ବାଚନରେ ମହିଳା ସଂରକ୍ଷଣ ନିୟମ କାର୍ଯ୍ୟକାରୀ କରିବାକୁ ନେଇ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାର ଉପରେ ଜବାବ ଦେବାକୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହିଳା ସଂରକ୍ଷଣ ଆଇନରେ ନିର୍ବାଚନରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାର ନିୟମ ରହିଛି।

ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ନାଗରତ୍ନା ବଡ଼ ଟିପ୍ପଣୀ ଦେଇଥିଲେ। ଦେଶରେ ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ ବୋଲି କହିଥିଲେ। ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି ଯେ ସମସ୍ତ ନାଗରିକ ରାଜନୈତିକ ଏବଂ ସାମାଜିକ ସମାନତା ପାଇବାକୁ ହକ୍‌ଦାର। ଏହି ଦେଶରେ ମହିଳା ସବୁଠାରୁ ବଡ଼ ସଂଖ୍ୟାଲଘୁ। ମହିଳା ସଂଖ୍ୟା ୪୮ ପ୍ରତିଶତ ରହିଛି। ତେବେ ଏହା ମହିଳାଙ୍କ ରାଜନୈତିକ କ୍ଷମତା ଆଧାରରେ ବୋଲି ଜଷ୍ଟିସ ନାଗରତ୍ନା ସ୍ପଷ୍ଟ କରିଥିଲେ। କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନର ଶୁଣାଣି କରି ସେ ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ରେ ଅଣାଯାଇଥିବା ମହିଳା ସଂରକ୍ଷଣ ନିୟମକୁ ତୁରନ୍ତ ଲାଗୁ କରିବାକୁ କଂଗ୍ରେସ ନେତ୍ରୀ ଏଥିରେ ଦାବି କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ସୋଫିଆ ଗୁପ୍ତା କହିଥିଲେ ଯେ ଦେଶ ସ୍ୱାଧୀନତାକୁ ୭ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଦୁର୍ଭାଗ୍ୟର ବିଷୟ। ଏହା ଉପରେ ଜଷ୍ଟିସ ନାଗରତ୍ନା କେନ୍ଦ୍ରକୁ ନୋଟିସ ଜାରି କରିବାକୁ କହିଥିଲେ ଏବଂ ପରିସୀମା ନିର୍ଦ୍ଧାରଣ କେବେ ହେବ ବୋଲି ଜବାବ ମାଗିଥିଲେ। ତେବେ ସେ ସ୍ପଷ୍ଟ କରିଥିଲେ ଯେ ଆଇନ କାର୍ଯ୍ୟକାରୀ କରିବା କାର୍ଯ୍ୟପାଳିକା ଉପରେ ନିର୍ଭର କରୁଛି। ଏ ନେଇ କୋର୍ଟ ମାଣ୍ଡାମସ ରୁଜୁ କରିପାରିବେ ନାହିଁ।



## ଆମେରିକାରେ ଶେଷ ହେବ ସଟ୍‌ଡାଉନ୍

ୱାସିଂଟନ, ୧୦।୧୧(ଏଜେନ୍ସି): ରେକର୍ଡ ୪୦ ଦିନ ହେବ ଆମେରିକାରେ ସଟ୍‌ଡାଉନ୍ ଜାରି ରହିଥିବା ବେଳେ ଏବେ ଏହା ଶେଷ ହେବା ନେଇ ଆଶା ସଞ୍ଚାର ହୋଇଛି। ରବିବାର ଆମେରିକାର ଉପର ଗୃହ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାରିତ କରାଇବା ପ୍ରକ୍ରିୟା ଆଗକୁ ବଢ଼ିଛି। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଫଣ୍ଡିଂ ଉପଲବ୍ଧ କରାଇବ। ଏହି ବିଲ୍ ଅନୁସାରେ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକାଯିବ। ଏଥିସହ ସଟ୍‌ଡାଉନ୍ ଅବସରରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ବାକିଆ ପାଉଣା ପ୍ରଦାନ କରାଯିବ। ଏହି ବିଲ୍ ୬୦-୪୦ ଅନ୍ତରେ ପାରିତ ହୋଇଛି।

**'ଓବାମା କେୟାର' ଉପରେ ଭୋଟିଂ ପାଇଁ ଟ୍ରମ୍ପ ରାଜି**

ଏବେ ସିନେଟ ଏଥିରେ ସଂଶୋଧନ କରିବ। ଏହାପରେ ଏହି ପ୍ରସ୍ତାବ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ ଅର୍ଥାତ ନିମ୍ନ ଗୃହରେ ମଞ୍ଜୁରୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦସ୍ତଖତ ପାଇଁ ପଠାଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପାଇଁ ଏବେ ଆହୁରି କିଛି ଦିନ ଲାଗିବ। ସଟ୍‌ଡାଉନ୍ ଶେଷ କରିବା ପାଇଁ ରିପବ୍ଲିକାନ ପାର୍ଟି କେତେଜଣ ଡେମୋକ୍ରାଟ୍ ସିନେଟରଙ୍କୁ ଓବାମାକେୟାରର ସବ୍‌ସିଡ ବୃଦ୍ଧି କରିବା ପାଇଁ ଡିସେମ୍ବରରେ ଭୋଟିଂ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଇତିମଧ୍ୟରେ ସଟ୍‌ଡାଉନ୍ ଶେଷ ହେବା ଭଳି ମନେ ହେଉଥିବା ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକଙ୍କୁ କହିଛନ୍ତି। କିନ୍ତୁ ଓବାମା କେୟାର ସବ୍‌ସିଡ୍‌କୁ ହେଲଥ୍ ଇନସୁରାନ୍ସ କମ୍ପାନୀଗୁଡିକ ପାଇଁ ଲାଭଜନକ ଓ ଆମେରିକୀୟ ଲୋକଙ୍କ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ଲୋକଙ୍କ ସବ୍‌ସିଡ୍ ବଦଳରେ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ଇନସୁରାନ୍ସ କ୍ରୟ କରିବାକୁ ସୁବିଧା ଦିଆଯିବ ଆବଶ୍ୟକ। ଦୁଇ ପାର୍ଟି ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ରାଜି ଅଛି ବୋଲି ଟ୍ରମ୍ପ କହିଛନ୍ତି।

## ସନ୍ଦେହଜନକ ଅବସ୍ଥାରେ ମଡେଲଙ୍କ ମୃତ୍ୟୁ



ଭୋପାଳ, ୧୦।୧୧(ଏଜେନ୍ସି): ମଧ୍ୟପ୍ରଦେଶର ସେହୋର ଜିଲ୍ଲାର ଏକ ଘରୋଇ ହସ୍ପିଟାଲରେ ଖୁସ୍‌ବୁ ଅହିରୱାର ନାମକ ଜଣେ ୨୧ ବର୍ଷୀୟା ମଡେଲ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ସୋମବାର ସକାଳେ ପୁରୁଷ ବନ୍ଧୁ ଏହି ହସ୍ପିଟାଲରେ ଛାଡି ତାଙ୍କୁ ଚାଲିଯାଇଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କୁ ମୃତ ଅବସ୍ଥାରେ ଅଣାଯାଇଥିବା ଡାକ୍ତରମାନେ କହିଛନ୍ତି। ମୃତ ବୋଲି ଜାଣିବା ପରେ ପୁଲିସକୁ ତୁରନ୍ତ ସୂଚନା ଦିଆଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ ଖୁସ୍‌ବୁଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭୋପାଳର ଗାନ୍ଧୀ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। 'ଝିଅକୁ ମାରି ଦିଆଯାଇଛି ଓ ଦେହସାରା ନୀଳ ଚିହ୍ନ ରହିଛି। ତାର ମୁହଁ ମଧ୍ୟ ଫୁଲି ଯାଇଛି ଓ ଗୁପ୍ତାଙ୍ଗରେ ଆଘାତ ଲାଗିଛି। ଝିଅକୁ ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଛି। ଆମେ ନ୍ୟାୟ ଚାହୁଁଛୁ। ଝିଅର ହତ୍ୟାକାରୀକୁ କଠୋର ଦଣ୍ଡ ଦିଆଯାଉ' ବୋଲି ଖୁସ୍‌ବୁଙ୍କ ମା' ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଖୁସ୍‌ବୁ ୨୭ ବର୍ଷୀୟ କାସିମଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ଉଜ୍ଜୈନରୁ ଭୋପାଳ ଫେରିବା ବାଟରେ ଖୁସ୍‌ବୁ ଅସୁସ୍ଥ ହୋଇପଡ଼ିଥିଲେ। କିନ୍ତୁ କାସିମ ହସ୍ପିଟାଲରେ ରହିବା ପରିବର୍ତ୍ତେ ତାଙ୍କୁ ଛାଡି ପଳାଇଥିଲେ ବୋଲି ପୁଲିସ କହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁ ଦିଗରୁ ତଦନ୍ତ କରାଯିବ ବୋଲି ପୁଲିସ କହିଛି। ନ୍ୟାୟ ପାଇଁ ଖୁସ୍‌ବୁଙ୍କ ଭଉଣୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ନିବେଦନ କରିଛନ୍ତି।

## ଭୟଙ୍କର ପ୍ରଦୂଷଣ; ଦିଲ୍ଲୀ ପ୍ରଶ୍ୱାସରେ ବିଷ

ନୂଆଦିଲ୍ଲୀ, ୧୦।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଆହୁରି ଖରାପ ସ୍ତରରେ ପହଞ୍ଚିଛି। ଘନ କୁହୁଡି ଓ ତାପମାତ୍ର ହ୍ରାସ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଦିଲ୍ଲୀ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ପିଏମ୍ ୨.୫ ଓ ପିଏମ ୧୦ ଦୁଇଟିର ସ୍ତର ଅତି ଖରାପ ହୋଇଯାଇଛି। ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ଲୋକେ ବାଧ୍ୟ ହେଉଛନ୍ତି। ଏଥିସହ (ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ)ଜିଆରଏପି-୨ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଛି। ଦୀପାବଳି ପରେ ଦିଲ୍ଲୀରେ ପ୍ରଦୁଷଣ ଆହୁରି ଖରାପ ସ୍ଥିତିରେ ପହଞ୍ଚିଛି। ଏହି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆ ଗେଟ୍ ନିକଟରେ ପିଲାମାନଙ୍କ ସହ ସେମାନଙ୍କ ପିତାମାତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣକୁ ଆଣିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏମାନେ ଦାବି କରିଛନ୍ତି। ବିନା ଅନୁମତିରେ ଇଣ୍ଡିଆ ଗେଟ୍ ନିକଟରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିବାରୁ କେତେଜଣଙ୍କୁ ଅଟକ ରଖାଯାଇଛି ବୋଲି ଦିଲ୍ଲୀ ପୁଲିସ କହିଛି। କେବଳ ଜନ୍ତରମନ୍ତରରେ ଆନ୍ଦୋଳନ ତଥା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଅନୁମତି ଦିଆଯାଇଛି। ତେବେ ନିୟମ ଅନୁସାରେ ଏଥିପାଇଁ ଅନୁମତିର ଆବଶ୍ୟକତା ଅଛି ବୋଲି ପୁଲିସ କହିଛି। ସୋମବାର ସକାଳ ୭ଟାରେ ଦିଲ୍ଲୀ ଏକ୍ୟୁଆଇ ୩୫୪ ଥିଲା। ଏହା ଅତ୍ୟନ୍ତ ଖରାପ ବର୍ଗରେ ରହିଥିବା ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) କହିଛି। ଏହା ରବିବାର ୩୯୦ ଥିଲା।

ଅନ୍ୟ ସ୍ଥାନଗୁଡିକରେ ଏକ୍ୟୁଆଇ ଆହୁରି ଖରାପ ରହିଛି। ଏକ୍ୟୁଆଇ ଆନନ୍ଦ ବିହାରରେ ୩୭୯, ଦିଲ୍ଲୀ ଆଇଟିଓରେ ୩୭୬, ଚାନ୍ଦିନୀ ଚୌକରେ ୩୬୦, ଅଖଲା ଫେଜ-୨ରେ ୩୪୮, ଜବାହରଲାଲ ନେହେରୁ ଷ୍ଟାଡିୟମରେ ୩୧୬ ଓ ଇନ୍ଦିରାଗାନ୍ଧୀ ବିମାନ ବନ୍ଦର ଟର୍ମିନାଲ-୩ରେ ୩୦୫ ରହିଛି। ସେହିପରି ନୋଏଡାରେ ଏକ୍ୟୁଆଇ ୩୪୨, ସେକ୍ଟର-୧ରେ ୩୨୫ ଓ ସେକ୍ଟର ୧୧୬ରେ ୩୩୯, ଗ୍ରେଟର ନୋଏଡା ନଲେଜ ପାର୍କ-୩ ଓ ୫ରେ ଯଥାକ୍ରମେ ୩୧୬ ଓ ୩୧୪ ରହିଛି। ଅନ୍ୟପଟେ ଗୁରୁଗ୍ରାମ ସେକ୍ଟର ୫୧ରେ ଏକ୍ୟୁଆଇ ୩୨୭ ରହିଛି। ସେହିପରି ଫରିଦାବାଦ୍‌ର ନ୍ୟୁ ଇଣ୍ଡଷ୍ଟ୍ରିଆଲ ଟାଉନ୍ ଓ ସେକ୍ଟର ୧୧ରେ ଏକ୍ୟୁଆଇ ଯଥାକ୍ରମେ ୨୩୦ ଓ ୨୩୮ ରହିଛି। ରବିବାର ଦିଲ୍ଲୀ ସର୍ବାଧିକ ତାପମାତ୍ରା ୨୮.୧ ଓ ସର୍ବନିମ୍ନ ୧୧.୭ ରହିଥିଲା ଏବଂ ଏହା ସାଧାରଣ ତାପମାତ୍ରାଠାରୁ ଯଥେଷ୍ଟ କମ୍ ରହିଥିଲା।



ଭିଏନାର ସ୍ୱଚ୍ଛ ଆକାଶ (ବାମ) ଏବଂ ଦିଲ୍ଲୀର ପ୍ରଦୂଷିତ ଆକାଶ (ଡାହାଣ)ର ଦୃଶ୍ୟ। ଭିଏନାରୁ ଦିଲ୍ଲୀ ଆସିଥିବା ଏକ ବିମାନରୁ ଜଣେ ଯାତ୍ରୀ ଏହି ଫଟୋ ଉତ୍ତୋଳନ କରିଛନ୍ତି।





ନୂଆପଡ଼ା ଉପନିର୍ବାଚନ ପାଇଁ ବୁଥ୍ ଅଭିମୁଖେ ପୋଲିଂ କର୍ମଚାରୀ ଓ ସୁରକ୍ଷା କର୍ମୀ

■ ବେଆଇନ ମାଛ ଧରା

## ଆନ୍ଧ୍ରପ୍ରଦେଶର ଦୁଇ ଡଙ୍ଗା ଜବତ

ଛତ୍ରପୁର,୧୦ ।୧୧(ସମିସ): ଆର୍ଯ୍ୟପଲ୍ଲୀ ସମୁଦ୍ରକୁ ବେଆଇନ ଭାବେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଅଧିକାଂଶ ସମୟରେ ବଡ଼ ବଡ଼ ଡଙ୍ଗା ଓ ଟ୍ରଲର ଆସି ଏଠାରେ ଜାଲରେ ମାଛ ମାରୁଥିବା ନେଇ ସ୍ଥାନୀୟ ମତ୍ସ୍ୟଜୀବୀ ମାନେ ବହୁବାର ଅଭିଯୋଗ କରିଆସୁଥିଲେ। ସୋମବାର କିଛି ବଡ ବଡ ଡ଼ଙ୍ଗା କାକିନାଡା ଓ ବିଶାଖାପଟନମରୁ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ମାଛ ମାରୁଥିବା ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ଜାଣିପାରି ଦୁଇଟି ଡଙ୍ଗାକୁ ଜବତ କରି ଜେଟି ନିକଟକୁ ଆଣିଥିଲା। ସୀମା ପାର କରି ବେନିୟମ ଭାବେ ମାଛ ମାରୁଥିବାରୁ ସେମାନଙ୍କ ମତ୍ସ୍ୟଜୀବୀ ମାନଙ୍କୁ ବିଭାଗ ପକ୍ଷରୁ ତାଗିଦ କରାଯାଇଥିଲା। ପରେ ଦୁଇ ଡଙ୍ଗାକୁ ଛଡାଯାଇଥିଲା। ଯେପରି ଏହାର ପୁନାରୁବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦେବାକୁ ସେମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଯଦି ପୁଣି ବେନିୟମ ଭାବେ ଏଠାକୁ ଆସି ମାଛ ଧରିବ ସେମାନଙ୍କ ଡଙ୍ଗାକୁ ଜବତ କରାଯିବ ବୋଲି ଛତ୍ରପୁର ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ମେ ୩୧ ପର୍ଯ୍ୟନ୍ତ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ଯାଏଁ ନୋ ଫିସିଂ ଜୋନ ରହିଛି। ବେନିୟମ ଭାବେ ଆନ୍ଧ୍ରରୁ ବଡ ବଡ ଡଙ୍ଗା ଓ ଟ୍ରଲର ଆସି ବଡ ବଡ ଜାଲରେ ବେନିୟମ ଭାବେ ମାଛ ଧରି ନେଇଯାଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବିଙ୍କ ଛୋଟ ଡଙ୍ଗା ଓ ଜାଲ ଥିବାରୁ ସେମାନଙ୍କ ଜାଲରେ ମାଛ ସଂଖ୍ୟା କମିଯାଉଥିଲା ଏନେଇ ସେମାନେ ବହୁବାର ଅଭିଯୋଗ କରିଆସୁଥିଲେ।

## ପ୍ରେମିକାର ବେକ କାଟିଦେଲା ପ୍ରେମିକ

ବାରିପଦା/କରଞ୍ଜିଆ, ୧୦।୧୧(ସମିସ): ଅନ୍ୟ ଜଣଙ୍କ ସହ ଫୋନ୍‌ରେ କଥା ହେବାରୁ ପ୍ରେମିକାର ତଣ୍ଟି କାଟିଦେଲା ପ୍ରେମିକ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଇଟାମୁଣ୍ଡି ଛକ ନିକଟରେ ଏଭଳି ଏକ ଘଟଣା ଘଟିଛି। ଗୁରୁତର ପ୍ରେମିକାକୁ ଯଶିପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଅଭିଯୁକ୍ତ ପ୍ରେମିକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଜଣେ ଯୁବକ ଯଶିପୁର ଥାନା ମହାରାଜପୁର ଗାଁର ଏକ ଭଡ଼ାଘରେ ରହୁଥିଲେ। ସେଠାରେ ତାଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ସବୁ ଠିକ୍‌ଠାକ୍ ଚାଲିଥିଲା। ରବିବାର ବିଳମ୍ବିତ ରାତିରେ ଯୁବତୀଜଣଙ୍କ ଅନ୍ୟ କାହା ସହ ଫୋନ୍‌ରେ ଦୀର୍ଘ ସମୟ ଧରି କଥା ହେଉଥିଲେ। ଏପଟେ ବାରମ୍ବାର ଫୋନ୍ କରି ନିରାଶ ହେବାରୁ ଯୁବକଜଣଙ୍କ ସନ୍ଦେହ କରିଥିଲେ ଏବଂ ରାତିରେ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କୁ ଫୋନ୍ କାଟିବାକୁ କହିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକଜଣଙ୍କ ଏକ ବ୍ଲେଡ୍‌ରେ ପ୍ରେମିକାର ବେକକୁ କାଟି ଦେଇଥିଲେ।

## ନଦୀକୁ ମାଛ ଧରିବାକୁ ଯାଇ ବୃଦ୍ଧ ନିଖୋଜ

ମୋରଡ଼ା/ରାସଗୋବିନ୍ଦପୁର, ୧୦।୧୧ (ସମିସ): ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କମାରଗଡ଼ିଆ ପଞ୍ଚାୟତ କାନ୍ଥଗାଁ ଦେଇ ଯାଇଥିବା ନଦୀରେ ମାଛ ଧରିବାକୁ ଯାଇଥିବା ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ବୃଦ୍ଧଜଣଙ୍କ ହେଲେ, ନାକିଚୁଆ ପଞ୍ଚାୟତ ଡେଙ୍ଗାଆମ୍ବ ଗାଁର ରାଧାଗୋବିନ୍ଦ ବେହେରା। ଦୁଇ ସାଙ୍ଗଙ୍କ ସହ ରାଧାଗୋବିନ୍ଦ ରାତିରେ ନଦୀରେ ଖଡା ପକାଇ କିଛି ଦୂରରେ ଶୋଇଥିଲେ। ରାତିରେ ରାଧାଗୋବିନ୍ଦ ଉଠି ଗୋଟିଏ ଖଡ଼ା ଉପରକୁ ଉଠାଉଥିବା ବେଳେ ନଦୀରେ ଭାସି ଯାଇଥିଲେ।

ବାଘୁଣୀ 'ଜିନତ୍' ଗର୍ଭଧାରଣକୁ ନେଇ ଦ୍ୱନ୍ଦ୍ୱ

# ୨୦୦ ଦିନ ହେଲା କୋଳ ଖାଲି

ବାରିପଦା, ୨୧୭ (ମନୋଜ ପଣ୍ଡା): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ସହ ଏଠାକାର କଳାବାଘଙ୍କ ଜେନେଟିକ୍ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନ୍‌ର ସଫଳତା ଘୁଞ୍ଚିଘୁଞ୍ଚି ଯାଉଛି। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଆସିଥିବା ୩ ବର୍ଷୀୟ ବାଘୁଣୀ ଜିନତ୍ ମା' ହେବାକୁ ଯାଉଛି ବୋଲି ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ପ୍ରେମ କୁମାର ଝା ଜୁଲାଇ ପହିଲାରେ କହିଥିଲେ। ହେଲେ ଧାର୍ଯ୍ୟ ସମୟକୁ ୨ ମାସ ବିତିବା ପରେ ମଧ୍ୟ ଜିନତ ଶାବକ ଜନ୍ମ ଦେବା ନେଇ କୌଣସି ସୂଚନା ନାହିଁ। ଏନେଇ ଶିମିଳିପାଳ କର୍ତ୍ତୃପକ୍ଷ ମଧ୍ୟ ନିରବ।

ପ୍ରକାଶ ଥାଉକି, ଶିମିଳିପାଳରେ କଳାରଙ୍ଗର ବାଘ(ମେଲାନିଷ୍ଟିକ୍ ଟାଇଗର୍) ଦେଖାଯିବା ଯଦିଓ ବିରଳ, କିନ୍ତୁ ଏହା ଏକ ଜିନ୍‌ଗତ ବିକୃତି ବୋଲି ବେଙ୍ଗାଲୁରର ନ୍ୟାସନାଲ ସେଣ୍ଟର୍ ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗ ସୂଚନା ଦେଇଥିଲା। ଏହାକୁ ରୋକିବା ପାଇଁ ଅନ୍ୟ ରାଜ୍ୟରୁ ମାଈ ବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ଶିମିଳିପାଳର ଆଗାମୀ ପିଢ଼ିର ବାଘଙ୍କ ଜିନ୍‌ରେ ପରିବର୍ତ୍ତନ ଘଟିବ ଏବଂ ଧୀରେଧୀରେ ଏହି ବିକୃତି ନିୟନ୍ତ୍ରଣକୁ ଆସିପାରିବ ବୋଲି କୁହାଯାଇଥିଲା। ତଦନୁସାରେ ନ୍ୟାସନାଲ ଟାଇଗର କନର୍ଜଭେସନ ଅଥରିଟି (ଏନଟିସିଏ) ପକ୍ଷରୁ ଦୁଇଟି ବାଘୁଣୀ ଆଣିବାକୁ ସ୍ଥିର କରାଯାଇଥିଲା। ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୨ ବାଘୁଣୀ ଯମୁନା ଓ ଜିନତକୁ ଶିମିଳିପାଳ ଅଣାଯାଇଥିଲା। ଗତ ଜୁଲାଇରେ ଜିନତ୍ ମା' ହେବ ବୋଲି ପିସିସିଏଫ୍ ଶ୍ରୀ ଝା କହିବା ପରେ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅଗଷ୍ଟ ଶେଷ ସପ୍ତାହ କିମ୍ବା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ବାଘଛୁଆ ଜନ୍ମ ନେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ନଭେମ୍ବର ଅଧା ହେବାକୁ ଆଉ ୫ ଦିନ ଥିବା ବେଳେ ଏଯାଏ ଜିନତ୍‌ର ଛୁଆ ସଂପର୍କରେ କିଛି ଜଣାପଡ଼ିନାହିଁ।

ମେ' ମାସ ଦ୍ୱିତୀୟ ସପ୍ତାହ ଆଡ଼କୁ ୧୧ବର୍ଷୀୟ ମେଲାନିଷ୍ଟିକ୍ ଟି-୧୨ ମହାବଳ ବାଘ ସହ ଜିନତ୍‌ର ମିଳନ ହୋଇଥିଲା। ପରେ ତା'ର ସ୍ୱଭାବରେ ପରିବର୍ତ୍ତନ ଆସିଥିଲା। ଦୀର୍ଘ ୨୫-୩୦ ବର୍ଗକିମି ଅଞ୍ଚଳକୁ ସେ ନିଜର ଇଲାକା ଭାବେ ଗ୍ରହଣ କରିଥିଲା। ଯମୁନାଗଡ଼ରୁ ଗୁଡୁଗୁଡିଆ ମଧ୍ୟରେ ଖଞ୍ଜାଯାଇଥିବା ଟ୍ରାପ ଓ ଏଆଇ କ୍ୟାମେରାରେ ଉଭୟଙ୍କ ଫୁଟେଜ କଏଦ ହୋଇଥିଲା। ଉଭୟଙ୍କ ସହ ଶାରୀରିକ ମିଳନ ହେବା ପରେ ଜିନତ୍ ମା' ହେବାକୁ ଯାଉଛି ବୋଲି ଆଶା ଥିଲା। ସାଧାରଣତଃ ମିଳନର ୧୦୫ରୁ ୧୨୦ ଦିନ ମଧ୍ୟରେ ମହାବଳ ବାଘୁଣୀ ଶାବକକୁ ଜନ୍ମ ଦେଇଥାଏ। କିନ୍ତୁ



ତଦନୁସାରେ ଆହୁରି ୭୦ ଦିନ ଅତିକ୍ରାନ୍ତ ହେଲାଣି, ହେଲେ ଜିନତ ବିନା ଶାବକରେ ଚଳପ୍ରଚଳ କରୁଛି। ଜିନତ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଏକ ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଥିଲେ ମଧ୍ୟ ବିଭାଗୀୟ ସୂଚନା କିଛି ନାହିଁ।

ଅପରପକ୍ଷରେ ବାଘୁଣୀ ଯମୁନା ଏ ପର୍ଯ୍ୟନ୍ତ ସାଥୀ ନ ପାଇ କୁଲଡିହା ଓ ହଦଗଡ଼ ଅଭୟାରଣ୍ୟରେ ଚଳପ୍ରଚଳ କରୁଛି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ସହ ବାଘର ଜେନେଟିକ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନର ସଫଳତା ବିଳମ୍ବିତ ହେଉଛି।

ଏ ସଂପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଡ. ପ୍ରକାଶଚାନ୍ଦ ଗୋଗେନାନୀ କହିନ୍ତି ଯେ ବାଘୁଣୀ ଜିନତ୍ ବର୍ତ୍ତମାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ମୁଖ୍ୟ ଅଞ୍ଚଳରେ ବିଚରଣ କରୁଛି। ତାକୁ ମୁକ୍ତ କରାଯିବା ପରେ ସେ ଅଧିକାଂଶ ସମୟ ମୁଖ୍ୟ ଅଞ୍ଚଳରେ ରହିବା ସହ ସମ୍ବର, ଚିତଲ, ବଣୁଆ ପଶୁର ଆଦି ବନ୍ୟଜନ୍ତୁଙ୍କୁ ଶିକାର କରୁଥିବା ନଜର ଆସୁଛି ଏବଂ ୨୪/୭ ଟ୍ରାକିଂ ଟିମ୍ ଦ୍ୱାରା ନିରୀକ୍ଷଣ କରୁଛୁ। ତାର ଅବସ୍ଥାନ ସମ୍ପର୍କରେ ସାଟେଲାଇଟ୍ ମାଧ୍ୟମରେ ନିୟମିତ ଅପଡେଟ୍ ମିଳୁଛି। ସେ ଏବେ ସୁସ୍ଥ ଅଛି ଏବଂ ଭଲ ରହିଥିବା ବେଳେ ଯମୁନା ଏବେ ଶିମିଳିପାଳ ଲ୍ୟାଣ୍ଡସ୍କେପରେ ବିଚରଣ କରୁଛି। ତେବେ ଏକ ମୁକ୍ତ-ବିଚରଣଶୀଳ ଜଙ୍ଗଲୀ ଜନ୍ତୁର ଗର୍ଭଧାରଣ ସ୍ଥିତି ବିଷୟରେ ଆମେ କେବେ ହେଲେ ନିଶ୍ଚିତ ଭାବେ ଜାଣିପାରିବା ନାହିଁ। ନମୁନା ସଂଗ୍ରହ ବିନା କେବେ ହେଲେ ସ୍ପଷ୍ଟ କରିପାରିବୁ ନାହିଁ। ମୁଖ୍ୟ ଅଞ୍ଚଳରେ ସ୍ଥାପିତ କ୍ୟାମେରା ଟ୍ରାପ୍ ଜିନତ୍‌ର ଫଟୋ ଉଠାଯାଉଛି, ଯାହା ତାଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ନିରୀକ୍ଷଣରେ ସହାୟକ ହେଉଛି ବୋଲି ସେ କହିଛନ୍ତି।

## ସୂର୍ଯ୍ୟସ୍ନାତ ତ୍ରିପାଠୀ ପାଇବେ 'ସୋଆ ଯୁବ ସାହିତ୍ୟ ପୁରସ୍କାର

ଭୁବନେଶ୍ୱର,୧୦।୧୧(ସମିସ): ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ପୁରସ୍କାର ୨୦୨୫ ପ୍ରଦାନ କରାଯିବ। ଆସନ୍ତା ୩୦ ତାରିଖରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ବର୍ଷା ପ୍ରକାଶନୀ ଦ୍ୱାରା ୨୦୨୪ରେ ପ୍ରକାଶିତ ଶ୍ରୀ ତ୍ରିପାଠୀଙ୍କର କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଚି ନାରଙ୍ଗ' ନିମନ୍ତେ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।



୧୯୯୧ ମସିହାରେ ଜନ୍ମିତ ଶ୍ରୀ ତ୍ରିପାଠୀଙ୍କର ୭ଟି କବିତା ସଂକଳନ, ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ପ୍ରକାଶ ପାଇଛି। ସେ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡିଆ ଅନୁବାଦ କରିଛନ୍ତି। ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ସମ୍ମାନିତ ଶ୍ରୀ ତ୍ରିପାଠୀ ହାଇଦ୍ରାବାଦସ୍ଥିତ ନାଟକ ସଂସ୍ଥା 'କାସ', 'କିସ୍ ସା ଗୋ' ଏବଂ 'ପ୍ଲେ ଅଫ୍ ଶିବା' ଭଳି ଅନୁଷ୍ଠାନଗୁଡିକ ନିମନ୍ତେ ନାଟକର ସଂଳାପ ଲେଖିଥିବା ବେଳେ 'ବୋତଲ ଅର୍ଜ ହେ, ଲାଷ୍ଟ ୱିସ, ଜେନେରେସନ୍ସ ଅଫ୍ ନ୍ୟୁଟନ୍ ଭଳି ନାଟକର ସଂଳାପ ଲେଖିଛନ୍ତି। ନିକଟରେ ସେ ଓଡ଼ିଆ ସିନେମା ଇନ୍ଦ୍ରଧନୁ ସମେତ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' (ଓଡ଼ିଆ) ଏବଂ 'ଖିଡ଼କିଆଁ' (ହିନ୍ଦୀ) ନିମନ୍ତେ ସଂଳାପ ରଚନା କରିଛନ୍ତି। ପୁରସ୍କାର ପାଇଁ ମନୋନୀତ ହୋଇଥିବା ତାଙ୍କ କ୍ଷୁଦ୍ର ଗଳ୍ପ ସଂକଳନରେ ୧୨ଟି ଗଳ୍ପ ରହିଛି। ଏଥିରେ ଲେଖକ ମଣିଷର ମନସ୍ତତ୍ୱ ଏବଂ ସମସାମୟିକ ଅନୁଭୂତିର ନିଛକ ପରିପ୍ରକାଶ କରିଛନ୍ତି। ତାଙ୍କର କବିତା ପରି ସ୍ୱପ୍ନ ଏବଂ ପ୍ରେମ ତାଙ୍କ ଗଳ୍ପର ମୁଖ୍ୟ ସ୍ୱର। ଶ୍ରୀ ତ୍ରିପାଠୀ ସଂପ୍ରତି ଆଇଆଇଟି ରୋପାର୍ ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି।

କବିତା, ଗଳ୍ପ, ଉପନ୍ୟାସ ଆଦି ସାହିତ୍ୟର ସୃଜନାତ୍ମକ କ୍ଷେତ୍ରରେ ଲେଖୁଥିବା ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦେବା ସହ ଉତ୍ସାହିତ କରିବା ନିମନ୍ତେ ଚଳିତ ବର୍ଷଠାରୁ ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରିବା ନିମନ୍ତେ ସ୍ଥିର କରାଯାଇଛି। ମନୋନୀତ ସାହିତ୍ୟିକଙ୍କୁ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ରୌପ୍ୟ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯିବ। ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଏବଂ ଚିନ୍ତକ ଜାଭେଦ ଅଖତରଙ୍କୁ ଭାରତୀୟ ସିନେମା ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ଜୀବନବ୍ୟାପୀ ସାଧନା ଏବଂ ଅବଦାନ ନିମନ୍ତେ ନଭେମ୍ବର ୨୯ ତାରିଖରେ ଆରମ୍ଭ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ମାନିତ କରାଯିବ। ସୋଆ ପରିଚାଳିତ ସେଣ୍ଟର ଫର୍ ପ୍ରିଜର୍ଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ତାରିଖରେ ଏହି ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଛି। ଚଳିତ ବର୍ଷର ପ୍ରସଙ୍ଗ ରହିଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଉତ୍ସବରେ ଦେଶର କୋଣଅନୁକୋଣରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ଦିନିଆ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି 'ପ୍ରାଚୀନ'ର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସୂଚନା ଦେଇଛନ୍ତି।

## ପିଣ୍ଟୁ ଦାଶଙ୍କ ପିଟିସନର ଶୁଣାଣି ଶେଷ; ରାୟ ସଂରକ୍ଷିତ

ବ୍ରହ୍ମପୁର,୧୦।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ପକ୍ଷରୁ କୋର୍ଟରେ ବରିଷ୍ଠ ଆଇନଜୀବୀ କୈଳାସ ପଣ୍ଡା ପିଟିସନ ଦାଖଲ କରିଛନ୍ତି। ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଦାଖଲ ହୋଇଥିବା ପିଟିସନରେ ମୁଖ୍ୟତଃ ପିଣ୍ଟୁଙ୍କ ସ୍ୱାସ୍ଥ୍ୟଗତ ତଥା ପାରିବାରିକ ସମସ୍ୟା ଦର୍ଶାଇ ବିଭିନ୍ନ ସୁବିଧା ଓ ସୁଯୋଗ ପ୍ରଦାନ କରିବାକୁ ନିବେଦନ କରାଯାଇଛି। ବ୍ରହ୍ମପୁର ଜେଲରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତାଙ୍କୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ତେବେ ପିଣ୍ଟୁ ଜଣେ ରକ୍ତଚାପ ରୋଗୀ ହୋଇଥିବାରୁ ତାଙ୍କୁ ଜୋତା ପିନ୍ଧିବା ଓ ସ୍ୱାସ୍ଥ୍ୟପୂର୍ଣ୍ଣ ଖାଦ୍ୟ ଖାଇବା ସହ ସେ କାନରେ ପିନ୍ଧିଥିବା କୁଣ୍ଡଳ ବାହାର ନ କରିବା ପାଇଁ କୋର୍ଟରେ ନିବେଦନ କରାଯାଇଛି। ସେହିଭଳି ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ପରିବାରବର୍ଗ ବ୍ରହ୍ମପୁରରେ ଅଛନ୍ତି। ଏଣୁ ଇ-ମୁଲାକାତ ମାଧ୍ୟମରେ ପରିବାର ସଦସ୍ୟଙ୍କ ସହ ସାକ୍ଷାତ କରିବାର ସୁଯୋଗ ଉପଲବ୍ଧ କରାଇବାକୁ ପିଣ୍ଟୁ କୋର୍ଟଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। ଏହି ପିଟିସନ୍ ଉପରେ ସୋମବାର ଶୁଣାଣି ଶେଷ ହୋଇଥିବା ବେଳେ ମଙ୍ଗଳବାର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।


**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** — **Dated: 24/01/2025**

To,
The Addl. Chief Secretary,
Forest, Environment & CC Deptt.,
Government of Odisha,
Bhubaneswar – 751 001

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasilof Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

## ୩ ପ୍ରମୁଖ ଦାବି
# ବାଲିଆପାଳରୁ ବାଲେଶ୍ୱର ଯୁବ କଂଗ୍ରେସର ପଦଯାତ୍ରା

ବାଲିଆପାଳ, ୧୦।୧୧ (ସମିସ)

ବାଲିଆପାଳ ଏନ୍ଏସିରୁ ବାଦ ପଡ଼ିବା, ସୁବର୍ଣ୍ଣରେଖା ନଦୀରେ ଆସୁଥିବା ପ୍ରଳୟଙ୍କରୀ ବନ୍ୟାରୁ ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୬୦ ହଜାର ଲୋକଙ୍କ ଜୀବନ ଜୀବିକାକୁ ରକ୍ଷା କରିବା ପାଇଁ ଯଥାଶୀଘ୍ର ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା ଏବଂ ବାଲିଆପାଳରେ ଥିବା ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାଲିଆପାଳ ଓ ପ୍ରତାପପୁରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପ୍ରଭୃତି ପ୍ରମୁଖ ଦାବି ନେଇ ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ଡାକରାରେ ଏକ ବିଶାଳ ପଦଯାତ୍ରା ଆରମ୍ଭ ହୋଇଛି। କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ଆଜି ସକାଳେ ବାଲିଆପାଳ ପୁରୁଣା ବସ୍ଷ୍ଟାଣ୍ଡ ନିକଟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ବାଲିଆପାଳ ବ୍ଲକ କଂଗ୍ରେସର ବରିଷ୍ଠ ନେତା ମୁରଲୀ ମୋହନ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ, ମଧୁସୂଦନ ବାରିକ,




ଜଗନ୍ନାଥ ବିଶ୍ୱାଳ, ଅରୁଣ ଜେନା, ନରହରି ଜେନା, ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ ପ୍ରମୁଖ ନେତୃବୃନ୍ଦ ନଡ଼ିଆ ବାଡ଼େଇ ଓ ପତକା ହଲାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଆରମ୍ଭ ସମୟରେ ପ୍ରଥମେ ବସ୍ଷ୍ଟାଣ୍ଡ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ଆରମ୍ଭ କରାଯାଇଥିଲା। ପରେ ବ୍ଲକ ଛକ ନିକଟରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ନୂତନ ବାଲିଆପାଳର ବିଶ୍ୱକର୍ମା ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଯୁବ କଂଗ୍ରେସର ଶତାଧିକ କର୍ମୀ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରି ଯାଇଥିଲେ। ପଦଯାତ୍ରାରେ ଯାଇଥିବା ଯୁବ କଂଗ୍ରେସର କର୍ମୀମାନେ ଆଜି ସନ୍ଧ୍ୟାରେ ସଦର ବ୍ଲକ ହଳଦିପଦାଠାରେ ରାତ୍ରୀ ଯାପନ କରି ଆସନ୍ତାକାଲି ମଙ୍ଗଳବାର ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବେ ବୋଲି ଜଣାପଡିଛି। ଆଜିର ଏହି ପଦଯାତ୍ରାରେ ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗ, ବ୍ଲକ ଯୁବ କଂଗ୍ରେସ ସଭାପତି ସୁବାଷ ନାୟକ, ସମ୍ପାଦକ ବିକାଶ ବାରିକ, ସରୋଜ ପିଲା, ହୃଷୀକେଶ ପଣ୍ଡା, ଶାନ୍ତନୁ ମହାପାତ୍ର, ରଞ୍ଜନ ଦେ, ଅବନୀ ପାତ୍ର, ଅଶ୍ୱୀନୀ ଦାସଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

ପ୍ରକାଶ ଥାଉ କି ରାଜ୍ୟର ବିଭିନ୍ନ ସ୍ଥାନକୁ ରାଜ୍ୟ ସରକାର ଏନଏସି ଘୋଷଣା କରିଥିଲେ ମଧ୍ୟ ବାଲିଆପାଳ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଥିଲେ ହେଁ ବାଲିଆପାଳକୁ ଅଣଦେଖା କରିବା ପ୍ରତିବାଦରେ ବିଭିନ୍ନ ଦଳ ତଥା ସଂଗଠନ ପକ୍ଷରୁ ବିକ୍ଷୋଭ, ବନ୍ଦ ତଥା ଶୋଭାଯାତ୍ରା କରାଯାଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଛି। ସେଥିରେ ସଫଳତା ନ ମିଳିବା ଯୋଗୁଁ ଯୁବ କଂଗ୍ରେସ ପକ୍ଷରୁ ଏଭଳି ଏକ ନିଆରା ପଦକ୍ଷେପ ନିଆଯାଇଛି। ତେବେ ସମୟ କହିବ ବାଲିଆପାଳ ବାସୀଙ୍କ ବହୁ ପ୍ରତିକ୍ଷିତ ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଏବଂ ଏନ୍ଏସି ଘୋଷଣା ପ୍ରମୁଖ ଦାବି ସରକାର କେବେ ପୂରଣ କରୁଛନ୍ତି।

## ଔଷଧ, ଚା' ଓ ପାନ ଦୋକାନ ଉପରେ ଚଢ଼ଉ

ରାଜଘାଟ, ୧୦।୧୧ (ସମିସ): ବସ୍ତା ଥାନା ଗାନ୍ଧିଛକ ଓ ବସ୍ତା ବଜାରରେ ଥିବା ବିଭିନ୍ନ ଔଷଧ ଦୋକାନ, ଚା ଓ ପାନ ଦୋକାନ ଉପରେ ଆଜି ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଥିଲା। ଗୁଟଖା, ସିଗାରେଟ୍, ପାନ ମସଲା ରଖିଥିବାରୁ ଅନେକ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ ହୋଇଛି। ଆଜି ଦିନ ଦଶଟା ସମୟରେ ବାଲେଶ୍ୱର ଡ୍ରଗ୍ସ ଇନ୍ସପେକ୍ଟର ମୁକ୍ତିନନ୍ଦା ଶତପଥି, ଅବକାରୀ ଏସ୍ଆଇ ପ୍ରଜ୍ଞାପ୍ରିୟା ନାୟକ ଓ ପୁଲିସ ଏଏସଆଇ ଉତ୍ତମ ସିଂଙ୍କ ନେତୃତ୍ୱରେ ଗାନ୍ଧିଛକ ଓ ବସ୍ତା ବଜାରରେ ଥିବା ପାନ ଦୋକାନ ଓ ଚା ଦୋକାନୀ ମାନଙ୍କ ଉପରେ ଚଢ଼ାଉ କରାଯାଇ ସେମାନଙ୍କ ଠାରୁ ୨୦୦ ଟଙ୍କା ଲେଖାଏଁ ଫାଇନ ଆଦାୟ କରାଯାଇଥିଲା। ଏଥି ସହିତ ଡ୍ରଗ୍ସ ବିଭାଗ ପକ୍ଷରୁ ବିଭିନ୍ନ ଔଷଧ ଦୋକାନ ଗୁଡିକ ଉପରେ ଚଢ଼ଉ କରି ବହୁ କଫ ସିରପ ସବୁ ଜବତ କରାଯିବା ସହିତ ସେସବୁକୁ ଡ୍ରଗ ବିଭାଗ ଯାଞ୍ଚ ପାଇଁ ନେଇ ଯାଇଥିବା ଜଣାପଡିଛି।



## ରାଧାଗୋବିନ୍ଦଜୀଉ ଆଧ୍ୟାତ୍ମିକ ଚେତନା ସମିତିର ବାର୍ଷିକ ଉତ୍ସବ

ବାଲେଶ୍ୱର(ଉତ୍ତର),୧୦।୧୧(ସମିସ): ଆଧ୍ୟାତ୍ମିକ ଚେତନା ହିଁ ସୃଷ୍ଟି ରକ୍ଷାର ମାଧ୍ୟମ। ସମାଜକୁ ଶୃଙ୍ଖଳିତ କରିବା ପାଇଁ ଛାତ୍ର ଓ ଯୁବପିଢ଼ିଙ୍କ ପାଇଁ ଈଶ୍ୱର ଭକ୍ତି ଏକାନ୍ତ ଆବଶ୍ୟକ ବୋଲି ଭୋଗରାଇ ବଜାରସ୍ଥିତ ରାଧାଗୋବିନ୍ଦଜୀଉ ଆଧ୍ୟାତ୍ମିକ ଚେତନା ସମିତିର ୩୦ତମ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଅପରାହ୍ନରେ ଠାକୁରଙ୍କ ସେବାପୂଜା ଓ ସନ୍ଧ୍ୟାରେ ଆଳତୀ ସହିତ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ଧର୍ମସଭାକୁ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଉଦଘାଟନ କରିଥିଲେ। ଶିକ୍ଷାବିତ ଲକ୍ଷ୍ମୀନାରାୟଣ ଜେନା ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ବିଶିଷ୍ଟ ପ୍ରବଚକ ସତୀଶ ଚନ୍ଦ୍ର ପଣ୍ଡା ଯୋଗଦେଇ ସମାଜରେ ପ୍ରତିଦିନ ଘଟୁଥିବା ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଦୁର୍ନୀତି ଇତ୍ୟାଦିକୁ ରୋକିବାକୁ ହେଲେ ଈଶ୍ୱରଙ୍କ ଚିନ୍ତା, ଚେତନାର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଷମା କର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମିତିର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଜେନା ମଞ୍ଚ ଆହ୍ୱାନ, କୋଷାଧ୍ୟକ୍ଷ ଅଜୟ ବଲ୍ଲଭ ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ ଓ ନବୀନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭୁରାମ ପାତ୍ର, ବିପ୍ଲବ ଦାସ, ସୁଶାନ୍ତ ମିଶ୍ର, ଅମର ଚନ୍ଦ, ଅରୁଣ ସିଂ, ଜଗନ୍ନାଥ ଦେ, ପ୍ରଶାନ୍ତ ଦାସ, ଅମୁଲ୍ୟ ସାହୁ, ରମଣୀ ଦଣ୍ଡପାଟ, ହରେକୃଷ୍ଣ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



## 'ମୁଁ ବି ହେବି ସାମ୍ବାଦିକ' ବକ୍ତୃତା ପ୍ରତିଯୋଗିତା



ବାଲେଶ୍ୱର (ଉତ୍ତର)/ଭୋଗରାଇ, ୧୦।୧୧ (ସମିସ) : ଭୋଗରାଇ ବ୍ଲକ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପରିସରରେ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ସୋମବାର ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଯୁକ୍ତ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ମିଶ୍ର ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଅଧିକାରୀ ଓ ପ୍ରଫେସର ବ୍ରଜବିହାରୀ ପତି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ପ୍ରତିଯୋଗିତାରେ ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଅଞ୍ଜଳିକା ପତି ପ୍ରଥମ, ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ରୀ ସ୍ୱସ୍ତିକା ଗିରି ଦ୍ୱିତୀୟ ଏବଂ ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ରୀ ସାଇସ୍ମିତା ପଣ୍ଡା ତୃତୀୟ ସ୍ଥାନ ପାଇଥିଲେ। ସେହିପରି ଯୁକ୍ତ ୩ ବର୍ଗରେ ପ୍ରଥମ ବର୍ଷ କଳା ଛାତ୍ରୀ ସ୍ନେହାଶ୍ରୀ ପାଣିଗ୍ରାହୀ ପ୍ରଥମ, ପ୍ରଥମ ବର୍ଷ କଳା ଛାତ୍ରୀ ଜ୍ୟୋତିପ୍ରଭା ଦତ୍ତ ଦ୍ୱିତୀୟ ଏବଂ ପ୍ରଥମ ବର୍ଷ କଳା ଛାତ୍ରୀ ପ୍ରିୟଙ୍କା ବେହେରା ତୃତୀୟ ହୋଇଥିଲେ। ବିଚାରକ ଭାବେ ଅଧ୍ୟାପକ ବିଜୟ କେତନ ପଟ୍ଟନାୟକ, ନୀଳକଣ୍ଠ ଖଣ୍ଡା, ଅଧ୍ୟାପିକା ତ୍ରିବେଣୀ ଧାରା କାର୍ଯ୍ୟ ତୁଲାଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାତୀୟ ସାମ୍ବାଦିକ ଦିବସରେ ପୁରସ୍କୃତ କରାଯିବ ବୋଲି ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳିଲା ବାଲିଆପାଳ ପୂର୍ବତନ ସୈନିକ ସଂଗଠନ



ବାଲିଆପାଳ, ୧୦।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳର ପୂର୍ବତନ ସୈନିକ ସଂଗଠନ ଦ୍ୱାରା ନଭେମ୍ବର ୮ ତାରିଖ ଶନିବାର ଦିନ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ସଂଗଠନର ସଭାପତି ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଣ୍ଟ କମଳ ଲୋଚନ ପିଳାଙ୍କ ଅଧ୍ୟକ୍ଷତାରେ ବାଲିଆପାଳର କରୁଆପଡ଼ାସ୍ଥିତ ସଂଗଠନ କାର୍ଯ୍ୟାଳୟ ନିକଟବର୍ତ୍ତୀ ଶିବ ମନ୍ଦିର ପରିସରରେ ପାଳନ କରାଯାଇଥିବା ଏହି ଶୁଭ ଅବସରରେ ଗ୍ରାମବାସୀଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ରହି ବନ୍ଦେ ମାତରଂ ଗାଇବା ସହ "ଭାରତ ମାତା କୀ ଜୟ" "ବନ୍ଦେ ମାତରଂ' ଆଦି ଜୟଘୋଷରେ ଦିଗ ଦିଗନ୍ତ ପ୍ରକମ୍ପିତ କରିଥିଲେ। ସଭାପତି ଶ୍ରୀ ପିଳା ଓ ଉପ ସଭାପତି ମନୋଜ କୁମାର ସି ଉପସ୍ଥିତ ସମୂହ ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟରେ କହିଥିଲେ ଯେ ୧୮୭୫ ମସିହା ନଭେମ୍ବର ୭ ତାରିଖ ଦିନ ବଙ୍ଗୀୟ କବି ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଏହି ଉଦବୋଧନୀ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂ ରଚନା କରିଥିଲେ ଏବଂ ୧୮୯୫ ମସିହାରେ ତତ୍କାଳୀନ କଂଗ୍ରେସର ଏକ ଅଧିବେଶନରେ ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଠାକୁର ପ୍ରଥମେ ଏହାକୁ ଗାଇଥିଲେ। ଦେଶଭକ୍ତ କ୍ରାନ୍ତିକାରୀମାନେ ନିଜ ପ୍ରେରଣାର ଉତ୍ସ ଭାବେ ସଦା ସର୍ବଦା ଏହି ସଂଗୀତକୁ ଗାନ କରୁଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବନ୍ଦେ ମାତରଂ ମୁଦ୍ରା ଓ ଏକ ବନ୍ଦେ ମାତରଂ ଡାକ ଟିକଟ ମଧ୍ୟ ଲୋକାର୍ପିତ କରିଛନ୍ତି। ଏହି ଉତ୍ସବର ସୁପରିଚାଳନାରେ ସଭାପତି ଓ ଉପ ସଭାପତିଙ୍କ ସହ ସଂଗଠନର ସମ୍ପାଦକ ରାଧାନାଥ ରାଉତ, ଶରତ କୁମାର ଦେ, ବିଜୟ କୁମାର ବେହେରା, ଗଙ୍ଗାଧର ପାତ୍ର, ପଦ୍ମଲୋଚନ ଚକ୍ରବର୍ତ୍ତୀ, ଚୈତନ୍ୟ ପ୍ରଧାନ, ରାମଚନ୍ଦ୍ର ଜେନା, ଶମ୍ଭୁନାଥ ଗିରି, ଶ୍ରୀଧର ସାହୁ, ରଜନୀ କାନ୍ତ ସିଂହ, ଶରତ ଚନ୍ଦ୍ର ଜେନା, ଦେବେନ୍ଦ୍ର ନନ୍ଦୀ, ଅଜୟ ଦାସ ଅଧିକାରୀ, ସୁଶାନ୍ତ ରାଉତ ଓ ରମାକାନ୍ତ ସାହୁ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ନୀଳଗିରି କଂଗ୍ରେସ ତରଫରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ନୀଳଗିରି, ୧୦।୧୧ (ସମିସ): ନବନିଯୁକ୍ତ କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କୁ ନୀଳଗିରି କଂଗ୍ରେସ ତରଫରୁ ଭବ୍ୟସମ୍ବର୍ଦ୍ଧନା ଜଣାଯାଇ ନୀଳଗିରି ମାଟିକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସିମୁଳିଆ ଛକଠାରୁ ଏକ ବାଇକ୍ ରାଲିରେ ନୀଳଗିରି ସହରଦେଇ ଜଗନ୍ନାଥମନ୍ଦିରକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରିବାପରେ ନୀଳଗିରି କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଏକ ବୈଠକରେ ନୀଳଗିରି, ବାହାନଗା ଏବଂ ଔପଦା ଅଞ୍ଚଳରୁ ଆସିଥିବା ଯୁବକଂଗ୍ରେସ, ଛାତ୍ରକଂଗ୍ରେସ ଏବଂ ମହିଳା କଂଗ୍ରେସ ସମେତ ବହୁ ବରିଷ୍ଠ ଏବଂ ଯୁବକଂଗ୍ରେସ ନେତା ସମ୍ମିଳିତ ହୋଇଥିଲେ। ପରେ ଯୁବନେତା ଆଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୁବନେତା ତପନ ରାଉତ, ମହିଳାନେତ୍ରୀ ଉର୍ମିଳା ମାଝୀ, ଓଡ଼ିଶା ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ସମ୍ପାଦିକା ପ୍ରତିମା ପଣ୍ଡା ଓ ଜ୍ୟୋସ୍ନା ସେନାପତି ପ୍ରମୁଖ ମଞ୍ଚାସିନ ରହି କଂଗ୍ରେସ ଦଳକୁ ଏକଜୁଟ ହୋଇ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ କଂଗ୍ରେସକର୍ମୀ ଓ ନେତା ସାମିଲ ହୋଇଥିଲେ।

## ଭାରସାମ୍ୟ ହରାଇ ନୟନଯୋରିକୁ ଖସିଲା ପିକ୍ଅପ୍

ରୂପସା,୧୦।୧୧ (ସମିସ): ରୂପସା ଥାନା ୬୦ ନମ୍ବର ଜାତୀୟ ରାଜପଥର ହୋଟେଲ ପିକିଲର ଶହେ ମିଟର ପୂର୍ବରୁ ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ନୟନଯୋରିକୁ ଖସିପଡ଼ିବାରୁ ଗାଡ଼ିଟି ଭାଙ୍ଗି ଚୁରମାର୍ ହୋଇଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ଆଜି ପୂର୍ବାହ୍ଣ ୯:୪୫ ସମୟରେ ଗୋଟିଏ ପିକଅପ ଯାଜପୁର ଅଭିମୁଖେ ଯିବା ସମୟରେ ରୂପସା ଥାନା ଅନତି ଦୂର ଏକ ପୋଲ ନିକଟରେ ଭାରସାମ୍ୟ ହରାଇ ନୟନଯୋରିକୁ ଖସିପଡ଼ିଥିଲା। ଏଥିରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି କ୍ରେନ ସହାୟତାରେ ପିକଅପଟିକୁ ପାଣିରୁ ଉଦ୍ଧାର କରି ମାମଲାଟିକୁ ରୂପସା ପୁଲିସକୁ ହସ୍ତାନ୍ତର କରିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।



## ମହିଳା କବାଡ଼ି; କିଟ୍ ଚାମ୍ପିଅନ



ବାଲିଆପାଳ, ୧୦।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଅନୁଷ୍ଠିତ ହୋଇଆସୁଥିବା ଐତିହାସିକ କୁଦ ମାନସିଂହ ବାଲିଯାତ୍ରାପଡ଼ିଆରେ ଉଭୟ ପୁରୁଷ ଓ ମହିଳା କବାଡି ଟୁର୍ଣ୍ଣାମେଣ୍ଟ ହୋଇଆସୁଛି। ରବିବାର ରାତିରେ ଫାଇନାଲ ଖେଳ ହୋଇଥିଲା। ଏହି ଖେଳରେ ସମୁଦାୟ ତିନୋଟି ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ପୁରୀ ଦାଣ୍ଡ ମୁକୁନ୍ଦପୁର ଦଳକୁ ଛଅ ପଏଣ୍ଟରେ ହରାଇ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିଅନ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ଗୋବିନ୍ଦ ପ୍ରସାଦ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିଅନ ଏବଂ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରେଫରି ରାଜୀବ କୁମାର ସାହୁ, ହେମନ୍ତ କୁମାର ପରିଡ଼ା, ପୁଲିନ କୁମାର ପରିଡ଼ା ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାହାସ କମିଟିର ସଭାପତି ମହେଶ୍ୱର ଜେନା, ବରିଷ୍ଠ ସଦସ୍ୟ ତଥା ଗାଁ ମୁଖିଆ ଅରୁଣ ପାତ୍ର, ଜଗବନ୍ଧୁ ବାରିକ ସନ୍ତୋଷ ପାତ୍ର, ପ୍ରତାପ ପାତ୍ର, ସଞ୍ଜୀବ ମହାଳିକ, ଚିତ୍ତରଞ୍ଜନ ପାତ୍ର, ସୁବୋଧ ପାତ୍ର, ସରୋଜ ସାହୁ, କ୍ଷିତିଶ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଠଟି ପୁରୁଷ ଦଳକୁ ନେଇ ଅନୁଷ୍ଠିତ ହୋଇଆସୁଥିବା ଖେଳ ୧୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ମୁଖ୍ୟ ପରିଚାଳକ ରଘୁନାଥ ଜେନା କହିଛନ୍ତି।

## ୨୧୮୧ ୟୁନିଟ୍ ରକ୍ତ ସଂଗ୍ରହ

ନୀଳଗିରି, ୧୦।୧୧ (ସମିସ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୭୧ତମ ଜନ୍ମଦିନ ଅବସରରେ ସମଗ୍ରଜିଲ୍ଲା ସମେତ ନୀଳଗିରି ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଯୁବ ସ୍ୱାଭିମାନ ମଞ୍ଚ ତରଫରୁ ବାଲେଶ୍ୱର ଜିଲ୍ଲାର ନୀଳଗିରି ସହରର ଡାକବଙ୍ଗଳା, ଖନ୍ତାପଡାର ମନିଷା ଜି.ଏନ.ଏମ କଲେଜ ଏବଂ ଔପଦା ଡିଗ୍ରୀ କଲେଜ ଔପଦାଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ନୀଳଗିରି ସହରର ୪ଟି ଜୋନରୁ ୧୬୮୮, ଔପଦା ଜୋନରୁ ୨୩୬ ଏବଂ ଖନ୍ତାପଡ଼ା ଜୋନରୁ ୨୫୭ୟୁନିଟ ରକ୍ତସଂଗ୍ରହ କରାଯାଇ ରକ୍ତଭଣ୍ଡାରକୁ ପଠାଯାଇଥିଲା। ତିନିଟି କେନ୍ଦ୍ରରୁ ମୋଟ ୨୧୮୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଛି। ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଈଶ୍ୱରଚନ୍ଦ୍ର ବେହେରା, ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ପ୍ରଦୀପ ପଣ୍ଡା, ଜିଲ୍ଲାର ସମସ୍ତ ବିଧାୟକପ୍ରାର୍ଥୀ ଯଥା ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ, ଜଳେଶ୍ୱରରୁ ବ୍ରଜ ପ୍ରଧାନ, ଭୋଗରାଇରୁ ଆଶିଷ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁ ପରିଡା, ବିଭୂପଦ ଦାସଙ୍କ ସମେତ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା ପ୍ରମୁଖ ସାଂସଦଙ୍କୁ ଶୁଭକାମନା ଜଣାଇଥିଲେ।

## ବାଲି ଚାଲାଣ ବନ୍ଦ ଦାବି

ବାଲିଆପାଳ, ୧୦।୧୧ (ସମିସ): ବାଲିଆପାଳ ଥାନା ଅଧୀନ ଅସ୍ତି ପଞ୍ଚାୟତର ବଡ଼ାପାଳ ଗ୍ରାମ ସୁବର୍ଣ୍ଣରେଖା ନଦୀପଠାରୁ ଗତ ବର୍ଷ ବର୍ଷ ଧରି ବାଲି ଚାଲାଣ ହେଉଛି। ବାଲି ମାଫିଆମାନେ ଅସ୍ତି ଗ୍ରାମପଞ୍ଚାୟତରେ ଆତଙ୍କରାଜ ସୃଷ୍ଟି କରି ସେମାନଙ୍କ ଜୀବନଚର୍ଯ୍ୟା ଅସ୍ତବ୍ୟସ୍ତ କରୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରତିଦିନ ସକାଳ ୫ଟାରୁ ଶତାଧିକ ବାଲି ବୋଝେଇ ଗାଡ଼ି ସମ୍ପୃକ୍ତ ସ୍ଥାନରୁ ନେଇଯାଉଛନ୍ତି। ଏହି ବେଆଇନ ଚାଲାଣକୁ ରୋକିବାକୁ ଯେତେ ଯେତେବେଳେ ଗ୍ରାମବାସୀ ପ୍ରୟାସ କରୁଛନ୍ତି ମାଫିଆମାନେ ତାଙ୍କୁ ଭୟଭୀତ କରାଇବା ସହ ଧମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ ଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ନଦୀପଠାରୁ ବାଲି ଉତ୍ତୋଳନ ଓ ପରିବହନ ଜାରି ରହିଛି। ଗ୍ରାମବାସୀଙ୍କ ମତରେ ଯଦି ଏହି ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଶୀଘ୍ର କଠୋର ପଦକ୍ଷେପ ନିଆ ନ ଯାଏ ନଦୀପଠା ବିଲୀନ ହୋଇଯିବ। ଏଭଳି ଚୋରା ବାଲି ଉତ୍ତୋଳନ ଜାରି ରହିଲେ ବନ୍ୟା ପ୍ରଭାବିତ ଗ୍ରାମଟି ନଦୀ ଗର୍ଭରେ ଲୀନ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ୪ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଜଘାଟ, ୧୦।୧୧ (ସମିସ): ବସ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଶିବମନ୍ଦିର ନିକଟରୁ ରବିବାର ବିଳମ୍ବିତ ରାତ୍ରିରେ ତିନୋଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଖଣି ବିଭାଗ କାବୁକରି ବସ୍ତା ପୁଲିସକୁ ହସ୍ତାନ୍ତର କରିଛି। ସୁବର୍ଣ୍ଣରେଖା ନଦୀର ଧିତପୁରା ବାଲି ଖାଦାନରୁ ତିନୋଟି ବାଲି ବୋଝେଇ କରି ଟୋଲଗେଟ ବଜାର ଅଭିମୁଖେ ଯାଉଥିବା ବେଳେ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ରାମଚନ୍ଦ୍ରପୁର ଶିବମନ୍ଦିର ନିକଟରେ ଅତର୍କିତ ଚଢଉ କରି ତିନୋଟି ଟ୍ରାକ୍ଟରକୁ କାବୁ କରିଥିଲେ। ଚାଳକ ମାନେ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ତିନୋଟି ଟ୍ରାକ୍ଟରକୁ ବସ୍ତା ପୁଲିସକୁ ହସ୍ତାନ୍ତର ହୋଇଛି। ସେହିପରି ଦେଭୋଗ ଖାଦାନରୁ ପାଉଁଶକୁଲି ଅଭିମୁଖେ ଯାଉଥିବା ଗୋଟିଏ ବେଆଇନ ବାଲି ବୋଝଇ ଟ୍ରାକ୍ଟରକୁ ସିଂଲା ଥାନା ମାଣିକପୁରା ନିକଟରୁ କାବୁକରି ସିଂଲା ଥାନାକୁ ହସ୍ତାନ୍ତର କରାଯାଇଛି। ଟ୍ରାକ୍ଟର ମାଲିକ ଜରିମାନା ଦାଖଲ ନ କଲେ ପୁଲିସ ପକ୍ଷରୁ ମାମଲା ରୁଜୁ ହେବ ବୋଲି ଖଣି ଅଧିକାରୀ ସୂଚନା ଦେଇଛନ୍ତି।

## ମଦ ଜବତ, ୪ ଗିରଫ

ଭୋଗରାଇ,୧୦।୧୧(ସମିସ): ଭୋଗରାଇ ଅବକାରୀ ଥାନା ପକ୍ଷରୁ ଭୋଗରାଇର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୮୧ ଲିଟର ଚୋରା ମଦ ସହିତ ୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ କାଉବଣୀ ଗ୍ରାମର ବାବୁଲା ଜେନାଙ୍କ ସ୍ତ୍ରୀ ପିଙ୍କି ଜେନା, ସେହି ଗ୍ରାମର କ୍ଷିତିଶ ଦଳାଇଙ୍କ ସ୍ତ୍ରୀ ଗୌରୀ ଦଳାଇ, ଦେଉଳା ପଞ୍ଚାୟତର ସରସ୍ୱତୀପୁର ଗ୍ରାମର ମୁରଲୀ ବେହେରାଙ୍କ ପୁଅ କହ୍ନେଇଲାଲ ବେହେରା, ସେହି ଗ୍ରାମର ବଂଶୀଧର ମହାନ୍ତିଙ୍କ ସ୍ତ୍ରୀ ଅଞ୍ଜଳି ମହାନ୍ତି ପାଖରୁ ୮୧ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ।

## ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ନୀଳଗିରି, ୧୦।୧୧ (ସମିସ)

କୁଲଡିହା ଅଭୟାରଣ୍ୟରେ ବସବାସ କରୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, କୁଲଡିହା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ପାଇଁ ଉଚ୍ଚନ୍ୟାୟାଳୟ, ଓଡିଶାଙ୍କ ପାଖରେ ଏକ ମାମଲା ବିଚାରାଧୀନ ରହିଛି। ଉଚ୍ଚନ୍ୟାୟାଳୟ କୁଲଡିହା ଅଭୟାରଣ୍ୟ ଭିତରେ ଜନବସତି, ସରକାରୀ ଅନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନକୁ ବାଦ ଦେଇ ସୀମା ନିର୍ଦ୍ଧାରଣ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଉଚ୍ଚନ୍ୟାୟାଳୟଙ୍କ ଆଦେଶ ଅନୁସାରେ କୁଲଡିହା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ହୋଇ ନାହିଁ। ଏଠାରେ ଇକୋ ସେନ୍ସିଟିଭ ଜୋନ ର ପ୍ରଶ୍ନ ଆସିଲା କେଉଁଠି ବୋଲି ଦାବିପତ୍ର ପ୍ରଦାନକାରୀ ତାଙ୍କ ପତ୍ରରେ ପ୍ରଶ୍ନ କରିଛନ୍ତି। କିନ୍ତୁ ସରକାରଙ୍କ ତରଫରୁ ବାରମ୍ବାର ନୋଟିସ ଲଗାଇବା ଫଳରେ ଶାନ୍ତିକାମି ନିରୀହ, ଗରିବ ଓ ଆଦିବାସୀମାନଙ୍କ ମଧ୍ୟରେ ଭୟ, ଅସନ୍ତୋଷ ଓ ବିଦ୍ୱେଷ ଭାବ ସୃଷ୍ଟି କରାଯାଉଛି। ଏଥିରୁ ପ୍ରଶାସନ କ୍ଷାନ୍ତ ରହିବାକୁ ଅନୁରୋଧ କରାଯାଇଛି।



ଆଜି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ନୀଳଗିରିଙ୍କୁ ଇକୋ ସେନ୍ସିଟିଭ ଜୋନକୁ ଜନବସତି ରୁ ବାଦ ଦେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ପୂର୍ବତନ ସରପଞ୍ଚ ଯୋଗନନ୍ଦ ଦାଶ, ରଘୁନାଥ ସିଂ, ଜଗନ୍ନାଥ ସିଂ, ଯାମିନୀ ହାଁସଦାଙ୍କ ସହ ଅଶୋକ ଦାସ, ପ୍ରତାପ ଚନ୍ଦ୍ର ସାଇବାବୁ, ଲକ୍ଷ୍ମୀଧର ସାହୁ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଅମରେନ୍ଦ୍ର ନାୟକ, କାହ୍ନୁ ସିଂ, ସୂର୍ଯ୍ୟ ସିଂ, ସତ୍ୟଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯଦି ସରକାର ଏ ବାବଦରେ କୌଣସି ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଜେଲ ଭରୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର




ବାଲେଶ୍ୱର,୧୦।୧୧(ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ସଭାନେତ୍ରୀ ହରିପ୍ରିୟା ଜେନାଙ୍କ ନେତୃତ୍ୱରେ ମହିଳାଙ୍କ ଆର୍ଥିକ ସ୍ଥିତିର ସୁଧାର ଓ ମାଇକ୍ରୋଫାଇନାନ୍ସ ସଂସ୍ଥାକୁ ନିୟନ୍ତ୍ରଣ କରିବା ଦାବିକୁ ଏକ ଦରଖାସ୍ତ ଅଭିଯାନ କରି ମହିଳାମାନେ ଜିଲ୍ଲାପାଳଙ୍କ ୮ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସରଳ ପଦ୍ଧତିରେ ସମସ୍ତ ସରକାରୀ ବ୍ୟାଙ୍କ ଦ୍ୱାରା ବିନା ସୁଧର ଋଣ ଯୋଗାଇ ଦିଆଯାଉ। ଗୋଷ୍ଠୀର ମହିଳା ମାନଙ୍କୁ ଋଣ ପାଇଁ ଅଗ୍ରାଧିକାର ଦେବା ସହିତ ପ୍ରତି ବ୍ୟାଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ, ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ସିବିଲକୁ ବାଧ୍ୟତା କରା ନ ଯାଉ, କୋଭିଡ ସମୟରେ ନିଆଯାଇ ଥିବା କିସ୍ତି ଓ ଜରିମାନାକୁ ଫେରସ୍ତ କରାଯାଉ, ମାଇକ୍ରୋ ଫାଇନାନ୍ସ ସମେତ ବେସରକାରୀ ଆର୍ଥିକ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇ ଥିବା ଋଣ ୧୨ପ୍ରତିଶତ ରେ ସୀମିତ ରଖାଯାଉ, ମାଇକ୍ରୋ ଫାଇନାନ୍ସ ସଂସ୍ଥାମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ କରାଯାଉ। ମାଇକ୍ରୋ ଫାଇନାନ୍ସ ସଂସ୍ଥା ଦ୍ୱାରା ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ଓ ଅଭିଯୋଗ ଗୁଡ଼ିକର ସମାଧାନ ନିମନ୍ତେ ପ୍ରତି ବ୍ଲକ ରେ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ସମାଧାନ କରାଯାଉ, ରାଜ୍ୟ ସରକାରଙ୍କର ମହିଳା ଶିଶୁ ବିକାଶ ବିଭାଗ ତରଫରୁ ମାଇକ୍ରୋ ଫାଇନାନ୍ସର ଶୋଷଣ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ସହିତ ମାଗଣା ଆଇନ ସେବା ଯୋଗାଇ ଦିଆଯାଉ ୮ ଦଫା ଦାବୀ ଉପରେ ଦାବୀ ପତ୍ର ଦିଆଯାଇଥିଲା। ଆସନ୍ତା ଡିସେମ୍ବର ୧୯ ତାରିଖ ଦିନ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରଠାରେ ଘେରାଉ କରାଯିବ। ଜିଲ୍ଲା ସମ୍ପାଦିକା ମମି ପଣ୍ଡା, ମହୁଆ ବସୁ, କାଞ୍ଚନ ସାହୁ,ମମତା ରାଜ, ଗୀତା ହାଁସଦା, ଝରଣା ଘଡାଇ, ଶାନ୍ତି ଲତା ଜେନା, ରେବତୀ ଜେନା, ସାହେବା ବିବି, ପ୍ରତିମା ପ୍ରାମାଣିକ, ସ୍ୱର୍ଣ୍ଣଲତା ଦାସ, ରୁକସାନ ଖାତୁନ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତ୍ୟୋଦୟ ଗୃହ ଯୋଜନା

# ଦୃଷ୍ଟିହୀନ ନିତେନ୍ଦ୍ରଙ୍କ ପାଇଁ ପକ୍କା ଘର ସ୍ୱପ୍ନ

ବାଲେଶ୍ୱର,୧୦।୧୧(ସମିସ)

ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ ମିଳିନି ଗୃହ। ଯୋଗ୍ୟ ଥାଇ ବି ଗୃହ ନିର୍ମାଣ ପାଇଁ ମିଳିନି ଆଦେଶ ପତ୍ର। ଫଳରେ ହନ୍ତସନ୍ତ ଜୀବନ ବିତାଉଛନ୍ତି ଦୃଷ୍ଟିହୀନ ନିତେନ୍ଦ୍ର ସାଉ। ତେଣୁ ଗୃହ ଯୋଗାଇବା ପାଇଁ ଦିବ୍ୟାଙ୍ଗ ନିତେନ୍ଦ୍ର ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦରଖାସ୍ତ ସହିତ ନିତେନ୍ଦ୍ର ଆଧାର କାର୍ଡ, ଭିନ୍ନକ୍ଷମ ପ୍ରମାଣପତ୍ର ଏବଂ ବ୍ୟାଙ୍କ ଜମାଖାତାର ନକଲ ସଂଲଗ୍ନ କରିଛନ୍ତି।

ରେମୁଣା ବ୍ଲକ ବଡପାଳ ପଞ୍ଚାୟତ ମୟୂରଗ୍ରାମର ବିନୋଦ ସାଉଙ୍କ ପୁଅ ନିତେନ୍ଦ୍ର ଶତ ପ୍ରତିଶତ ଦିବ୍ୟାଙ୍ଗ। ବିନୋଦ ଜଣେ ଦିନ ମଜୁରିଆ। ଅନ୍ୟପଟେ ନିତେନ୍ଦ୍ର ସମ୍ପୂର୍ଣ୍ଣ ଦୃଷ୍ଟିହୀନ। ନିତେନ୍ଦ୍ର ବାଦ୍ୟଯନ୍ତ୍ର ବଜାଇ ଗୁଜୁରାଣ ମେଣ୍ଟାଉଛନ୍ତି। ଦୁହେଁ ଯାହା



ରୋଜଗାର କରନ୍ତି ସେଥିରେ କଷ୍ଟେମଷ୍ଟେ ଚଳନ୍ତି। ଏଥିରେ ଘରଟିଏ କରିବା ସମ୍ଭବପର ହୋଇନାହିଁ। ପାଲ ବନ୍ଧା ଘରେ ରହୁଛନ୍ତି। ଖରା, ବର୍ଷା, ଶୀତରେ ଘର ପିଣ୍ଡାରେ ଦିନ କଟେ। ଫଳରେ ଅନେକ ସମୟରେ ଅସୁସ୍ଥ ରୁହନ୍ତି। ହେଲେ ପରିତାପର ବିଷୟ ଯେ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘରଟିଏ ପାଇବା ପାଇଁ ନିତେନ୍ଦ୍ର ଯୋଗ୍ୟ ହୋଇଥିଲେ ସୁଦ୍ଧା ତାଙ୍କୁ ସୁବିଧା ମିଳିନାହିଁ। ଫଳରେ ସେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କଥା ଉଲ୍ଲେଖ କରିଛନ୍ତି। 'ମୋ ଦରଖାସ୍ତଟିକୁ ମଞ୍ଜୁର ଦେବା ସହ ମୋ ସମସ୍ୟାର ଦୂରିକରଣ ନିମନ୍ତେ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହଟିଏ କରିବା ପାଇଁ ଆଦେଶ ପତ୍ର ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ନିତେନ୍ଦ୍ର ନିବେଦନ କରିଛନ୍ତି।

## ଜାତୀୟ ଚିତ୍ରକଳା କର୍ମଶାଳା

# ବାଲେଶ୍ୱରର ଚିତ୍ରଶିଳ୍ପୀ ନିତ୍ୟାନନ୍ଦଙ୍କ 'ଅରୁଣିମା' ଉଚ୍ଚ ପ୍ରଶଂସିତ

ବାଲେଶ୍ୱର,୧୦।୧୧(ସମିସ): ସମ୍ମାନଜନକ ଜାତୀୟ ମେଗା ଚିତ୍ର କର୍ମଶାଳାରେ ବାଲେଶ୍ୱର ଚିତ୍ରକାର ନିତ୍ୟାନନ୍ଦ ସାହୁଙ୍କ ସହ ଭୁବନେଶ୍ୱରରୁ ଧଉଳି ଆର୍ଟ କଲେଜ ଅଧକ୍ଷ ପଞ୍ଚାନନ ସାମଲ ତଥା ବୁଗୁଡ଼ାରୁ ଚିତ୍ରଶିଳ୍ପୀ ଶତାବ୍ଦୀ ରଥ ଭାଗ ନେଇଥିଲେ। ଚଳିତ ମାସ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଦୃଶ୍ୟ କଳା ବିଭାଗ ତଥା କାଶୀକା ଆର୍ଟିଷ୍ଟ ଗ୍ରୁପ୍ ସହଯୋଗିତାରେ ଅହିବାସୀ ଆର୍ଟ ଗ୍ୟାଲେରୀ, ବିଏଚ୍‌ୟୁଠାରେ ଆୟୋଜିତ ହୋଇଛି। "ଗଙ୍ଗା ପ୍ରଣାମ' ଶୀର୍ଷକ ଏହି ସମ୍ମାନ



ଜନକ ଚିତ୍ର କର୍ମଶାଳାରେ ଭାରତର ପ୍ରାୟ ଅନେକ ସ୍ଥାନ ତଥା ପ୍ରଦେଶରୁ ଅନ୍ୟୁନ ୩୫ ଜଣ ପ୍ରତିଷ୍ଠିତ ଚିତ୍ର ଶିଳ୍ପୀମାନେ ଭାଗ ନେଇ ଅଛନ୍ତି। ୭ରୁ ୯ ନଭେମ୍ବର ୩ଦିନ ରେ ସମସ୍ତ ଶିଳ୍ପୀ ସେମାନଙ୍କ ଚିତ୍ର ପ୍ରସ୍ତୁତି ସଂପୂର୍ଣ୍ଣ ହେଲା ପରେ ଆଜି ୧୦ ରୁ ୧୩ ନଭେମ୍ବର ପର୍ଯ୍ୟନ୍ତ ଉପରୋକ୍ତ ଗ୍ୟାଲେରୀଠାରେ ଚିତ୍ର ସବୁ ପ୍ରଦର୍ଶନ ହେବା ସହ ଦୃଶ୍ୟ କଳା ବିଭାଗ ଦ୍ୱାରା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ। ଓଡିଶାରୁ ଥିବା ୩ ଚିତ୍ରଶିଳ୍ପୀଙ୍କ ଚିତ୍ର ଉଚ୍ଚ ପ୍ରଶଂସିତ ହେଉଅଛି ତଥା ବାଲେଶ୍ୱରର ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ ଚିତ୍ର 'ଅରୁଣିମା': ଏ ମିଟିଙ୍ଗ୍ ଅଫ୍ ଟାଇମ୍ସ କଳାପ୍ରେମୀ ବେଶ ପସନ୍ଦ ଆସୁଛି।

# ୧୪ରେ ନିଃଶୁଳ୍କ ଚିକିତ୍ସା ଶିବିର

ବାଲେଶ୍ୱର,୧୦।୧୧(ସମିସ): ଆସନ୍ତା ୧୪ ତାରିଖ ଶୁକ୍ରବାର ବିଶ୍ୱ ମଧୁମେହ ଦିବସ ଶ୍ରୀପଲି କ୍ଲିନିକ୍ ଆନୁକୂଲ୍ୟରେ ଜେଲ୍ ରୋଡ ସ୍ଥିତ ସିଦ୍ଧି କଲ୍ୟାଣ ମଣ୍ଡପରେ କରାଯିବାର ସ୍ଥିର ହୋଇଛି। ଏହିଅବସରରେବିନାମୂଲ୍ୟରେଚିକିତ୍ସା, ପରୀକ୍ଷା, ମଧୁମେହ ପାଇଁ ଯୋଗଶିକ୍ଷା ଓ ଖାଦ୍ୟପେୟର ବ୍ୟବସ୍ଥା କରାଯିବ। ଏଥିସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ବିଭିନ୍ନ ପରୀକ୍ଷା ତଥା ମଧୁମେହ ରୋଗର ନିରାକରଣ ଓ ସଚେତନତା ପାଇଁ ଏହି ବିଶେଷ ଶିବିରର ସୁଯୋଗ ନେବାକୁ ଜନସାଧାରଣ ତଥା ମଧୁମେହ ରୋଗୀମାନଙ୍କୁ ଶ୍ରୀପଲି କ୍ଲିନିକ୍ କର୍ତ୍ତୃପକ୍ଷ ତରଫରୁ ନିବେଦନ କରାଯାଇଛି।

# ଆନ୍ତର୍ଜାତିକ ଉର୍ଦ୍ଦୁ ଦିବସ ପାଳିତ




ବାଲେଶ୍ୱର,୧୦।୧୧(ସମିସ): ଆନ୍ତର୍ଜାତିକ ଉର୍ଦ୍ଦୁ ଦିବସ ତର୍ଜୁମାନ ନ୍ୟୁଜ୍ ଟାଇମ୍ ପକ୍ଷରୁ ସୁଏଲପୁର ସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସ୍ୱାଗତ ସଙ୍ଗୀତ ସହିତ କାର୍ଯ୍ୟକ୍ରମର ଆରମ୍ଭ ମୋହମ୍ମଦ ମଇନୁଲ୍ ହକ୍‌ଙ୍କ ଦ୍ୱାରା 'ସାରେ ଜହାଁ ସେଅଚ୍ଛା ହିନ୍ଦୁସ୍ତାନ ହମାରା' ଗାନ କରାଯାଇଥିଲା। ଅନିସା ଖାତୁନ ଉର୍ଦ୍ଦୁ ଭାଷାର ମହତ୍ତ୍ୱ ଉପରେ ସଂଳାପ ପ୍ରସ୍ତୁତ କରିଥିଲେ। ସମ୍ପାଦକ ଅଜିମ୍ ବାଲେଶ୍ୱରୀଙ୍କ ଅଧକ୍ଷତାରେ ଆୟୋଜିତ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଉକ୍ତ ଦିବସ ପାଳନ କରାଯିବାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହିଳା କଲେଜର ଉର୍ଦ୍ଦୁ ପ୍ରାଧ୍ୟାପକ ରୁକିଆ ଜମାଲ ଓ ଫକୀରମୋହନ କଲେଜର ଉର୍ଦ୍ଦୁ ବିଭାଗର ଅସିଷ୍ଟାଣ୍ଟ ପ୍ରଫେସର ବଦରୁଦ୍ଦିନ ସାହେବ ଉପସ୍ଥିତ ଥିଲେ। ସଭାରେ ଅତିଥିମାନେ ଉର୍ଦ୍ଦୁ ଭାଷାର ଐତିହାସିକ ଅବଦାନ, ଏହାର ଜାତୀୟ ଓ ବିଶ୍ୱ ପ୍ରଭାବ ଏବଂ ଭାରତୀୟ ସଂସ୍କୃତିରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ 'ତର୍ଜୁମାନ ନ୍ୟୁଜ୍ ଟାଇମ୍'ର ମ୍ୟାନେଜିଂ ଏଡିଟର ମଧୁସୂଦନ ମିଶ୍ର, ବଳାଙ୍ଗୀ ଡିଗ୍ରୀ କଲେଜର ପ୍ରିନସିପାଲ୍ ଡାକ୍ତର ରତ୍ନାକର ସିଂହ, ହାଜି ଶେଖ୍ ଜମାଲ୍, ଆଇନଜୀବୀ କମାଲ୍ ଜାଫର, ମହମ୍ମଦ ମୁଖତାର ଆହମଦ, ଉର୍ଦ୍ଦୁ ଶିକ୍ଷକ ସୟଦ ନସିମ୍ ଆହମଦ ରଜା, ମହମ୍ମଦ ସଲାମୁଲ୍ଲାହ, ଶେଖ୍ ଶରଫୁଦ୍ଦିନ, ଜୟନାଥ ପାତ୍ର, ପ୍ରବୀର କମିଲା, ମୋହମ୍ମଦ ମନିଫ୍, ସୟଦ ସଲିମ୍ ରଜା, ମାଷ୍ଟର ଶେଖ୍ ସାଦିକ୍, ମୋହମ୍ମଦ ଫିରୋଜ୍ ହୁସେନ, ସଲିମ୍ ଶୁଭାଶାହ, ସାହିବା ଅଖତର, ସାମ୍ବାଦିକ ହାଇଦର ଖାନ୍, ଶେଖ୍ ନଜିମ୍ ଓ ମୌଲାନା ସାବିର ଅଲି ଉପସ୍ଥିତ ଥିଲେ। ଫରହତ୍ ନଜ୍ ଧନ୍ୟବାଦ ଅର୍ପଣ କରିଥିଲେ।

# କଚେରି ହତାରେ ଦମ୍ପତିଙ୍କ ହାଇଡ୍ରାମା

ବାଲେଶ୍ୱର,୧୦।୧୧(ସମିସ): କଚେରି ପରିସରରେ ଆଜି ଜଣେ ଦମ୍ପତିଙ୍କ ହାଇଡ୍ରାମା ଦେଖିବାକୁ ମିଳିଛି। ସହଦେବଖୁଣ୍ଟା ଥାନାରେ ଦୀର୍ଘ ଦୁଇମାସରୁ ଅଧିକ ସମୟ ହେଲା ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଓଲଟା ସେମାନଙ୍କୁ ଗାଳିଗୁଲଜ ଓ ମାରପିଟ କରୁଛି । ଗତ ଅଗଷ୍ଟ ୧୨ତାରିଖ ଦିନ ମିନା ଟୁଡୁ ତାଙ୍କର କାକି ଡଲି କିସ୍କୁଙ୍କ ଘରକୁ ରାକ୍ଷୀ ବାନ୍ଧିବା ପାଇଁ ଯାଇଥିଲେ। ସେ ଏହି ସମୟରେ ତାଙ୍କର କାକିଙ୍କ ସହ କଥା ହେଉଥିବା ବେଳେ ତାଙ୍କ କାକିଙ୍କର ଦୁଇ ଭଣଜା ଆଜି ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ଏଥିରେ ସେ ପ୍ରତିବାଦ କରି ସେଠାରୁ ଘରକୁ ପଳାଇ ଆସିଥିଲେ। ଏହି ଘଟଣାର ସମାଧାନ ପାଇଁ ପରଦିନ କାକି ଆସି ତାଙ୍କୁ ଡାକିଥିଲେ। ସେ ସେଠାକୁ ଯିବା ପରେ ଏହି ଘଟଣାର ସମାଧାନ ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ହେମନ୍ତ ସେଠାକୁ ଆସିବା ପରେ ତାଙ୍କୁ ମଧ୍ୟ ପିଟାମରା କରିଥିଲେ। ଏହି ଘଟଣାକୁ ନେଇ ସେମାନେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ବରଂ ପୁଲିସ ଓଲଟି ସେମାନଙ୍କୁ ଗାଳିଦେଉଥିବା ଅଭିଯୋଗ କରି ଦମ୍ପତି କଚେରି ପରିସରରେ ପାଟିତୁଣ୍ଡ କରିଥିଲେ।



# ଅବକାରୀ ଚଢ଼ଉ, ଦୁଇ ଗିରଫ

ସୋର, ୧୦।୧୧(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ଛତରା ଗ୍ରାମରେ ଚଢ଼ାଉ କରି ଭଗବାନ ପାଣ୍ଡବଙ୍କ ନିକଟରୁ ୩୦ ଲିଟର ଦେଶୀମଦ ଏବଂ ନହରପଦା ଗ୍ରାମର ବୁଦ୍ଧିରାମ ସାହୁଙ୍କ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଯୁବ ସମ୍ମିଳନୀ'




ବାଲେଶ୍ୱର,୧୦।୧୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଯୁବ ସମ୍ମିଳନୀ' ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ସଂଯୁକ୍ତ ପ୍ରଫେସର, ଭାଷା ଓ ସାହିତ୍ୟ ବିଭାଗ, ନିଜ ଉଦ୍‌ବୋଧନରେ କହିଥିଲେ, ଯୁବଶକ୍ତି ଦେଶର ମୂଳ ଶକ୍ତି। ତାଙ୍କ ମନରେ ଯଦି ସତ୍ୟ, ସଂଘର୍ଷ ଓ ସେବାର ଜ୍ୱାଳା ଜାଗେ, ତେବେ ରାଷ୍ଟ୍ର ନିଶ୍ଚିତ ଭାବରେ ଉନ୍ନତି ପଥରେ ଅଗ୍ରସର ହେବ'। ମୁଖ୍ୟବକ୍ତା ଦୁର୍ଗା ପ୍ରସାଦ ସାହୁ, କ୍ଷେତ୍ର କାର୍ଯ୍ୟବାହ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ନିଜ ଉଦ୍‌ବୋଧନରେ ଯୁବବର୍ଗଙ୍କ ଜୀବନରେ ସଂସ୍କାର ଓ ଦୃଢ଼ ଚେତନାର ଆବଶ୍ୟକତା ଉପରେ ଆଲୋକପାତ କଲେ। ବିଶେଷ ଅତିଥି ବିଷ୍ଣୁ ଚରଣ ନାୟକ, ବିଭାଗ ପ୍ରଚାରକ, ବାଲେଶ୍ୱର, କହିଥିଲେ ଯେ ଆଧୁନିକ ଯୁବପିଢ଼ି ଏକ ନିର୍ଦ୍ଦିଷ୍ଟ ଯୁଗରେ ଥିଲେ ମଧ୍ୟ ଦେଶର ସଂସ୍କୃତି, ମୂଲ୍ୟବୋଧ ଓ ଦେଶସେବା ମନୋଭାବକୁ ହୃଦୟରେ ଧାରଣ କଲେ ତାହା ଭାରତର ସତ୍ୟ ଶକ୍ତିର ଚିହ୍ନ ହେବ'। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନ ଭାରତର ବରପୁତ୍ରମାନଙ୍କ ଜୀବନୀ ଓ ସଂଗ୍ରାମକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମଟି ଭୂବିଜ୍ଞାନ ବିଭାଗର ଛାତ୍ର ଓ ସ୍ୱୟଂସେବକ ଜୟପ୍ରକାଶ ପଣ୍ଡା ସଂଚାଳନ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୋର, ୧୦।୧୧(ସମିସ): ସୋର ବ୍ଲକ ତଳନଗର ସ୍ଥିତ ବିଶ୍ୱମ୍ଭରନାଥ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଗଣେଷ ପ୍ରସାଦ ପାଢ଼ୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ନିରାକାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ତଥା ପୁରୁଦୃଷ୍ଟିର ମୁଖ୍ୟ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ବିଦାୟୀ ଶିକ୍ଷା ଶ୍ରୀ ପାଢ଼ୀଙ୍କ ଶିକ୍ଷକତା ଜୀବନ ବାବଦରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ସେକ ଆଜାଦ ଅଲ୍ଲୀ, ତଳନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୀୟ ପଟ୍ଟନାୟକ, ଆଲୁମନି କମିଟି ସଭାପତି ସତ୍ୟାନନ୍ଦ ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି କ୍ରିଷ୍ଣା ପ୍ରଧାନ, ନରେନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ରାଉତ, ଅଲେଖ ବିଶ୍ୱାଳ, ପ୍ରଶାନ୍ତ ପଲେଇ, ସନ୍ତୋଷ ବିଶ୍ୱାଳ, ବ୍ରଜବନ୍ଧୁ ବେହେରା, ଗଣେଶ ଦାସ, ଶତ୍ରୁଘ୍ନ ରାଉତ, ଅନିରୁଦ୍ଧ ରାଉତ, ଜୟଶ୍ରୀ ନାୟକ, ବିଷ୍ଣୁମୋହନ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ପୃଷ୍ଟି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମିନତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର କଳାକାର ସଂଘର ଶୋକସଭା



ବାଲେଶ୍ୱର,୧୦।୧୧(ସମିସ): ଦେବୀ ପ୍ରସାଦ ରଥ ଥିଲେ ଏକାଧାରରେ ଜଣେ ବରିଷ୍ଠ ଯାତ୍ରା କଳାକାର, ନିର୍ଦ୍ଦେଶକ, ମଞ୍ଚ ପରିଚାଳକ ଓ ସିନେ କଳାକାର। ବୀଣାପାଣି କଳାକୁଞ୍ଜ ତାରାପୁର ଅପେରାରୁ ନିଜର ସଂଘର୍ଷମୟ କଳାକାର ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ରଥ ପରବର୍ତ୍ତୀ ସମୟରେ ତୁଳସୀ, ଇଷ୍ଟର୍ଣ୍ଣ ଅପେରା, ଧଉଳି, ପାର୍ବତୀ ଆଦିରେ ନିଖୁଣ ଅଭିନୟ କରି ଦର୍ଶକ ଓ କଳାକାର ମନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଅବର୍ତ୍ତମାନରେ ଆଜି ମଧ୍ୟ ତାଙ୍କୁ ଝୁରୁଛନ୍ତି ଓଡ଼ିଶାର ଅନେକ କଳାପ୍ରେମୀ ଓ ଦର୍ଶକ। ତାଙ୍କର ସେହି ଅଭୁଲା ସ୍ମୃତିକୁ ଉଜ୍ଜୀବିତ ରଖିବା ନେଇ ବାଲେଶ୍ୱର କଳାକାର ସଂଘ ପକ୍ଷରୁ କଳାକାର ମନୋଜ ପାତ୍ରଙ୍କ ପୌରହିତ୍ୟରେ ସହରର ରାଜାବଗିଚାସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କଳାକାର ବାପି ପଣ୍ଡା, ମନ୍ମଥ ମିଶ୍ର, କୁନାଲ ବେହେରା, ରାଜେନ୍ଦ୍ର ରାଉତ, ସତ୍ୟରଞ୍ଜନ ସାହୁ, ଆଶିଷ ମହାପାତ୍ର, ଚଳଚିତ୍ର ଅଭିନେତା ଦେବପ୍ରୀତ ପ୍ରଧାନ, ଗୋପାଳ ପ୍ରଭୃତି ଉପସ୍ଥିତ ରହି ସ୍ୱର୍ଗତ ରଥଙ୍କ ସ୍ମୃତି ଚାରଣ କରିବା ସହିତ ଏଭଳି ଦୁଃଖଦ ସମୟରେ ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ମହାପ୍ରଭୁ ଅସୀମ ଶକ୍ତି ପ୍ରଦାନ କରନ୍ତୁ ବୋଲି କହିଥିଲେ।

# ମାତୃସଦନ ପାଠଚକ୍ର 'ଧୂଳିଉଡ଼ା'ର ବାର୍ଷିକ ଉତ୍ସବ

ରାଜଘାଟ, ୧୦।୧୧ (ସମିସ): ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଧୂଳିଉଡା ର ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସିଂହଙ୍କ କନ୍ୟା ନିବେଦିତାଙ୍କ ଶୁଭ ଜନ୍ମ ଦିବସରେ ଶ୍ରୀ ମା' ଶ୍ରୀ ଅରବିନ୍ଦ "ମାତୃସଦନ ପାଠଚକ୍ର"ର ଉନ୍ନବିଂଶତମ ବାର୍ଷିକ ଉତ୍ସବ ଧୂଳିଉଡାସ୍ଥିତ ବାସଭବନରେ ଆୟୋଜିତ ହୋଇଯାଇଛି। ବସ୍ତା ବ୍ଲକ ପାଠଚକ୍ର ଆବାହକ ଲକ୍ଷ୍ମଣ ସେନାପତିଙ୍କ ପରିଚାଳନାରେ ଆଜିର ପାଠଚକ୍ର ସଙ୍ଗଠିତ ହୋଇଥିଲା। ପାଠଚକ୍ରରେ ଆଲୋଚକ ଭାବେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ଇନ୍ଦୁମାଧବ ମହାନ୍ତି, ଜିଲ୍ଲା ପାଠଚକ୍ର ମହିଳା ସଙ୍ଗଠିକା ଲକ୍ଷ୍ମୀ ମାଝୀ, ବସ୍ତା ବ୍ଲକ ପାଠଚକ୍ର ସଙ୍ଗଠକ ନରେନ୍ ବାରିକ, ବସ୍ତା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଅଭିରାମ ପରିଡା, ଭେଲୋରା ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ସତ୍ୟଜିତ୍ ଉପାଧ୍ୟାୟ ଓ ଛମୌଜ ପାଠଚକ୍ର କର୍ମକେନ୍ଦ୍ରର ଅଧ୍ୟକ୍ଷ କରୁଣାକର ଭାଇ ପ୍ରମୁଖ ଯୋଗଦେଇ "ରୂପାନ୍ତର ଯୁଗରେ ଆମର କର୍ତ୍ତବ୍ୟ" ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ସିଂହ, ଶିକ୍ଷକ ପିତାମ୍ବର ନାୟକ, ଶିକ୍ଷକ ଉପେନ୍ଦ୍ର ଦଳାଇ, ନରୋତ୍ତମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ବୈଠକ

ବାଲେଶ୍ୱର,୧୦।୧୧(ସମିସ)

କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବାଲେଶ୍ୱରରେ ଗତ ତିନିବର୍ଷ ଧରି ଜିଲ୍ଲାବାସୀ ଦାବି ଓ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ ଚଳାଇଆସୁଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତ ବର୍ଗର ଜନସାଧାରଣ ଏହି ଦାବିକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ଏଥିପାଇଁ ଗଠିତ 'ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ ନିବେଦନ କରାଯାଇଛି। ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ ବାଲେଶ୍ୱରରେ କୃଷି ସଂପର୍କିତ ଏକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଲିଖିତଭାବେ ସରକାରଙ୍କୁ ଜଣାଇଛନ୍ତି। ବାଲେଶ୍ୱରକୁ ଧାନ, ପାନ ଓ ମୀନର ଜିଲ୍ଲା ବୋଲି କୁହାଯାଏ। ଧାନଚାଷ, ପାନଚାଷ ଓ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ବାଲେଶ୍ୱର ଚାଷୀମାନଙ୍କର ସୁନାମ ଅଛି। ଏ ନେଇ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଚଳିତ ମାସରେ ବାଲେଶ୍ୱର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଅବସରରେ ଦାବି କରାଯିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାଗସ୍ତ ସମୟରେ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ସାକ୍ଷାତ କରି ବାଲେଶ୍ୱରରେ କୃଷି ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ସମ୍ପର୍କରେ ଅବଗତ କରାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପୂର୍ବରୁ ସାଂସଦ ଓ ବିଧାୟକଗଣଙ୍କୁ ସାକ୍ଷାତ କରିବାକୁ ସ୍ଥାନୀୟ କମିଟିର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ଅଦ୍ୟାବଧି କୃଷିମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟପନ୍ଥାର ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଜିଲ୍ଲାସ୍ତରରେ ସଙ୍ଗଠନକୁ ଅଧିକ ଦୃଢ଼ କରିବାକୁ ମତ ଦେଇଥିଲେ। ଏହି ଆଲୋଚନାରେ ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ଗିରୀଶ ଚନ୍ଦ୍ର ଦାଶ, ଯୋଗେଶ ଚନ୍ଦ୍ର ପ୍ରଧାନ, ଶ୍ୟାମସୁନ୍ଦର ଜେନା, ଭୂପତି କୁମାର ପାତ୍ର, ହରନାରାୟଣ ମଡୁଆଳ, ଗୋବିନ୍ଦ ଚନ୍ଦ୍ର ଭୋଇ, ତାରାକାନ୍ତ ନନ୍ଦ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଭାସ୍କର ଚନ୍ଦ୍ର ପାଢ଼ୀ, ବାସନ୍ତୀ ମିଶ୍ର, କ୍ଷିତୀଶ୍ୱର ଦାଶ ଓ ମନୋଜ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅକ୍ଷୟ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




# ଚନ୍ଦନେଶ୍ୱରରେ ରଘୁନାଥଙ୍କ ମେଳଣ ଓ ଅନ୍ନ ମହୋତ୍ସବ

ଚନ୍ଦନେଶ୍ୱର, ୧୦।୧୧(ସମିସ) : ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ଭୋଗରାଇର ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଦ୍ୱାଦଶ ରଘୁନାଥଙ୍କ ପବିତ୍ର ମେଳଣ ସହିତ ଆନନ୍ଦ ବଜାରରେ ମହା ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଛି। ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଏହି ମହା ମହୋତ୍ସବରେ ୧୫ହଜାରରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା କଥା ସେବାୟତ ସଂଘର ସଭାପତି ତପନ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଆଖପାଖ ୧୦ଟି ପଞ୍ଚାୟତ ସମେତ ବିଭିନ୍ନ ବିଦ୍ୟାଳୟ, ଭକ୍ତ, ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ନିମନ୍ତେ ଏହି ମହୋତ୍ସବ ଅନୁଷ୍ଠିତ ହେଉଛି। ବିବରଣୀରୁ ପ୍ରକାଶ,ବାବା ଚନ୍ଦନେଶ୍ୱର ମହଦେବ ଜୀଉଙ୍କ ପୀଠରେ ରାସୋତ୍ସବ ଓ ମହା ପଞ୍ଚକ ବ୍ରତ ଉପଲକ୍ଷେ ୮ବର୍ଷ ହେଲା ଦ୍ୱାଦଶ ରଘୁନାଥଙ୍କ ମେଳଣ ଏବଂ ଅନ୍ନ ମହୋତ୍ସବ ଆୟୋଜନ ହୋଇ ଆସୁଛି। ସୋମବାର ପାଖରୁ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ନୀତିକାନ୍ତି ପୂଜାର୍ଚ୍ଚନା ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି। ସୋମବାର ଅବସରରେ ମନ୍ଦିର ମଧ୍ୟ ବେଶ ଚଳ ଚଂଚଳ ଥିବାର ପରିଲକ୍ଷିତ ହୋଇ ଥିଲା। ସଂଘର ବରିଷ୍ଠ ସେବାୟତ ବୁଦ୍ଧଦେବ ପଣ୍ଡା, ଇନ୍ଦୁ ଭୂଷଣ ପଣ୍ଡା, ଆଶିଷ ପଣ୍ଡାଙ୍କ ସମେତ ଶତାଧିକ ସେବାୟତ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଆମ ଭିତରୁ ଆଜି ଶାନ୍ତି ହଜିଯାଉଛି, କାରଣ ସମସ୍ତେ ସମସ୍ତଙ୍କ ପରିପୂରକ ବୋଲି ଆମେ ଭୁଲି ଯାଉଛେ।
-ମଦର ଟେରେସା

ସକାଳ
THE SAKALA

## ଅଘଟଣ ପାଇଁ ଦାୟୀ କିଏ?

ହଜାରେ ବର୍ଷର ପୁରୁଣା ସହର କଟକ। ଯେଉଁଠି ସମ୍ଭ୍ରାନ୍ତୀୟ ଠାଣିରେ ହାକିମ ଓ ଜମିଦାରଙ୍କ ସୌଧ ମୁଣ୍ଡ ଟେକିଛି ସେଠି ଅଛି ଛୋଟ ବଡ଼ ଚାଳଘର। ସମୟ ବଦଳିବା ସହ ସେହି ଜୀବନଧାରା କୁଆଡ଼େ ହଜିଗଲାଣି। ଚାଳ ଛପର ଘର ସ୍ଥାନରେ ମୁଣ୍ଡ ଟେକିଲାଣି ଛାତ ଘର। କିନ୍ତୁ ସେହି ପୁରଣା ସୌଧ ସେମିତି ମୁଣ୍ଡ ଟେକି ରହିଛି। ତିନି ପୁରୁଷର ଘରକୁ ମରାମତି ପାଇଁ ଏବେ ଯେଉଁମାନେ ଅଛନ୍ତି ସେମାନଙ୍କ ଖୋସଣିରେ ପଇସା ନାହିଁ। ଏମିତି କିଛି ଘର ଅଛି ଯାହାକି ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଛି। ତାହାର ଦେଖାଶୁଣା ଦାୟିତ୍ୱରେ ଥିବା ଉତ୍ତର ପିଢ଼ି ସହର ଛାଡ଼ି ଅନ୍ୟତ୍ର ଘରବାଡ଼ି କରି ଅବସ୍ଥାନ କରିଛନ୍ତି। ଯେଉଁଠି ବିଶାଳକାୟ ସୌଧ ବା ଇମାରତ୍ ଅଛି ତତ୍‌ସଂଲଗ୍ନ ଅଞ୍ଚଳରେ ଗରିବ ଗୁରୁବାଙ୍କ ଛୋଟବଡ଼ ଘର ଅଛି। ଏମାନେ ପରସ୍ପର ଉପରେ ନିର୍ଭରଶୀଳ। ଆଜିକାଲି ସହରତଳି ଅଞ୍ଚଳରେ ଦିନ ମଜୁରିଆଙ୍କ ବସ୍ତି ମୁଣ୍ଡ ଟେକିଲାଣି। ବିପଦସଂକୁଳ ଅବସ୍ଥାରେ କୋଠାବାଡ଼ିଗୁଡ଼ିକୁ ଠିକଣା ସମୟରେ ଭାଙ୍ଗି ଦିଆନଗଲେ ତାହା ପାଖ ପଡ଼ିଶାଙ୍କ ପାଇଁ ନିଶ୍ଚୟ ଦିନେ ନା ଦିନେ ବିପଦ ହେବ। ଯାହା ଗତ ଶନିବାର କଟକ ମଣି ସାହୁ ଛକରେ ପରିଲକ୍ଷିତ ହୋଇଥିଲା। ଅସୁରକ୍ଷିତ ଘୋଷିତ ଆପାର୍ଟମେଣ୍ଟରେ ବାଲକୋନି ଭୁଶୁଡ଼ି ପଡ଼ିଲା। ତଳେ ଟିଣ ଛପର ଘରେ ରହୁଥିବା ଗୋଟିଏ ପରିବାରର ୩ ଜଣ ଙ୍କ ପ୍ରାଣହାନି ଘଟିଲା ଏବଂ ଅନ୍ୟ ୪ ଜଣ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଗତ ଦଶ ବର୍ଷ ତଳେ ସହରରେ ଭୂମିକମ୍ପ ଅନୁଭୂତ ହୋଇଥିବାରୁ ବହୁ କୋଠାରେ ଫାଟ ସୃଷ୍ଟି ହୋଇଥିଲା। ଜିଲ୍ଲା ପ୍ରଶାସନ ମହାନଗର ନିଗମ ଓ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ମିଳିତ ସର୍ଭେରେ ସହରର ୨୩୭ ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୧୬ଟିକୁ ଭାଙ୍ଗି ସେଠାରେ ନୂଆ ଇମାରତ ମୁଣ୍ଡଟେକିଛି। ଅବଶିଷ୍ଟ ଅସୁରକ୍ଷିତ ୨୨୧ ଟି ପ୍ରାସାଦ ସେମିତି ମୁଣ୍ଡ ଟେକି ରହିଛି। କେତେବେଳେ କାହା ଉପରେ ଭୁଶୁଡ଼ି ପଡ଼ିବ ତାହାର କୌଣସି ଠିକଣା ନାହିଁ। ହାଇକୋର୍ଟଙ୍କ ତାଗିଦ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଘରମାଲିକଙ୍କୁ କେବଳ ନୋଟିସ ଦେଇ ଚୁପ ରହିଛି ପ୍ରଶାସନ। ସବୁଠାରୁ ଉଲ୍ଲେଖନୀୟ ହେଲା, ସରକାରୀ କ୍ୱାର୍ଟର୍ସ ଅଫିସ ଓ ଅବ୍ୟବହୃତ ଗୋଦାମ ଘର ସଂଖ୍ୟା ସବୁଠାରୁ ଅଧିକ। ଏକ୍ଷେତ୍ରରେ କିଏ କାହାକୁ ନୋଟିସ ଦେବ? ଅନ୍ତତଃ ସରକାରୀ ବ୍ୟବସ୍ଥା ଏଥିପ୍ରତି ସଚେତନ ହେବା ଜରୁରୀ। ମଣିସାହୁ ଛକ ଘଟଣା ପରେ ଜିଲ୍ଲା ପ୍ରଶାସନ, ମହାନଗର ନିଗମ ଓ ସିଡିଏ କର୍ତ୍ତୃପକ୍ଷ ଏହି ଦିଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଆମେ ଆଶା କରୁ। ରାଜ୍ୟର ଐତିହାସିକ ସ୍ମୃତିର ସ୍ମାରକ ରୂପେ ପ୍ରସିଦ୍ଧ ଅଟ୍ଟାଳିକାର ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ସୁରକ୍ଷା ହେବା ଜରୁରୀ। ●

## କୁହାମୁଣ୍ଡା କପିଳା

ଜୁନ ୨୯ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଘଟିଥିବା ଦଳାଚକଟା ଓ ଚରମ ବିଶୃଙ୍ଖଳାର କାରଣ ସଂପର୍କରେ ତଦନ୍ତ କମିଟି ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଛି। ଏହି ଘଟଣାରେ ୩ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୨୦ ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେତେବେଳେ ସରକାର ତୁରନ୍ତ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ବଦଳି କରି ଜନଅସନ୍ତୋଷକୁ ପ୍ରଶମିତ କରିଥିଲେ। ଉନ୍ନୟନ କମିଶନଙ୍କ ରିପୋର୍ଟ କିନ୍ତୁ ସରକାରଙ୍କ ମୁଖା ଖୋଲି ଦେଇଛି। ରାଜ୍ୟ କ୍ଷମତାରେ ଥିବା ନୂଆ ସରକାର, ଅନଭିଜ୍ଞ ଓ ଅପରିପକ୍ୱ। କିନ୍ତୁ ବାକ୍ୟବୀରଙ୍କ ବାକ୍‌ପଟୁତାରେ କେହି ତାଙ୍କ ସରି ହେବେନାହିଁ। ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର(ଆଇସିସିସି )ର ଦାୟିତ୍ୱ ଥିଲା ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଏବଂ ଜରୁରୀସ୍ଥିତି ଓ ଭିଆଇପିଙ୍କ ଗସ୍ତକୁ ସୁନିୟୋଜିତ ଉପାୟରେ ପରିଚାଳନା କରିବା। ଅସଲ ସମୟରେ ଏହି ବ୍ୟବସ୍ଥା ଫସର ଫାଟି ଯାଇଥିଲା। ଆଇସିସିସିକୁ ସହାୟତା ଯୋଗାଇବା ସକାଶେ ଯେଉଁ ଯାନ୍ତ୍ରିକ ବ୍ୟବସ୍ଥା ଉପରେ ନିର୍ଭର କରାଯାଉଥିଲା ସେ ସବୁ ଥିଲା ନିମ୍ନମାନର। ଅଥଚ ସେସବୁରୁ ଉପଯୋଗିତା ସଂପର୍କରେ ଧାରଣା ନଥିବା ଲୋକେ ବଡ଼ ବଡ଼ କଥା କହି ରାଜ୍ୟବାସୀଙ୍କୁ ଭରସା ଦେଇଥିଲେ। ଏବର୍ଷ ପ୍ରଥମ ଥର ପାଇଁ ବ୍ୟବହୃତ ହୋଇଥିବା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସଂପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ସେହିଭଳି ଖଞ୍ଜାଯାଇଥିବା ସିସିଟିଭି ଭିଡ଼ ନିୟନ୍ତ୍ରଣ ପାଇଁ ଆଦୌ ଉପଯୋଗୀ ନଥିଲା। ଡ୍ରୋନ ମାଧ୍ୟମରେ ବ୍ୟବସ୍ଥାର ତଦାରଖ ଉଦ୍ୟମ ଅନ୍ୟ ଏକ ନିଷ୍ଫଳ ପ୍ରୟାସ। ଏହିସବୁ ସାଜ ସରଂଜାମ ଯୋଗାଇଥିବା ସଂସ୍ଥା (ଭେଣ୍ଡର) କୁ ରିପୋର୍ଟରେ କଳାତାଲିକାଭୁକ୍ତ କରିବାକୁ ପରାମର୍ଶ ଦିଆଯାଇଛି।

ଏକଥା ସତ ଯେ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୁଲିସ ବାହିନୀର। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଯାତ୍ରୀ ଭିଡ଼ ହେବାରେ କିଛି ଅସ୍ୱାଭାବିକ ନାହିଁ। ରଥ ସାମ୍ନାରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ଲାଗି ରହିଥିବା ବେଳେ ଚାରମାଳ ଲଦା ଯାଇଥିବା ଟ୍ରକ ଧସେଇ ପଶି ଆସିଲା। ଏହି ଟ୍ରକର ପ୍ରବେଶ ଅନୁମତି ହିଁ ତଥାକଥିତ ବିଭ୍ରାଟ ପାଇଁ ଅନେକାଂଶରେ ଦାୟୀ। ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀ ଓ ନିୟନ୍ତ୍ରଣ କକ୍ଷ ମଧ୍ୟରେ ଯୋଗାଯୋଗ ନ ରହିବା ଅନ୍ୟତମ ପ୍ରମୁଖ କାରଣ। ଗୁଣ୍ଡିଚା ମନ୍ଦିର ସମ୍ମୁଖ ରଥରୁ ତିନିଠାକୁରଙ୍କ ବିଳମ୍ବିତ ପହଣ୍ଡି ବିଜେ ହେଉ ବା ଦାୟିତ୍ୱରେ ଥିବା ୭ ଜଣ ବିରଷ୍ଠ ପୁଲିସ୍ ଅଧିକାରୀଙ୍କ ଅନୁପସ୍ଥିତି ହେଉ ଦାୟିତ୍ୱ ନିର୍ବାହରେ ଗୁରୁତର ତ୍ରୁଟି ହୋଇଛି, ଯାହା ଅକ୍ଷମଣୀୟ। ତେଣୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ତଦନ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ। ରିପୋର୍ଟର ତଥ୍ୟ ଅନୁଯାୟୀ ରଥଯାତ୍ରା ସମୟରେ ଅତି ବେପରବାୟ ଢଙ୍ଗରେ କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହ କରିଛନ୍ତି। ୨୭୫ ଟି ଏଆଇ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଥିବାବେଳେ ୧୨୩ ଟି କ୍ୟାମେରା କାର୍ଯ୍ୟକ୍ଷମ ଥିଲା। କ୍ୟାମେରାଠାରୁ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ଉପର ମୁହାଁ। ତେଣୁ ଯାତ୍ରୀ ଭିଡ଼ ଉପରେ ନଜର ରଖାଯାଇ ପାରିଲା ନାହିଁ। ଏପରିକି କିଛି କ୍ୟାମେରାରେ ନିୟନ୍ତ୍ରିଣ କକ୍ଷ ସହ ସଂଯୋଗ ନଥିଲା। ବଡ଼ ବଡ଼ ଏଲଇଡି ପ୍ୟାନେଲ ଓ ତଥାକଥିତ ଡ୍ରୋନର ମଧ୍ୟ ସଦୁପଯୋଗ ହୋଇପାରିନାହିଁ।

ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ସକାଶେ ଯେଉଁ ଆଡ଼ମ୍ବରପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଯେ ମିଛ ହାୱା ଏହା ପ୍ରମାଣିତ ହୋଇଛି ତଦନ୍ତ ରିପୋର୍ଟରୁ। ସରକାରଙ୍କୁ ମଧ୍ୟ ଏଥିରୁ ଶିକ୍ଷା ମିଳିଛି। ପଦାଧିକାରୀଙ୍କ ମିଛ ପ୍ରତିଶ୍ରୁତି ଉପରେ ନିର୍ଭର ନ କରି ତାହାର ଠିକଣା ଭାବେ ତଦାରଖ ନକଲେ ନିନ୍ଦା ଓ ଅପଯଶ ମୁଣ୍ଡାଇବାକୁ ପଡ଼ିବ। ●

# ନିଆଁ ସହ ଖେଳୁଛି ବାଂଲାଦେଶ

ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ନୋବେଲ୍ ପୁରସ୍କାର ପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ। ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ସେ ତାଙ୍କ ଜାଣ ଅଜାଣତରେ ବାଂଲାଦେଶର ଭବିଷ୍ୟତକୁ ଏକପ୍ରକାର ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେଉଛନ୍ତି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ କରିବା ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ଭାରତ ବିରୋଧୀ ମନୋଭାବ ଓ ଚୀନ୍-ପାକିସ୍ତାନ ପ୍ରତି ବଶମ୍ବଦତା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ଅପକର୍ମ ଓ ଅଯୋଗ୍ୟତା ପାଇଁ ଖୁବ୍‌ଶୀଘ୍ର ବାଂଲାଦେଶକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

ୟୁନୁସ୍ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାଂଲାଦେଶର ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁ ନଥିବା ବେଳେ ନିକଟରେ ପାକିସ୍ତାନର ଏକ ଯୁଦ୍ଧଜାହାଜ ବଙ୍ଗୋପସାଗର ଉପକୂଳ ପାରି ହୋଇ ବାଂଲାଦେଶର ଚଟଗାଁରେ ପହଞ୍ଚିଛି। ଏଥିସହିତ ପାକିସ୍ତାନ ନୌସେନାର ଅନେକ ଉଚ୍ଚ ଅଧିକାରୀ ବାଂଲାଦେଶ ଆସିଛନ୍ତି। ବାଂଲାଦେଶର ନୌସେନା ଚୀନ୍ ନିର୍ମିତ ଏହି ଯୁଦ୍ଧଜାହାଜକୁ ବିପୁଳ ସ୍ୱାଗତ କରିଛି। ପ୍ରାୟ ୫୦ ବର୍ଷ ପରେ ପାକିସ୍ତାନ ସହିତ ଏଭଳି ସାମରିକ ସମ୍ପର୍କ ବୃଦ୍ଧି ଜରିଆରେ ବାଂଲାଦେଶ ଭାରତକୁ ପରାଭବ ଦେବା ପାଇଁ ଷଡ଼ଯନ୍ତ୍ର କରିପାରୁ ଥାଇପାରେ। କିନ୍ତୁ ନିଆଁ ସହିତ ଖେଳିଲେ ପରାଭବ କ'ଣ ହୁଏ ତାହା ବୋଧହୁଏ ୟୁନୁସ୍‌ଙ୍କୁ ୧୯୭୧ ମସିହାରେ ପାକିସ୍ତାନ ସେନାର ବର୍ବରତା ବିଷୟରେ ବିଶ୍ୱ ସମୁଦାୟ ସ୍ମରଣ କରିବା ଆବଶ୍ୟକ ନୁହେଁ। ପାକିସ୍ତାନ-ବାଂଲାଦେଶ ବନ୍ଧୁତ୍ୱକୁ ତ୍ୱରାନ୍ୱିତ କରିବା ଏହାପଛର କାରଣ ବୋଲି ବାଂଲାଦେଶ ପକ୍ଷରୁ କୁହାଯାଉଥିଲେ ହେଁ ପ୍ରଚ୍ଛନ୍ନ କାରଣ ବିଷୟରେ ପ୍ରାୟ ବିଶ୍ୱବାସୀ ଜାଣିଛନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ ନିଆଁ ସହିତ ଖେଳିବା ଭଳି। ଏହା ୟୁନୁସ୍ ଯେତେଶୀଘ୍ର ବୁଝିବେ ତାହା ତାଙ୍କ ଦେଶ ସହିତ ଭାରତ ପାଇଁ ଶୁଭଙ୍କର। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେବା ଆବଶ୍ୟକ।



ଭୂ-ରାଜନୈତିକ ଦୃଷ୍ଟିକୋଣରୁ ଦକ୍ଷିଣ-ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବାଂଲାଦେଶର ଭୌଗୋଳିକ ଅବସ୍ଥିତି ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ। ସେଠାରେ ନୌସେନା ଘାଟି ସ୍ଥାପନ କରି ଦକ୍ଷିଣ-ଚୀନ୍ ସାଗର ଓ ତାଇୱାନ୍ ଉପରେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବାକୁ ଆମେରିକା ସଦା ଚେଷ୍ଟିତ। ଏଥିପାଇଁ ଆମେରିକା ଦେଇଥିବା ପ୍ରସ୍ତାବକୁ ଯଦି ହସିନା ଗ୍ରହଣ କରି ନେଇଥା'ନ୍ତେ ତେବେ ତାଙ୍କୁ ଗାଦିଚ୍ୟୁତ ହେବାକୁ ପଡ଼ି ନଥା'ନ୍ତା। ବାଂଲାଦେଶର ଅସ୍ଥିରତା ଓ ଏଥିରେ ଆମେରିକା-ପାକିସ୍ତାନର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ଚୀନ୍ ମଧ୍ୟ ବାଂଲାଦେଶକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଇତିମଧ୍ୟରେ ଚୀନ୍ ସହିତ ଆମେରିକାର ବାଣିଜ୍ୟ ଯୁଦ୍ଧ ପ୍ରଶମିତ ହେବା ସ୍ଥିତିକୁ ଆସିଯାଇଛି। ତେଣୁ ଆମେରିକା-ଚୀନ୍-ପାକିସ୍ତାନ ବାଂଲାଦେଶକୁ ସାମରିକ ଉପନିବେଶ କରିବାର ସମ୍ଭାବନା ଉଜ୍ଜ୍ୱଳ।

କାମଚଳା ଶାସନ ମୁଖ୍ୟ ୟୁନୁସ୍ ଜଣେ ଭଦ୍ର ଓ ଜ୍ଞାନୀ ବ୍ୟକ୍ତି। କିନ୍ତୁ ବୁଦ୍ଧିଜୀବୀର ଦୁନିଆ ରାଜନୀତିର ଦୁନିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ସେ ଖୁବ୍‌ଶୀଘ୍ର ଆମେରିକା, ଚୀନ୍ ଓ ପାକିସ୍ତାନର ଜାଲରେ ଫସିଗଲେ। ତେଣୁ ୟୁନୁସ୍ ଯେ ଆଗାମୀ ଦିନରେ ବାଂଲାଦେଶରେ ଢାଞ୍ଚାଗତ ସଂସ୍କାର ଏବଂ ନୀତି ନିର୍ଦ୍ଧାରଣରେ ଅନେକ ସମସ୍ୟାର ସମ୍ମୁଖୀନ ହେବେ ଏହା ଏବେଠାରୁ ଜଳଜଳ ଦିଶିଲାଣି। ବାଂଲାଦେଶରେ ଯାହା ଘଟୁଛି ତାହା ସେହି ଦେଶର ଆଭ୍ୟନ୍ତରୀଣ ବ୍ୟାପର; କିନ୍ତୁ ତା'ର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଯାହା ଘଟିବାକୁ ଯାଉଛି ତାହା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ।

ପ୍ରଥମତଃ, ଭାରତ ସହିତ ବାଂଲାଦେଶ ସୀମାନ୍ତ ସବୁଠାରୁ ଦୀର୍ଘ ୪୦୯୬ କିମି, ଯାହା ଉନ୍ମୁକ୍ତ। ଏଣୁ ସେଠାରେ ଯେକୌଣସି ଅଶାନ୍ତି, ଅସ୍ଥିରତା, ଅରାଜକତା ସୃଷ୍ଟି ହେଲେ ଅନୁପ୍ରବେଶକାରୀଙ୍କ ସମେତ ବିଭିନ୍ନ ସଶସ୍ତ୍ର ଉଗ୍ରବାଦୀ ସଂଗଠନର କାର୍ଯ୍ୟକଳାପ ଭାରତରେ ବୃଦ୍ଧି ପାଇବା ନିଶ୍ଚିତ। ଭୌଗୋଳିକ ଅବସ୍ଥିତି ଦୃଷ୍ଟିକୋଣରୁ ବାଂଲାଦେଶ ବାତ୍ୟା, ମରୁଡ଼ି, ଚାଷଜମିରେ ଲୁଣା ମାଡ଼ିଯିବା ଆଦି ପ୍ରାକୃତିକ ଦୁର୍ବିପାକରେ ଗୁରୁତର ପ୍ରଭାବିତ ଦେଶ। ତେଣୁ ସେଠାରେ ସାମାନ୍ୟତମ ବିପର୍ଯ୍ୟୟରେ ଭାରତ ଉପରେ ଅନୁପ୍ରବେଶ ସମସ୍ୟା ବୋଝ ଆହୁରି ବଢ଼ିବ। ଭାରତ ବିରୋଧୀ ଆଭିମୁଖ୍ୟରେ ଚୀନ୍ ଓ ପାକିସ୍ତାନ ବାଂଲାଦେଶର ମୌଳବାଦୀ ଉଗ୍ର ସଂଗଠନଗୁଡ଼ିକୁ ଆର୍ଥିକ ଓ ସାମରିକ ସହାୟତା ଓ ସମର୍ଥନ ଯୋଗାଇ ଆସୁଛନ୍ତି। ବାଂଲାଦେଶର ଅର୍ଥନୀତି ଗୁରୁତର ଚାପରେ ରହିଛି। କୃଷି, ଶିଳ୍ପ ଗୁରୁତର ପ୍ରଭାବିତ ହୋଇଥିବାରୁ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଏଥିରୁ ଚୀନ୍ ଫାଇଦା ଉଠାଇବା ବିଚିତ୍ର ନୁହେଁ।

ବାଂଲାଦେଶର ଅସ୍ଥିରତା ଭାରତକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଭୂରାଜନୈତିକ, କୂଟନୈତିକ, ଅର୍ଥନୈତିକ, ଆଭ୍ୟନ୍ତରୀଣ ସୁରକ୍ଷା, ସାର୍ବଭୌମ ଓ ଅଖଣ୍ଡତା ଦୃଷ୍ଟିରୁ ପ୍ରଭାବିତ କରିବା ନିଶ୍ଚିତ। ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ସହିତ ମୂଳ ଭୂଖଣ୍ଡକୁ ସଂଯୋଗ ପଥ(ଚିକେନ୍ ନେକ୍)ଅଧିକ ବିପଦସଂକୁଳ ହୋଇପଡ଼ିବ। ଏହାଦ୍ୱାରା ଉତ୍ତର-ପୂର୍ବ ରାଜ୍ୟ ମଣିପୁର, ତ୍ରିପୁରା, ମେଘାଳୟ ଓ ଆସାମ ସୀମା ଦେଇ ଆତଙ୍କବାଦୀ, ଡ୍ରଗ୍ସ, କଳା ଟଙ୍କା ଓ ବେଆଇନ କାରବାର ଭାରତରେ ବଢ଼ିବାର ଆଶଙ୍କା ଅଧିକ। ଯଦି ସେଠାରେ ପରିବର୍ତ୍ତିତ ଦୃଶ୍ୟପଟରେ ବିଏନ୍‌ପି ନେତ୍ରୀ ଖଲିଦା ଜିଆ କିମ୍ବା ଜମାତ୍ ଏ ଇସ୍‌ଲାମ୍ ନେତା ସଫିକ୍ ଉର ରହମାନ୍ ଶାସନ କ୍ଷମତାକୁ ଆସନ୍ତି ତେବେ ସେମାନେ ଯଥାକ୍ରମେ ଚୀନ୍ ଓ ପାକିସ୍ତାନର ଇଙ୍ଗିତରେ ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଥିବା ବେଳେ ବାଂଲାଦେଶର ଶାନ୍ତି ଓ ସ୍ଥିରତା ମଧ୍ୟ ବ୍ୟାଘାତ ହେବ।

ଏବେ ୟୁନୁସ୍‌ଙ୍କ ଆଗରେ ମୁଖ୍ୟ ଆହ୍ୱାନ ରହିଛି ସେ ଦେଶରେ ନୀତିଗତ ସଂସ୍କାର ଏବଂ ଗଣତାନ୍ତ୍ରିକ ସରକାରର ପ୍ରତିଷ୍ଠା। ପାକିସ୍ତାନ ଓ ଚୀନ୍ କୋଳରେ ବସିଲେ ତାହା ଆଦୌ ସମ୍ଭବ ନୁହେଁ। କିନ୍ତୁ ଏ କଥା ୟୁନୁସ୍‌ଙ୍କୁ ବୁଝାଇବ କିଏ? ଓଡ଼ିଆରେ ଗୋଟେ ଢଗ ଅଛି - ନିଆଁ ଗିଳିଲେ ଅଙ୍ଗାର ବାହାରିବ। ଏବେ ପାକିସ୍ତାନ ରୂପୀ ଯେଉଁ ନିଆଁକୁ ୟୁନୁସ୍ ଗଳାହାର କରିଛନ୍ତି ତାହାର ପରାଭବ ବୁଝିବା ବେଳକୁ ବାଂଲାଦେଶର ରାଜନୀତି, ଅର୍ଥନୀତି, ଶାନ୍ତି, ସ୍ଥିରତା, ଗଣତନ୍ତ୍ର ଅଙ୍ଗାର ପାଲଟି ଯାଇଥିବ। ●

(ସକାଳ ମିଡିଆ ସର୍ଭିସ୍)

# କ୍ୱାଣ୍ଟମ୍ କମ୍ପ୍ୟୁଟିଂ: ଆଶା ଓ ଆହ୍ୱାନ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ କ୍ୱାଣ୍ଟମ୍ ମେକାନିକ୍ସର ପ୍ରଥମ ୧୦୦ ବର୍ଷ। ଏକ ବିରାଟ ମାଇଲଖୁଣ୍ଟ। କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅନ୍ତର୍ଜାତୀୟ ବର୍ଷ (ଆଇୱାଇକ୍ୟୁ) ରେ ବହୁତ କିଛି ଲେଖାଯାଇଛି। ତଥାପି ମୁଁ କ୍ୱାଣ୍ଟମ୍ ପ୍ରଯୁକ୍ତିର ଏକ ନିର୍ଦ୍ଦିଷ୍ଟ ଅଂଶ, ଅର୍ଥାତ୍ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଉପରେ ଏହି ଆଲେଖ୍ୟରେ କିଞ୍ଚିତ ଆଲୋଚନା କରିବାକୁ ଚାହେଁ।

ଲୋକମାନେ ନିଶ୍ଚିତ ଭାବରେ କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ଭଲ କାମ କରିବା ପାଇଁ ବ୍ୟବହାର କରୁଛନ୍ତି ଏବଂ ନିଶ୍ଚିତ ଭାବରେ ଏଗୁଡ଼ିକ ଖୁବ୍‌ଶୀଘ୍ର ଶାସ୍ତ୍ରୀୟ କମ୍ପ୍ୟୁଟର ପରି ସାଧାରଣ ହୋଇଯିବ। କିନ୍ତୁ ପ୍ରକୃତରେ ଅବସ୍ଥା କ'ଣ, ତାହାର ଏକ ସ୍ୱଷ୍ଟ ଚିତ୍ର ଏବେବି ଅସ୍ୱଷ୍ଟ। ଆମେ ଏ କ୍ଷେତ୍ରରେ ଆହୁରି ଅଗ୍ରଗତି କରିବା ପୂର୍ବରୁ ମନେ ପକାଇବା ଉଚିତ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଅନେକ ପ୍ରମୁଖ କ୍ୱାଣ୍ଟମ୍ ଗୁଣଧର୍ମ ଉପରେ ନିର୍ଭର କରେ, ଯେଉଁଥିରେ ସୁପରପୋଜିସନ୍ ଅନ୍ତର୍ଭୁକ୍ତ। ଏହା କ୍ୱାଣ୍ଟମ୍ ବିଟ୍ କିମ୍ବା କ୍ୟୁବିଟ୍ ସୃଷ୍ଟି କରେ। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଡ଼ିତ ହେବାର ଧାରଣା (ଏନଟାଙ୍ଗଲମେଣ୍ଟ), ଯାହା ଦ୍ୱାରା ଦୁଇ କିମ୍ବା ଅଧିକ କ୍ୱିବିଟ୍ ମଧ୍ୟରେ ସମନ୍ୱୟସ୍ଥାପନ ହୁଏ। ଏହା କ୍ୱିବିଟ୍‌ଗୁଡ଼ିକୁ କ୍ୱାଣ୍ଟମ୍ ସୂଚନା ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରେ।

ଏକ ଅତ୍ୟନ୍ତ ସହବନ୍ଧିତ ବ୍ୟବସ୍ଥାରେ କ୍ୱାଣ୍ଟମ୍ କମ୍ପ୍ୟୁଟର ଏକକାଳୀନ ଅନେକ ପଥ ଅନୁସନ୍ଧାନ କରିପାରିବ। ଏହି ବୃହଦାକାର ସମାନ୍ତରାଳ ପ୍ରକ୍ରିୟାକରଣ ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟର ଏକ ଶାସ୍ତ୍ରୀୟ କମ୍ପ୍ୟୁଟର ଅପେକ୍ଷା କିଛି ସମସ୍ୟାକୁ ଅତି ଦ୍ରୁତ ଗତିରେ ସମାଧାନ କରିପାରେ। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ଅନ୍ୟ ଏକ ପ୍ରମୁଖ ପ୍ରଣାଳୀ ହେଉଛି କ୍ୱାଣ୍ଟମ୍ ହସ୍ତକ୍ଷେପ (ଇଣ୍ଟରଫେରେନ୍ସ)। କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ କ୍ୱାଣ୍ଟମ୍ ହସ୍ତକ୍ଷେପ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା କ୍ୱାଣ୍ଟମ୍ ଆଲଗୋରିଦମରେ ସଠିକ୍ ଉତ୍ତରର ସମ୍ଭାବନାକୁ ବୃଦ୍ଧି କରେ ଏବଂ ଭୁଲ ଉତ୍ତରଗୁଡ଼ିକୁ ଦମନ କରେ, ଯାହା ଗଣନାକୁ ବହୁତ ଦ୍ରୁତ କରିଥାଏ। ସୁପରପୋଜିସନ୍ ଓ ଜଡ଼ିତ କରିବା ସହିତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଏକାଥରେ ବିପୁଳ ସଂଖ୍ୟକ ସମ୍ଭାବନାକୁ ପ୍ରକ୍ରିୟାକରଣ ଓ ସଂରକ୍ଷଣ କରିପାରିବ। ସର୍ବୋତ୍ତମ ସୁପର କମ୍ପ୍ୟୁଟର ପକ୍ଷରେ ମଧ୍ୟ ଏହା ସମ୍ଭବ ନୁହେଁ।

ଯଦିଓ ଏହି ସବୁ ଉତ୍ସାହଜନକ ଲାଗୁଛି, ଏପର୍ଯ୍ୟନ୍ତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକର ସଫଳତା ଅସ୍ୱଷ୍ଟ। ଏହା ସ୍ୱଷ୍ଟ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ବାସ୍ତବ ଦୁନିଆରେ ନିୟୋଜିତ ହେବା ପାଇଁ ପ୍ରସ୍ତୁତ ନୁହନ୍ତି। ସମ୍ପୂର୍ଣ୍ଣ ଉପଲବ୍ଧ ହେବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବାକୁ ପଡ଼ିବ। ତଥାପି ଏହା ଦେଖାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ଦୃଢ଼ତା ହେଉଛି ଏହାର ଦୁର୍ବଳତା। ଯୋଉ କ୍ୱାଣ୍ଟମ୍ ଗୁଣଗୁଡ଼ିକ ଯଥା ସୁପରପୋଜିସନ୍, ଏନଟାଙ୍ଗଲମେଣ୍ଟ ଏବଂ ଇଣ୍ଟରଫେରେନ୍ସ- ଏହାକୁ ଏତେ ଶକ୍ତିଶାଳୀ କରେ, ସେମାନଙ୍କ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରିବା ମଧ୍ୟ ଅତ୍ୟନ୍ତ କଷ୍ଟକର। କ୍ୟୁବିଟ୍‌ଗୁଡ଼ିକ ସେମାନଙ୍କର ପାରିପାର୍ଶ୍ୱିକ ପରିବେଶ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ସେଥିପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକୁ ସଠିକ୍ ଗଣନା ପାଇଁ ଆବଶ୍ୟକ କ୍ୱାଣ୍ଟମ୍ ଅବସ୍ଥା ବଜାୟ ରଖିବା ପାଇଁ ବିଶେଷ ଏବଂ ପ୍ରାୟତଃ କ୍ରାୟୋଜେନିକାଲି-ନିୟନ୍ତ୍ରିତ ପରିବେଶ ଆବଶ୍ୟକ। ତେଣୁ ଅନେକ ପରସ୍ପର ସହିତ ଜଡ଼ିତ କ୍ୱିବିଟ୍ ସହିତ ଏକ କ୍ୱାଣ୍ଟମ୍ ସିଷ୍ଟମ୍ ନିର୍ମାଣ କରିବା ଏକ ମହଙ୍ଗା ଏବଂ ଜଟିଳ ଯାନ୍ତ୍ରିକ ଆହ୍ୱାନ। କ୍ୱାଣ୍ଟମ୍ ସିଷ୍ଟମ୍ ପାଇଁ ସଫ୍ଟୱେର୍ ଏବଂ ଆଲଗୋରିଦମର ବିକାଶ ନିମନ୍ତେ ଆବଶ୍ୟକ ଉପକରଣ ଓ ଫ୍ରେମୱାର୍କର ଅତ୍ୟନ୍ତ ଅଭାବ ଅଛି।

ଏତେ ବିପୁଳ ପରିମାଣର କାମର ଆବଶ୍ୟକତା ସତ୍ତ୍ୱେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ପୂର୍ବରୁ କିଛି ଆଶ୍ଚର୍ଯ୍ୟଜନକ ସମ୍ଭାବନା ପ୍ରଦର୍ଶନ କରିସାରିଛନ୍ତି। ଉଦାହରଣ ସ୍ୱରୂପ, ଆମେରିକୀୟ ଫାର୍ମ ଡି-ୱେଭ୍ ଏହି ବର୍ଷ ଆରମ୍ଭରେ ଦାବି କରିଥିଲା ଯେ ସେମାନେ କ୍ୱାଣ୍ଟମ୍ ଚୁମ୍ବକୀୟ ପର୍ଯ୍ୟାୟ ପରିବର୍ତ୍ତନ(କ୍ୱାଣ୍ଟମ ମାଗ୍ନେଟିକ ଫେଜ ଟ୍ରାଞ୍ଜିସନ)ର ସିମୁଲେସନ୍ କରିଛନ୍ତି, ଯାହା ସବୁଠାରୁ ଶକ୍ତିଶାଳୀ ଶାସ୍ତ୍ରୀୟ ଡିଭାଇସ୍ ଦ୍ୱାରା ସମ୍ଭବ ହେବ ନାହିଁ। ଯଦି ସତ୍ୟ, ତେବେ ଏହା ପ୍ରଥମ ଥର ପାଇଁ ଏକ କ୍ୱାଣ୍ଟମ୍ କମ୍ପ୍ୟୁଟରର ଏକ ବ୍ୟବହାରିକ ସଫଳତା ବୋଲି ଧରା ହେବ। କ୍ୱିବିଟ୍ ସ୍ଥିରତା ସମସ୍ୟାର ସମାଧାନ ପାଇଁ ସାରା ବିଶ୍ୱରେ ବହୁତ ଗବେଷଣା ଓ ବିକାଶ ଚାଲିଛି। କୌଣସି ପର୍ଯ୍ୟାୟରେ ଦୃଢ଼ ଓ ନିର୍ଭରଯୋଗ୍ୟ କ୍ୱାଣ୍ଟମ୍ କମ୍ପ୍ୟୁଟର ସ୍ଥାପତ୍ୟ ପାଇଁ ଏକ ଯୁଗାନ୍ତକାରୀ ଡିଜାଇନ୍ ହେବାର ସମ୍ଭାବନା ଅଛି। ପ୍ରଚ୍ଛଦପଟରେ ବର୍ତ୍ତମାନ ବହୁତ ବୈଷୟିକ ଉନ୍ନତି ଘଟୁଛି।

ବିଶ୍ୱାସ କରାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକୁ ବଦଳାଇବ ନାହିଁ, ଅତି କମରେ ପ୍ରାରମ୍ଭିକ ଭାବରେ ନୁହେଁ, ବରଂ ସେମାନଙ୍କ ସହିତ କାମ କରିବ। କାରଣ ପ୍ରତ୍ୟେକର ନିଜସ୍ୱ ଆପେକ୍ଷିକ ଶକ୍ତି ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଔଷଧ ଆବିଷ୍କାର, ସାମଗ୍ରୀ ବିଜ୍ଞାନ, ଆର୍ଥିକ ମଡେଲିଂ, ଜଟିଳ ଅପ୍ଟିମାଇଜେସନ୍ ସମସ୍ୟା ଏବଂ ବର୍ଦ୍ଧିତ ବଡ଼ କୃତ୍ରିମ ବୁଦ୍ଧିମତ୍ତା ଏବଂ ମେସିନ୍-ଶିକ୍ଷଣ ମଡେଲ ଭଳି ନିର୍ଦ୍ଦିଷ୍ଟ ଏବଂ ଅତ୍ୟନ୍ତ ଦାବିପୂର୍ଣ୍ଣ (ଡିମାଣ୍ଡିଙ୍ଗ ) କମ୍ପ୍ୟୁଟେସନାଲ କାର୍ଯ୍ୟ ପାଇଁ ଉପଯୁକ୍ତ ହେବ। ଏଗୁଡ଼ିକ ସମସ୍ତ ଶାସ୍ତ୍ରୀୟ କମ୍ପ୍ୟୁଟର ସମ୍ବଳର ସୀମା ବାହାରେ। ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକ ୱେବ୍ ବ୍ରାଉଜିଂ, ୱାର୍ଡ ପ୍ରୋସେସିଂ ଏବଂ ଡାଟାବେସ୍ ପରିଚାଳନା ଭଳି ଦୈନନ୍ଦିନ କାର୍ଯ୍ୟ ପାଇଁ ପ୍ରାସଙ୍ଗିକ ରହିବ ଏବଂ କ୍ୱାଣ୍ଟମ୍ ସିଷ୍ଟମ ଦ୍ୱାରା ଆବଶ୍ୟକ ତଥ୍ୟ ପ୍ରସ୍ତୁତି, ଭିଜୁଆଲାଇଜେସନ୍ ଏବଂ ତ୍ରୁଟି ସଂଶୋଧନ ପରିଚାଳନା ପାଇଁ ଅତ୍ୟାବଶ୍ୟକ ହେବ।

ଶେଷରେ, ଏଠାରେ ଉଲ୍ଲେଖ କରିବା ପାଇଁ ଗୋଟିଏ ବିଶେଷ କଥା ରହିଛି। ତାହା ହେଉଛି ସାଇବର ସୁରକ୍ଷା। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ବର୍ତ୍ତମାନର ଏନକ୍ରିପ୍ସନ୍ ପଦ୍ଧତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରେ, ଯାହା ବହୁଳ ଭାବରେ ବ୍ୟବହୃତ ପବ୍ଲିକ୍-କୀ କ୍ରିପ୍ଟୋଗ୍ରାଫିକୁ ଦୁର୍ବଳ କରିବାର ଆଶଙ୍କା ରଖେ। ଏହା ଚିନ୍ତାର ବିଷୟ ଯେ ଆଜିକାଲି ହ୍ୟାକର୍ସମାନେ ଭବିଷ୍ୟତର କ୍ୱାଣ୍ଟମ୍ ଡିକ୍ରିପ୍ସନ୍ ଆଶାରେ ସେମାନଙ୍କର ଚୋରି ହୋଇଥିବା ତଥ୍ୟ ସଂରକ୍ଷଣ କରୁଛନ୍ତି। ଏହା ସତ୍ତ୍ୱେ ଆମେ ଆଶା କରିପାରିବା ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରର ଭବିଷ୍ୟତ ଉଜ୍ଜ୍ୱଳ। ●

(ପୂର୍ବତନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

## ମାଇକ୍ରୋଓଏଭ ଚୁଲିର ଭଲ-ମନ୍ଦ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ବିଶେଷ କରି ସହରାଞ୍ଚଳମାନଙ୍କରେ ମାଇକ୍ରୋଓଏଭ ଚୁଲି ପ୍ରାୟ ଘରେ ଘରେ ବ୍ୟବହାର ହେଉଛି। ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି। ଏଥିରେ ରନ୍ଧନ ସହଜ ଓ ପରିଷ୍କାର ରହୁଥିବାରୁ ଆଦର ବଢୁଚି। କିନ୍ତୁ ଏହାର ଭଲ ଗୁଣ ଯେତିକି, ମନ୍ଦ ଗୁଣ ତା'ଠାରୁ ନିହାତି କମ ନୁହେଁ ବୋଲି ବୈଜ୍ଞାନିକମାନେ ମତ ଦେଲେଣି।

ମାଇକ୍ରୋଓଏଭ ଚୁଲିର ଉଦ୍ଭାବନ କରିଥିଲେ ଆମେରିକାର ପ୍ରସିଦ୍ଧ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ଓ ଯୋଗାଣକାରୀ କମ୍ପାନୀର ପ୍ରଯୁକ୍ତି ବିଜ୍ଞାନୀ ପର୍ସି ସ୍ପେନସର। ତପ୍ରେ ଏ କମ୍ପାନୀ ୧୯୪୭ ମସିହାରେ ମାଇକ୍ରୋଓଏଭ ରନ୍ଧନ ପଦ୍ଧତିକୁ ସ୍ୱାଧିକାର ଭୁକ୍ତ (ପାଟେଣ୍ଟ) କଲା ଏବଂ ୧୯୪୭ ଦଶକର ପ୍ରାରମ୍ଭରେ ଲିଟନ୍ ନାମକ ଅନ୍ୟ ଏକ କମ୍ପାନୀ ଏହାର ସତ୍ତ୍ୱାଧିକାର କ୍ରୟ କରି ଆଧୁନିକ ମାଇକ୍ରୋଓଏଭ୍ ଚୁଲିମାନ ତିଆରି କରି ବଜାରକୁ ଛାଡ଼ିଲା। ଏ ଚୁଲିରେ ରନ୍ଧନ ଅନେକ ଦୃଷ୍ଟିରୁ ସୁବିଧାଜନକ। ପ୍ରଥମତଃ, ଏହା ପାରମ୍ପରିକ ପଦ୍ଧତିଗୁଡ଼ିକ ଠାରୁ କମ୍ ସମୟ ନିଏ ଏବଂ ସେଥିପାଇଁ କମ୍ ଶକ୍ତି ଆବଶ୍ୟକ କରେ। ପୁନଶ୍ଚ ଏଥିରେ ପ୍ରସ୍ତୁତ ଖାଦ୍ୟରେ ଥିବା ବିବଧ ପୁଷ୍ଟିକର। ବିଶେଷକରି, ପ୍ରୋଟିନ ଓ ଭିଟାମିନ୍ ଏହିପ୍ରକାର ରନ୍ଧନ ପ୍ରଣାଳୀରେ ସୁରକ୍ଷିତ ରହେ। ଏପରିକି ଏଥିରେ ଖାଦ୍ୟକୁ ବାରମ୍ବାର ଗରମ କଲେ ମଧ୍ୟ ତାର ପୌଷ୍ଟିକମାନ ବିଶେଷ ପ୍ରଭାବିତ ହୁଏ ନାହିଁ।

ତେବେ ଏ ରନ୍ଧନର କେତେକ ନକାରାତ୍ମକ ଦିଗ ଥିବା କଥା ବୈଜ୍ଞାନିକମାନେ ସୂଚୀତ କଲେଣି। ତଦନୁଯାୟୀ ଏଥିରେ ଖାଦ୍ୟ ଅଳ୍ପ ସମୟ ପାଇଁ ଗରମ କରାଯାଉଥିବାରୁ ତାହା ଅସମାନ ହୁଏ। ଅଧିକାଂଶ ସମୟରେ ଆମେ ଏଥିରେ ଆଗରୁ ପ୍ରସ୍ତୁତ ଖାଦ୍ୟକୁ ପୁନର୍ବାର ଗରମ କରି ଖାଇଥାଉ। ସେଥିରେ ଜୀବାଣୁ ସମେତ କିଛି ସୂକ୍ଷ୍ମଜୀବ ବଢ଼ି ପାରିଥା'ନ୍ତି। ଅସମାନ ଗରମ ସେଗୁଡ଼ିକୁ ମାରି ପାରେ ନାହିଁ। ପୁନଶ୍ଚ ମାଇକ୍ରୋଓଏଭ ଚୁଲିରେ ବାରମ୍ବାର ପ୍ରକ୍ରିୟାକରଣ ଖାଦ୍ୟରେ କିଛି ଅଜଣା ଉପଜାତ ପଦାର୍ଥ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଏଗୁଡିକୁ ଆମ ଚୟାପ୍ରନ (ମେଟାବୋଲିଜିମ୍) ପ୍ରକ୍ରିୟା ବିଭାଜିତ କରିପାରେ ନାହିଁ। ଏହା ଆମ ମସ୍ତିଷ୍କର ସ୍ନାୟୁତନ୍ତୁଗୁଡ଼ିକୁ କ୍ଷତି ପହଞ୍ଚାଇ ପାରନ୍ତି। ଏହାବ୍ୟତୀତ ଏଥିରେ ରନ୍ଧା ହେଲେ ପନିପରିବାରେ ଥିବା ଖଣିଜ ଲବଣଗୁଡ଼ିକ କର୍କଟ ରୋଗକାରୀ ମୁକ୍ତ ମୂଳକ (ଫ୍ରି-ରାଡିକାଲସ୍)ରେ ପରିଣତ ହୋଇପାରନ୍ତି। ସେହିପରି ଏତଦ୍ୱାରା ଖାଦ୍ୟର ଅନ୍ୟାନ୍ୟ ପୁଷ୍ଟିକାରକ ଅଣୁଗୁଡ଼ିକର ସଂରଚନା ବଦଳି ସେମାନେ ଭିନ୍ନ ରୂପ ନେଇପାରନ୍ତି, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

ତେବେ ବର୍ତ୍ତମାନ ମାଇକ୍ରୋଓଏଭ ଚୁଲି ଆମର ଏକ 'ଅତ୍ୟାବଶ୍ୟକ ହାନିକାରୀ'ରେ ପରିଣତ ହୋଇଛି। ଏଣୁ ଏହାକୁ ଆଉ ପରିତ୍ୟାଗ କରିବା ସମ୍ଭବପର ନୁହେଁ। ଏପରିସ୍ଥଳେ ତାହା ବ୍ୟବହାର କଲାବେଳେ କେତେକ ପ୍ରତିକାର ପଦକ୍ଷେପ ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ହେଲା ଖାଦ୍ୟ ପଦାର୍ଥଗୁଡ଼ିକୁ ସମାନଭାବେ ଛୋଟ ଛୋଟ କରି କାଟିଲେ ଏଥିଷର ଭଲ ରାନ୍ଧି ହୁଏ। କାରଣ ସେଥିମଧ୍ୟକୁ ମାଇକ୍ରୋଓଏଭ ତରଙ୍ଗ ସମାନ ଭାବେ ପ୍ରବେଶ କରେ। ଏଥିରୁ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ଏଥିରେ ବ୍ୟବହୃତ ରନ୍ଧନ ପାତ୍ର କାଚ ବା ସେରାମିକ ହେବା ଦରକାର। ତାହା ଟେକା ବା ଗୋଲ ହୋଇଥିଲେ ତାହାର ଚାରିଆଡ଼େ ତାପମାତ୍ରା ସମାନ ହୁଏ। ଯେଉଁ ଖାଦ୍ୟ ଯେତିକି ସମୟ ରନ୍ଧାଯିବା କଥା ତା'କୁ ସେତିକି ସମୟ ରନ୍ଧିବା ଉଚିତ। ଏଥିରେ ମାଂସ, କୁକୁଡ଼ା ମାଂସ, ମାଛ କିମ୍ବା ଅଣ୍ଡା ରାନ୍ଧିଲେ ବିଶେଷ ସାବଧାନତା ଅବଲମ୍ବନ କରିବା ଦରକାର। ଯେତେଦୂର ସମ୍ଭବ, ଏଥିରେ ତାହା ନ ରାନ୍ଧିଲେ ଭଲ। ରାନ୍ଧିବା ଭିତରେ ଖାଦ୍ୟକୁ ଅନ୍ତତଃ ଥରେ ଘାଣ୍ଟିବା ଦରକାର। ନଚେତ୍ ତାହାକୁ ଚୁଲି ଭିତରୁ କାଢ଼ିବା ଆଗରୁ କିଛିସମୟ ରହିବାକୁ ଦେବା ଭଲ। ତା'ହେଲେ ତହିଁରେ ତାପମାତ୍ରା ସୁଷମ ରୂପେ ଆବଣ୍ଟନ ହେବା ସମ୍ଭବ ହେବ।

ମାଇକ୍ରୋଓଏଭ ଚୁଲିରେ ପ୍ଲାଷ୍ଟିକ ବାସନ ବ୍ୟବହାର ଯେତେ କମ କରାଯିବ ସେତେ ଭଲ। କାରଣ ଏ ସମୟରେ ତହିଁରୁ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ନିର୍ଗତ ହୋଇ ଖାଦ୍ୟରେ ମିଶିପାରେ। ଏଥିପାଇଁ କିଛି ବିଶେଷ ଧରଣର ମାଇକ୍ରୋଓଏଭ ନିରାପଦ ରନ୍ଧନ ପାତ୍ର ରହିଛି। ତାହାର ବ୍ୟବହାର ନିରାପଦ ବୋଲି ମନେ କରାଯାଏ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୋଷ୍ୟ ଓଡ଼ିଆ ଝିଅକୁ ଆମେରିକୀୟ ଦମ୍ପତିଙ୍କ ନିର୍ଯାତନା

# ଉଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ବନ୍ଧୁ

ବାଲେଶ୍ୱର, ୧୦।୧୧ (ସମିସ): ପୋଷ୍ୟ ଓଡ଼ିଆ ଝିଅ ପୂଜାଙ୍କୁ ଆମେରିକୀୟ ଦମ୍ପତିଙ୍କ ଅକଥନୀୟ ନିର୍ଯାତନା। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଯୁବତୀଜଣଙ୍କ ଏ ସଂପର୍କରେ କହିବା ସହ ଆମେରିକାରୁ ତାଙ୍କୁ ଉଦ୍ଧାର କରିବାକୁ ଆକୁଳ ନିବେଦନ କରିଛନ୍ତି। ଅନ୍ୟପଟେ ଯୁବତୀଙ୍କ ଜଣେ ବନ୍ଧୁ ଅମର ଦାସ ଏନେଇ ସୋମବାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟି ପୂଜାଙ୍କୁ ସୁରକ୍ଷିତ ଉଦ୍ଧାର କରିବାକୁ ଗୁହାରି କରିଛନ୍ତି।

୨୦୦୬ ମସିହାରେ ଜନ୍ମିତ ପୂଜା ଭୁବନେଶ୍ୱରର କୋଲଥିଆ ଅଞ୍ଚଳ ନିବାସୀ। ବାପା, ମା'ଙ୍କ ସହ ଟ୍ରେନ୍‌ରେ ଯାଉଥିବା ବେଳେ ସେ ଅନ୍ୟ ଏକ ରାଜ୍ୟରେ ହଜି ଯାଇଥିଲେ। ଚାଇଲଡ ଲାଇନ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଏବଂ ପରେ ଭୁବନେଶ୍ୱରର ନହରକଣ୍ଟାରେ ଥିବା ଏକ କନ୍ୟାଶ୍ରମରେ ରଖାଇଥିଲା। ୨୦୧୮ ମସିହାରେ ଆମେରିକାର ଏକ ଦମ୍ପତି ପୂଜାଙ୍କୁ ପୋଷ୍ୟକନ୍ୟା ଭାବେ ସାଥିରେ ନେଇଯାଇଥିଲେ। ସେଠାରେ ତାଙ୍କ ନାମ ବଦଳାଯାଇ ସେଜଲ ଜନ୍ ରଖାଯାଇଛି। ତେବେ କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ଉକ୍ତ ଆମେରିକୀୟ ଦମ୍ପତି ସେଠାରେ ତାଙ୍କୁ ନିର୍ଯାତନା ଦେଉଛନ୍ତି ବୋଲି ପୂଜା ଏକ ଭିଡିଓ ଜରିଆରେ କହିଛନ୍ତି। ତାହା ଏବେ ସାମାଜିକ ଗଣମାଧ୍ୟମରେ



ଭାଇରାଲ ହେବାରେ ଲାଗିଛି। ପୂଜା ଓଡ଼ିଶା ଫେରିବାକୁ ଚାହୁଁଥିବା ବେଳେ ତାଙ୍କ ଭିସାର ଅବଧି ଶେଷ ହୋଇଯାଇଛି। ତେଣୁ ସେ ଫେରିପାରୁନାହାନ୍ତି। ସେହିଭଳି ତାଙ୍କ ପାଳିତ ମା' ମଧ୍ୟ ତାଙ୍କୁ ଛାଡ଼ିବାକୁ ନାରାଜ ବୋଲି ଉକ୍ତ ଭାଇରାଲ ଭିଡିଓରେ ସେ କହିଛନ୍ତି।

ଅନ୍ୟପଟେ, ପୂଜା ଇନଷ୍ଟାଗ୍ରାମ୍‌ରେ ତାଙ୍କର ଜଣେ ସାଙ୍ଗ ବାଲେଶ୍ୱରର ଅମରଙ୍କ ସହ ଯୋଗାଯୋଗ କରିଛନ୍ତି। ଅମରଙ୍କ କହିବା ଅନୁସାରେ, ୨୦୨୩ ମସିହାରେ ଇନଷ୍ଟାଗ୍ରାମରେ ପୂଜା ତାଙ୍କ ସହ ଯୋଗାଯୋଗ କରିଥିଲେ। ଦୁହେଁ ସାଙ୍ଗ ହୋଇ ସ୍କୁଲରେ ପଢୁଥିଲେ। ପୂଜା ପାଖରେ ମୋବାଇଲ ନ ଥିବାରୁ ସେ ତାଙ୍କ ଘରେ ଥିବା କମ୍ପ୍ୟୁଟର୍‌ରୁ ସୋସିଆଲ ମିଡିଆ ମାଧ୍ୟମରେ ଯୋଗାଯୋଗ କରନ୍ତି। ତେବେ ସେଠାରେ ତାଙ୍କର ପାଳିତ ମା' ସୁସେନ ତାଙ୍କୁ ନିର୍ଯାତନା ଦେଉଛନ୍ତି ଏବଂ ସେ ଓଡ଼ିଶା ଫେରିବାକୁ ଚାହୁଁଥିବା ସେ ଅମରଙ୍କୁ କହିଛନ୍ତି। ଅମର ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୂଜାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଗୁହାରି କରିଛନ୍ତି। ଏ ସଂପର୍କରେ ସେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏହି ଘଟଣାକୁ ନେଇ ସରକାରଙ୍କୁ ଜଣାଇବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିସ୍ଫୋରଣରେ ଥରିଲା...

ବିସ୍ଫୋରଣ ଯୋଗୁଁ ନିଆଁ ଆଖପାଖକୁ ବ୍ୟାପିଯାଇଥିଲା। ଏଥିରେ ଅନେକ କାର ଜଳିଯାଇଛି। ତେବେ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ।

ଜଣେ ଆହତ ବ୍ୟକ୍ତି କହିଛନ୍ତି ଯେ ବିସ୍ଫୋରଣ ଏତେ ପ୍ରଚଣ୍ଡ ଥିଲା ଯେ ସେ ତିନି ଥର ତଳେ ପଡ଼ି ଯାଇଥିଲେ। ଅନ୍ୟ ଜଣେ କହିଛନ୍ତି ଯେ ନିଆଁ ଗୋଳା ଉଠିବା ପରେ ସେ ଘରର ଛାତରୁ ତଳକୁ ଚାଲି ଆସିଥିଲେ। କ'ଣ ହେଉଛି ଜାଣିବା ପାଇଁ ଚାହିଁଥିଲେ। ଏକାଧିକ କାରରେ ବିସ୍ଫୋରଣ ହୋଇଥିବା ସେ କହିଥିଲେ। ଏହି ବିସ୍ଫୋରଣ ସ୍ଥଳରୁ ଗୁରୁଦ୍ୱାର ସିସ୍ ଗଞ୍ଜ ସାହିବ କିଛି ଶହ ମିଟର ଦୂରରେ ଏବଂ ଜାମା ମସଜିଦ ଏକ କିମି ଦୂରରେ ରହିଛି।

### ଆଜି ନୂଆପଡ଼ା...

ମିଳିଥିବା ସୂଚନା ଅନୁଯାୟୀ ମତଦାନ ପ୍ରକ୍ରିୟାରେ ମୋଟ୨୫୮୪ଜଣ କର୍ମଚାରୀ ଭାଗ ନେଉଛନ୍ତି। ସେହିପରି ମତଦାନ ପ୍ରକ୍ରିୟା ପରିଚାଳନାରେ ନିର୍ବାଚନ ମଣ୍ଡଳୀରେ ମୋଟ ୧୫୮୪ଜଣ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ମୋଟ ୩୫୮ଟି ବୁଥ୍‌ରେ ୧୫୫୭ଜଣ ପୁରୁଷ ଏବଂ ୩୨ଜଣ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୋଟ୍ ବୁଥ ଗୁଡ଼ିକ ମଧ୍ୟରୁ ୬ଟି ସଖି(ପିଙ୍କ) ବୁଥ୍ ରହିଥିବାବେଳେ ଏଥି ସକାଶେ ୮ଟି ପାର୍ଟି ବ୍ୟବସ୍ଥା କରାଯାଇଛି। ମତଦାନକୁ ନିରପେକ୍ଷ ଏବଂ ଅବାଧ କରିବାକୁ ନୂଆପଡ଼ାକୁ ନିର୍ବାଚନ ମଣ୍ଡଳୀ ବାହାର ଅର୍ଥାତ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରୁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲାରେ ମୋଟ ୩୫୮ଟି ବୁଥ୍‌ରେ ଭୋଟଗ୍ରହଣ କରାଯାଉଥିବାବେଳେ ଏଥିରୁ ୪୭ଟି ମାଓବାଦୀ ପ୍ରଭାବିତ ବୁଥ୍ ରହିଥିବା ତଥ୍ୟ ରହିଛି। ତନ୍ମଧ୍ୟରୁ ୮ଟି ବୁଥ ଦୁର୍ଗମ ଅଞ୍ଚଳରେ ଥିବା ଯଥା ୩୨୦ନମ୍ବର ବୁଥ୍ ସୋସେଙ୍ଗ ସେବାଶ୍ରମ, ସୋସେଙ୍ଗ-୨, ଦେଓସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାବେଡା -୧, ସୁନାବେଡା ସେବାଶ୍ରମ ୧(କ), ଜାମଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗାତିବେଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ- ୧, ଗାତିବେଡା ୨ ପାଇଁ ହେଲିକପ୍ଟର ଯୋଗେ ପୋଲିଂ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଆଯାଇଛି। ଏହାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଏସପି ଅମ୍ରିତ ପାଲ ସିଂ ଉପସ୍ଥିତ ରହି ପ୍ରତ୍ୟକ୍ଷ ମାର୍ଗଦର୍ଶନ କରିଥିଲେ। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବାକୁ ବ୍ୟାପକ ପୁଲିସ ବଳ ନିୟୋଜିତ କରାଯାଇଛି। ଏଥିରେ ମୋଟ୍ ୧୨୩୧ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜଣେ ଏସ୍‌ପି, ଏଏସ୍‌ପି, ୬ଜଣ ଡିଏସପି, ୯ଜଣ ଇନ୍ସପେକ୍ଟର, ୩୭ଜଣ ହାବିଲଦାର, ୧୨୩ଜଣ ଓଆର କନଷ୍ଟେବଲ, ୪୧ଜଣ ଏପିଆର କନ୍‌ଷ୍ଟେବଲ, ୩୭ଜଣ ଓଏପିଏଫ, ୫୭ଜଣ ହୋମଗାର୍ଡ ନିୟୋଜିତ ରହିଥିବା ଏକ ସୂତ୍ରରୁ ପ୍ରକାଶ। ଏହାବ୍ୟତୀତ ୧୪ କମ୍ପାନୀ ସିଏପିଏଫ, ୬ ପ୍ଲାଟୁନ ୨ସେକ୍ସନ ଏସପି ନିୟୋଜିତ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

### ଆତଙ୍କବାଦର ନୂଆ...

ଏଠାରେ ଇସ୍ତଫା ଦେବା ସହ ସାହାରନପୁରରେ ପ୍ରାକ୍ଟିସ କରୁଥିଲା। ମୁଜାମ୍ମିଲ ଫରିଦାବାଦ୍‌ର ଧୋଜ ଗାଁରେ ୩ ମାସ ତଳେ ଘରଭଡ଼ା ନେଇଥିଲା।। ସେ ଏଠାରେ ରହୁ ନଥିଲେ ମଧ୍ୟ କେବଳ ଜିନିଷପତ୍ର ରଖୁଥିଲା। ଗତ ୧୫ ଦିନ ହେବ ଜମ୍ମୁ-କଶ୍ମୀର ଓ ହରିୟାଣା ପୁଲିସ ମିଳିତ ଭାବେ ଜଏଣ୍ଟ ଅପରେସନ କରିଥିଲେ। ନଭେମ୍ବର ୯ରେ ଚଢ଼ାଉ କରାଯାଇ ମୁଜାମ୍ମିଲ ଘରର ତଲାସି ନିଆଯାଇଥିଲା ବୋଲି ଫରିଦାବାଦ୍ ପୁଲିସ କମିଶନର ସତେନ୍ଦ୍ର କୁମାର ଗୁପ୍ତା କହିଛନ୍ତି। ଏଥିରେ ୩୬୦ କେଜିର ବିସ୍ଫୋରକ ଜବତ କରାଯାଇଥିଲା। ଏହା ଆମୋନିୟମ ନାଇଟ୍ରେଟ। କିନ୍ତୁ ଏହା ଆରଡିଏକ୍ସ ନୁହଁ ବୋଲି ସ୍ପଷ୍ଟ କରାଯାଇଛି। ଆତଙ୍କବାଦୀ ଗତିବିଧି ସହିତ ଜଡିତ ବହୁ ଜିନିଷପତ୍ର ମଧ୍ୟ ଜବଦ କରାଯାଇଥିଲା। ସେଗୁଡିକ ମଧ୍ୟରେ ୨୦ ଟାଇମର୍ସ, ବେଟୋରୀ ଓ ଅନ୍ୟ ଜିନିଷ ଜବତ କରାଯାଇଥିଲା। ସେହିପରି ଏକ ଆସଲ୍ଟ ରାଇଫଲ, ୩ ମ୍ୟାଗାଜିନ, ୮୩ ଗୁଳି, ଗୋଟିଏ ପିସ୍ତଲ ଓ ତା'ର ୮ ରାଉଣ୍ଡ ଗୁଳି, ୨ଟି ଖାଲି ଗୁଳି ଓ ଦୁଇଟି ଅତିରିକ୍ତ ମ୍ୟାଗାଜିନ ଜବତ କରାଯାଇଛି। ଜାତୀୟ ସୁରକ୍ଷା ଦୃଷ୍ଟିରେ ରଖି ଏ ନେଇ ଅଧିକ ସୂଚନା ଦେବାକୁ ମନା କରିଦିଆଯାଇଛି। ସେହିପରି ଆଦିଲକୁ ପଚରା ଉଚରା ଜାରି ରହିଛି। ବେଆଇନ୍ ତଥା ସଂଦୀଗ୍ଧ ଗତିବିଧି ନେଇ ୟୁଏପିଏ ଆଇନ୍ ଅନୁଯାଇ ମାମଲା ରୁଜୁ କରାଯାଇଛି।

### ନିରବ ଅବଧିରେ...

ନୂଆପଡ଼ା ଉପନିର୍ବାଚନର ବିଶ୍ୱସନୀୟତା ରକ୍ଷା ପାଇଁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଭାରତୀୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶାବଳୀ ଅନୁସାରେ ସାଇଲେଣ୍ଟ ପିରିୟଡ ଆରମ୍ଭ ହେଲେ ବାହାର ଅଞ୍ଚଳର ରାଜନୈତିକ ନେତା ଓ ପ୍ରଚାରକମାନଙ୍କୁ ନିର୍ବାଚନମଣ୍ଡଳୀରୁ ବାହାରିବାକୁ ପଡ଼େ। ମାତ୍ର ବିଜେପିର ନିର୍ବାଚନମଣ୍ଡଳୀ ବାହାରର ମନ୍ତ୍ରୀ, ବିଧାୟକ ଏବଂ ନେତାମାନେ ନୂଆପଡ଼ାରେ ଅବାଧ ଭାବେ ଘୁରି ବୁଲୁଛନ୍ତି। ସେମାନେ ଅସତ୍ ଉପାୟରେ ଭୋଟ ଦାତାମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ବଡ଼ ଆଶ୍ଚର୍ଯ୍ୟର କଥା ଯେ ସ୍ଥାନୀୟ ବିଜେଡି ନେତାମାନେ ଯେତେବେଳେ ଏହାର ବିରୋଧରେ ସ୍ୱର ଉଠାଉଛନ୍ତି ସେମାନଙ୍କୁ ପୁଲିସ ଅଟକ ରଖୁଛି। ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ପୁଲିସ ଏକ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପରିବର୍ତ୍ତେ କିପରି ସରକାରୀ ଦଳର ସ୍ୱାର୍ଥ ପୂରଣ ପାଇଁ ପଡ଼ିଥିବା ଏଥିରୁ ସ୍ପଷ୍ଟ ସୂଚୀତ ହେଉଛି।ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଏପରି ଘଟଣା ଆଘାତ ପହଞ୍ଚାଇବା ସହ ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଥିବା ବିଶ୍ୱାସକୁ ମଳିନ କରୁଛି। ଏହା ଜାରି ରହିଲେ ନୂଆପଡ଼ା ଉପନିର୍ବାଚନର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବ। ତେଣୁ ଏହାକୁ ରୋକିବା ଦିଗରେ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ କେତେକ ପଦକ୍ଷେପ ନେବାକୁ ନବୀନ ଅନୁରୋଧ କରିଛନ୍ତି। ୩୬ ଘଣ୍ଟାର ମୌନ ପର୍ଯ୍ୟାୟକୁ କଡ଼ାକଡ଼ି ଲାଗୁ କରିବା ସହ ବିଜେପିର ମନ୍ତ୍ରୀ, ବିଧାୟକ ଓ ନେତାମାନେ ନିର୍ବାଚନ କ୍ଷେତ୍ର ଛାଡ଼ିବା ନିର୍ବାଚନ ଆଚରଣବିଧି ଅନୁଯାୟୀ ସୁନିଶ୍ଚିତ କରାଯାଉ। ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବା ପାଇଁ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସକୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ବିଜେପି ଦ୍ୱାରା ହେରଫେର ହେବାର ଆଶଙ୍କା ନେଇ ବିଜେଡି ଏବଂ ଅନ୍ୟ ରାଜନୈତିକ ଦଳ ପକ୍ଷରୁ ତାଲିକାରେ ଦିଆଯାଇଥିବା ସମ୍ବେଦନଶୀଳ ବୁଥ୍ ଉପରେ ମଧ୍ୟ ସ୍ୱତନ୍ତ୍ର ନଜର ରଖାଯାଉ ବୋଲି ନବୀନ ନିଜ ଦାବି କରିଛନ୍ତି। ସେ କହିଛନ୍ତି ଯେ ପୂର୍ବଜମାନଙ୍କ ବହୁ ତ୍ୟାଗ ଓ ସଂଘର୍ଷ ବଳରେ ଆମେ ଭାରତର ଜନସାଧାରଣମାନେ ଏହି ଗଣତନ୍ତ୍ର ପାଇଛୁ। ଏହିପରି ସମୟରେ ପ୍ରତ୍ୟେକ ପ୍ରତିଷ୍ଠାନ, ବିଶେଷକରି ନିର୍ବାଚନ ଆୟୋଗ, ଗଣତନ୍ତ୍ରର ପବିତ୍ରତା ରକ୍ଷା କରିବା ଏବଂ ଏହାର ସୁରକ୍ଷା କରିବା ହେଉଛି ପ୍ରଧାନ କର୍ତ୍ତବ୍ୟ ବୋଲି ନବୀନ ନିଜ ଟୁଇଟରେ ଉଲ୍ଲେଖ କରିଛନ୍ତି।

### ସମ୍ବୋଧିତ କରିବେ...

ଥିବାବେଳେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦୃଷ୍ଟିରୁ ଅଧିବେଶନଟି ଐତିହାସିକ ହେବାକୁ ଯାଉଛି।

ବିଜ୍ଞପ୍ତି ଅନୁଯାୟୀ ୨୮ ତାରିଖରେ ଅତିରିକ୍ତ ବଜେଟ ଆଗତ ହେବା ପରେ ଏହା ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ଏହାପରେ ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାର ଏକ ଅଧିବେଶନକୁ କୌଣସି ଅଧିବେଶନକୁ ରାଷ୍ଟ୍ରପତି ସମ୍ବୋଧନ କରିବା ପ୍ରଥମ ଘଟଣା । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖାଯାଇ ବିଧାନସଭା ପରିସରକୁ ନୂଆ ରୂପ ଦିଆଯାଉଛି। ବିଶେଷକରି ରାଷ୍ଟ୍ରପତି ଓଡ଼ିଶା ବିଧାନସଭାର ସଦସ୍ୟ ତଥା ମନ୍ତ୍ରୀ ଥିବାବେଳେ ଯେଉଁ କୋଠରୀରେ ବସୁଥିଲେ, ତାହାର ନବୀକରଣ କରାଯାଉଛି। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅତୀତରେ ରାଇରଙ୍ଗପୁର ବିଧାନସଭା ଆସନରୁ ବିଧାନସଭାକୁ ପ୍ରତିନିଧିତ୍ୱ କରିଥିବା ବେଳେ ବିଜେଡି-ବିଜେପି ମେଣ୍ଟ ସରକାର ସମୟରେ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

### ବିରାଦରୀ ପ୍ରୀତି...

କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ। ରଥଯାତ୍ରା ପରିଚାଳନା ପାଇଁ ୨୦ ବରିଷ୍ଠ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟାର ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲା ପ୍ରଶାସନ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଏଡ଼ିଜି, ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ଏଡ଼ିଜି (ମୁଖ୍ୟାଳୟ ଓ କମ୍ୟୁନିକେସନ)ଙ୍କୁ ରିପୋର୍ଟରେ ଏକପ୍ରକାର କ୍ଲିନ୍‌ଚିଟ୍ ଦିଆଗଲା। ଅର୍ଥାତ୍ ରଥଯାତ୍ରାରେ ଯାହା ସବୁ ଘଟଣା ଘଟିଲା, କେବଳ ଏହି ସାତ ଜଣକ କନିଷ୍ଠ ଅଧିକାରୀଙ୍କ ପାଇଁ ଓ ଏଥିରେ ଅନ୍ୟମାନଙ୍କର କୌଣସି ଭୂମିକା ନାହିଁ। ରଥଯାତ୍ରାରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରଥମଥର ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ସହ ଏଆଇ ସିସିଟିଭି କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ୫ ମେଗାପିକ୍ସଲର ୨୮୨ଟି ଏଆଇ କ୍ୟାମେରା ଲଗାଯିବା ପାଇଁ ୮୮ ଲକ୍ଷ ଟଙ୍କା ବରାଦ ବି କରାଗଲା। ମାତ୍ର ୨୮୨ କ୍ୟାମେରା ବଦଳରେ ମାତ୍ର ୧୭୦ଟି କ୍ୟାମେରା ଲାଗିଲା ଓ ଯେଉଁ କ୍ୟାମେରା ଲଗାଗଲା, ତାହାର ମେଗାପିକ୍ସଲ ଓ ଫଟୋର ମାନ ଥିଲା ଅତ୍ୟନ୍ତ ଖରାପ। ୫ ମେଗାପିକ୍ସଲ ବଦଳରେ ୨ ମେଗାପିକ୍ସଲ କ୍ୟାମେରା ଲଗାଯାଇଥିବା ପରେ ଜଣାପଡ଼ିଲା। ମୋଟାମୋଟି ଦେଖିଲେ ଭିଡ଼, ଦଳାଚକଟା, ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପଛରେ ଏଆଇ କ୍ୟାମେରା ପରିଚାଳନାରେ ଦାୟିତ୍ୱହୀନତା ପ୍ରମୁଖ କାରଣ ହୋଇଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତଦନ୍ତ ରିପୋର୍ଟରେ ଏକପ୍ରକାର କ୍ଲିନ୍‌ଚିଟ୍ ଦିଆଯାଇଥିବା ଅଭିଯୋଗ ହୋଇଛି। କାହିଁକି କମ୍ କ୍ୟାମେରା ଲାଗିଲା, କ୍ୟାମେରାର ମେଗାପିକ୍ସଲ କିଏ ଓ କାହିଁକି ପରିବର୍ତ୍ତନ କଲେ, କ୍ୟାମେରା ଲଗାଇଥିବା ସମ୍ପୃକ୍ତ ଠିକା ସଂସ୍ଥାକୁ ବାଛିଥିବା ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ ହେଲା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ପୁଲିସ ଏଡ଼ିଜି (ହେଡ଼କ୍ୱାର୍ଟର ଓ କମ୍ୟୁନିକେସନ)ଙ୍କୁ ଏ ସମ୍ପର୍କରେ ପ୍ରଶ୍ନଟିଏ ବି କରାଯାଇ ନାହିଁ। କନିଷ୍ଠ ପୁଲିସ କର୍ମଚାରୀଙ୍କୁ ବଳି ଦେଇ ତାଙ୍କୁ ପୁରା ଦୋଷମୁକ୍ତ କରି ଦିଆଯାଇଛି। ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ବିରାଦରୀ ପ୍ରୀତି ଯୋଗୁଁ ରିପୋର୍ଟ ନିରପେକ୍ଷତାର ଊର୍ଦ୍ଧ୍ୱକୁ ଉଠି ପାରି ନ ଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରୀତିନୀତି ପରିଚାଳନାରେ ହୋଇଥିବା ଅବ୍ୟବସ୍ଥା ଓ ପହୁଡ଼ ବେଳେ ଉପଯୁକ୍ତ ପରିମାଣର ପୁଲିସ ମୁତୟନ କରା ନ ଯିବା ମଧ୍ୟ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିଥିଲା। ସବୁଠାରୁ ସ୍ପର୍ଶକାତର ଘଟଣାଟି ଘଟିଥିଲା ଶରଧାବାଲିରେ। ରଥଯାତ୍ରା ଦିନ ରାତିରେ ଶୋଇଥିବାବେଳେ ଶରଧାବାଲିରେ ଦଳାଚକଟା ଘଟି ୩ ଜଣଙ୍କ ମୃତ୍ୟୁ ଘଟଣାକୁ ସମ୍ପୂର୍ଣ୍ଣ ଗୁରୁତ୍ୱହୀନ କରି ଦିଆଯାଇଛି। କାହିଁକି ସେଠାରେ ଭିଡ଼ ଏକାଠି ହେବାକୁ ଦିଆଗଲା, ଦାୟିତ୍ୱରେ ଥିବା ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ କ'ଣ କରୁଥିଲେ, ଏଆଇ କ୍ୟାମେରାର ଭୂମିକା ଏଠାରେ କ'ଣ ଥିଲା ଏବଂ ଦଳାଚକଟା ସମୟରେ ଓ ଦଳାଚକଟା ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ କୁଆଡ଼େ ଯାଇଥିଲେ ତାହାର ଉତ୍ତର କାହାରି ପାଖରେ ନାହିଁ। ତଦନ୍ତ ରିପୋର୍ଟରେ ଏଥିପାଇଁ କେବଳ କେଇଜଣ କନିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଯେଉଁ ବରିଷ୍ଠ ଅଧିକାରୀମାନେ ଦାୟିତ୍ୱରେ ଥିଲେ, ସେମାନେ କାହିଁକି ଉତ୍ତରଦାୟୀ କରାଯାଇ ନାହିଁ; ସେ ସମ୍ପର୍କରେ ସ୍ୱାଭାବିକ ପ୍ରଶ୍ନ ଉଠିଛି।

### ନକଲି ଘିଅ ଦେଇଥିଲା...

ଫେରାଇ ନେବା ପରିବର୍ତ୍ତେ ବୈଷ୍ଣବୀ ଡାଏରୀ ନାମରେ ପଠାଇ ଦିଆଯାଇଥିଲା। ଗୁଜରାଟର ଏକ ଲ୍ୟାବ୍ ରିପୋର୍ଟରେ ଜଣାପଡ଼ିଥିଲା ଯେ ଏଆର ଡାଏରୀର ଘିଅରେ ମାଛ ତେଲ, ଗୋଚର୍ବି, ଲାଳ ମିଶା ଯାଉଥିଲା। ଏଥିପାଇଁ ଲାଞ୍ଚ କାରବାର ହେଉଥିଲା। ଯାଞ୍ଚରୁ ଜଣାପଡ଼ିଛି ଯେ ୫୦ ଲକ୍ଷ ଟଙ୍କା ଲୁଚାଇ ଟ୍ରାନ୍ସଫର କରାଯାଇଥିଲା। ଏହି ରାଶି ୱାଇଏସଆର କଂଗ୍ରେସର ପୂର୍ବତନ ସାଂସଦ ତଥା ଟିଟିଡିର ପୂର୍ବତନ ଅଧ୍ୟକ୍ଷ ୱାଇଭି ସୁବା ରେଡ୍ଡୀଙ୍କ ବ୍ୟକ୍ତିଗତ ସହାୟକ ଚିନ୍ନପନ୍ନାଙ୍କୁ ଦିଆଯାଇଥିଲା। ଦିଲ୍ଲୀର ଦୁଇଟି ଅଲଗା ଅଲଗା ଟ୍ରାଞ୍ଜାକ୍ସନରେ ଏଜେଣ୍ଟ ଅମନ ଗୁପ୍ତାଠାରୁ ୨୦ ଲକ୍ଷ ଟଙ୍କା ଏବଂ ବାକି ଟଙ୍କା ଏଗ୍ରି ଫୁଡ୍ସର ଅଧିକାରୀ ବିଜୟ ଗୁପ୍ତାଙ୍କଠାରୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦାବି କରିଥିଲେ ଯେ ପୂର୍ବତନ ଜଗନ ମୋହନ ରେଡ୍ଡୀଙ୍କ ସରକାରର ସମୟରେ ପଶୁ ଚର୍ବି ଥିବା ଘିଅ ଲଡୁ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିଲା। ଏହି ମାମଲା ସେତେବେଳେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ରାଜନୀତି ଏବଂ ଧର୍ମକୁ ମିଶାଇବା ଭୁଲ୍ ବୋଲି କୋର୍ଟ କହିଥିଲେ।


**JOB VACANCY**

Advertisement Ref no- BWFPC/2025-26/026
Marketing Manager (01 no's): Experienced; Graduate (Age limit 40)
**Rs- 15,000/- to 16,000/-**
Accountant (01 no's): Experienced; Graduate in Commerce (Age limit40)
**Rs-8,000/- to 10,000/-.**
Send CVs through Email Id- **bonaigadawomenfpc@gmail.com** or Postal through registered office address C/c - Jaimati Kisan, At/Po Sarsara Bolang, Block Bonaigarha Dist-Sundargarh Postal - 770051 Contact No - 7606999010, 8260444056)
**Deadline for receiving applications: 25.11.2025, 5:00 PM.**

**DARWIN MEMORIAL HIGHER SECONDARY SCHOOL, KUDUMULUGUMMA, MALKANGIRI**

**WALK-IN-INTERVIEW**

A walk-in-interview for **Matron (contractual basis)** in Girls Hostel will be conducted on **19th November 2025 (Wednesday) at 10.00 A.M.** Interested candidates having necessary eligibility and documents be as follows:

1. She must be a graduate.
2. Residence certificate by competent authority.
3. NOC from concerned police station/police verification report.
4. Character certificate by any Gazetted officer.
5. Age must be 18 years as on 01.01.2025. No TA/DA is admissible.

The authority reserves the right to cancel or reject the Walk-in-Interview for any reason thereof.

**Sd/-Principal-cum-Secretary**
**Darwin Memorial H.S.S., Kudumulugumma**


**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.: FP/OR/RAIL/438606/2023** **Dated: 07/10/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023, wherein prior approval of the Ministry of Environment, Forest & Climate Change for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., was sought in accordance with Section-2 (1)(ii) of the Van (Sanrakshan Evam Samvardhan) Adhiniyam, 1980. After due consideration of the proposal by the Ministry of Environment, Forest & Climate Change, the in-principle approval for diversion of the said forest land was accorded by Ministry vide this office letter of even number dated 24.01.2025, subject to fulfillment of certain conditions. The State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the Addl. PCCF & Nodal Officer (FCA), Odisha vide their letter No.19249/9F (Rail)-391/2023 dated 15.09.2025 and submission of the compliance report by the State Govt. in Parivesh web portal on 26.09.2025, Stage-II/final approval of the Ministry of Environment, Forest & Climate Change is hereby granted under Section 2 (1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions:-

**1. General Conditions**

| S. No | Conditions |
|---|---|
| 1.1 | The State Govt. shall ensure that the legal status of diverted forest land shall remain unchanged. |
| 1.2 | The State Govt. shall ensure that the user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.3 | The State Govt. should ensure that the non-forest land proposed for CA shall be notified as PF under Section 29 of the IFA, 1927 or local Act before handing over of the diverted forest land to the user agency and after notification of such non-forest land, the Nodal Officer, Odisha shall upload a copy of said notification on the PARIVESH portal. |
| 1.4 | The State Govt. shall ensure the compliance on FRA, 2006 as per Van (Sanrakshan Evam Samvardhan) Rules and guidelines issued from time to time before handing over of the diverted forest land to user agency. |
| 1.5 | The State Govt. shall ensure that the KML files of the area to be diverted, CA and Addl. CA areas shall be uploaded on the e-Green watch portal with all requisite details before handing over of the diverted forest land to the user agency. |
| 1.6 | The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.7 | The State Govt. shall ensure that the State Forest Department will raise compensatory afforestation over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.8 | The State Govt. shall ensure that the State Forest Department will raise additional compensatory afforestation over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.9 | The State Govt. shall ensure that the species to be planted in the CA and Addl. CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.10 | The State Govt. shall ensure that State Forest Department shall implement the Site Specific Wildlife Conservation Plan duly approved by Chief Wildlife Warden, Odisha the project cost. |
| 1.11 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLW of the State Govt. There should be regular communication with the local forest department to know the presence/movement of elephant near the track. |
| 1.12 | The State Govt. and User Agency shall ensure that speed regulating signage will be erected along the railway line at regular intervals in Protected Areas/Forest Areas. |
| 1.13 | The State Govt. and the User Agency shall ensure that the designing of new culverts/bridges, if any, over the natural streams/ rivers/canals should be done in such a manner that it does not hamper the natural course of water, does not give rise to water-logging, so that it does not hamper movement of wild animals. |
| 1.14 | The State Govt. and the User Agency shall ensure that the reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed. |
| 1.15 | The State Govt. shall ensure that the user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.16 | The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.17 | The State Govt. shall ensure that the period of diversion under this approval shall be co-terminus with the period of lease granted in favour of user agency or the project life, whichever is less. |
| 1.18 | The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas. |
| 1.19 | The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner. |
| 1.20 | The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency. |
| 1.21 | The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change. |
| 1.22 | The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change. |
| 1.23 | The State Govt. shall ensure that no damage to the flora and fauna of the adjoining area shall be caused. |
| 1.24 | The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area. |
| 1.25 | The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Integrated Regional Office of this Ministry by the end of March every year regularly. |
| 1.26 | The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency. |
| 1.27 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.28 | Any other direction issued by the Ministry as a result of Hon'ble Supreme Court order will have bearing on this approval. |
| 1.29 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**

**3. Specific Conditions**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Sujoy Dutta)**
**Assistant Commissioner (Forestry)**


**NOTICE**

By virtue of an affidavit sworn before Executive Magistrate, Banpur, Vide No.- 4068, dated-06/11/2025 I, Adeitya Baghasingh, Address:- S/o-Prasanna Baghasingh, At-Paladhuapalli, Po.- Ayatpur, Ps.- Nachuni, Dist.- Khordha, Odisha, Pin- 752035, declare that I have changed my name from **Ajita Baghasingh** to **Adeitya Baghasingh**. Henceforth, I shall be known as **Adeitya Baghasingh** for all purposes.
Adeitya Baghasingh

**AFFIDAVIT**

**I, Sri Rajesh Kumar Behera, S/o- Sri Chandra Sekhar Behera, R/o At/PO-Bijabandali, PS- Ambadola, Dist.- Rayagada declare that from now onwards my wife named Kshirodara shall be known as KSHIRODRA for all legal purposes by an affidavit No.384 sworn on Dt.09.06.2025.**

**AFFIDAVIT**

I, Rajib Lochan Ratha, S/o-Niranjan Ratha, resident of Po/Ps-Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd-31/10/25 that I will be known and signed as Rajib Lochan Ratha for all future purpose instead of Rajib Lachan Ratha, that reflects in my Matric Certificate.

**AFFIDAVIT**

I, Hasamtun Nisha, aged about 42 years, W/o-Fazle Karim, resident of At- Mahemudabad, Po-Kerang, Ps/Dist-Khurda, Odisha, Pin-752055 declare by this affidavit No. 2281, dtd-10/11/2025, that now onwards I shall be known as **HASMATUN NISHA** for all future purposes.

**AFFIDAVIT**

By virtue of an affidavit (CF No. 8003, date- 04/11/2025 sworn before the Executive Magistrate, Jharsuguda. I, **Basanti Nayak,** W/o- Keshab Parida, permanent resident of At-A.N. Guhalane, Laxmi Narayan Lane, PO: Budharaja, PS: Town, Dist: Sambalpur, PIN- 768004, Odisha declare that I have changed my minor daughter's name from **Nivedita Parida** (old name) to **Siddhi Parida** (new name). Henceforth, she shall be known as **Siddhi Parida** (new name) for all purposes.
**Basanti Nayak**

**AFFIDAVIT**

By virtue of an affidavit sworn before The Executive Magistrate, Panposh, Uditnagar, Rourkela , date-23/05/2025. I, **Santosh Kumar Mohanty,** permanent resident of Qr No. D-418, Koelnagar, PO: Saktinagar, PS: Jhirpani, Rourkela, Dist: Dundargarh, PIN: 769014 Odisha declare that I have changed my minor son's name from **Rohan Mohnaty** to **Swarit Mohanty**. Henceforth, he shall be known as **Swarit Mohanty** (new name) for all purposes.
**Santosh Kumar Mohanty**

**AFFIDAVIT**

By virtue of an affidavit sworn before The Executive Magistrate, Deogarh, date-31/10/2025. I, **Prema Manjari Acharya,** W/o Sribatsha Kumar Acharya, resident of Deogarh Town, Panda Sahi, New Colony, Ward No.2, PO/PS: Deogarh, Tahasil/Dist: Deogarh, Pin: 768108, Odisha declare that I have changed my name from **Premalata Acharya to Prema Manjari Acharya.** Henceforth, I shall be known as **Prema Manjari Acharya** (new name) for all purposes.
**Prema Manjari Acharya**

**AFFIDAVIT**

By virtue of an Affidavit No.6588 dt.04.07.2025 before the Executive Magistrate, Bhadrak I, Balaram Rout, aged 34 years, S/o-Nirmal Rout, At- Ajimatpur, Po-Ananda Bazar, Ps-Dhamnagar, Dist-Bhadrak have declare that my previous nick name was Deepak Kumar Jena S/o-Antaryami Jena and accordingly in my service documents at ATG Tyre Pvt. Ltd. has maintained, but my real name is Balaram Rout S/o-Nirmal Rout. Aadhaar No.6892 3027 4597 and both Deepak Kumar Jena S/o-Antaryami Jena is one and same person and both the names are belong to the deponent and I am known as Balaram Rout S/o-Nirmal Rout for all future purposes.
**Sd/- Balaram Rout**

# ରାଇବଣିଆ ବନାଞ୍ଚଳ ଛାଡୁନାହାନ୍ତି ହାତୀପଲ

ଜଳେଶ୍ୱର ବ୍ଲକ, ୧୦।୧୧ (ସମିସ)



**ଘଟାଉଛନ୍ତି ବ୍ୟାପକ କ୍ଷୟକ୍ଷତି**

ଜଳେଶ୍ୱର ବନ୍ୟପ୍ରାଣୀ ରେଞ୍ଜ ଅଧୀନରେ ଥିବା ରାଇବଣିଆ ବନାଞ୍ଚଳ ପାଲଟିଲାଣି ବାହାର ଜିଲ୍ଲା ତଥା ରାଜ୍ୟର ହାତୀଙ୍କ ସ୍ଥାୟୀ ଠିକଣା। କିଛି ବର୍ଷ ପୂର୍ବରୁ ଏହି ବନାଞ୍ଚଳ ଅଧୀନ ବିଭିନ୍ନ ଜଙ୍ଗଲକୁ ଶିମିଳିପାଳ ଓ ଝାଡ଼ଖଣ୍ଡୀ ହାତୀପଲ କାଁଭାଁ ପଶି ଆସୁଥିଲେ। ଏବେ କିନ୍ତୁ ଏଠାକାର ଜଙ୍ଗଲ ଛାଡ଼ିବାର ନାଁ ଧରୁନାହାନ୍ତି। ବର୍ଷର ୮ ମାସ ଏହି ରେଞ୍ଜରେ ବିତାଇବା ସହ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଫଳରେ ହାତୀ-ମଣିଷ ଲଢ଼େଇ ଏବେ ଚିନ୍ତାର କାରଣ ପାଲଟିଲାଣି।

ଜଳେଶ୍ୱର ତହସିଲ ତଥା ରାଇବଣିଆ ବନାଞ୍ଚଳ ଅଧୀନ ଆମ୍ବୃତୁମ୍ବା, ଲୁହାପଡ଼ା, ଜହନିଫୁଲିଆ, ଭୋଳ, ବାଖୁଡ଼ିପଦା, ସୁକଯୋଡ଼ି, କାଳାଯୋଡ଼ି, ଧାନଘେରା, ରଙ୍ଗାମାଟିଆ ଜଙ୍ଗଲରେ ହାତୀଙ୍କୁ ମିଳୁନି ପର୍ଯ୍ୟାପ୍ତ ଖାଦ୍ୟ। ଉପଦ୍ରବର ଶିକାର ହେଉଛନ୍ତି ଅଞ୍ଚଳର ଚାଷୀ। ରାଇବଣିଆ ବନାଞ୍ଚଳ ପାଲଟିଛି ବାହାର ହାତୀଙ୍କ ଆଶ୍ରୟସ୍ଥଳ। ମୟୂରଭଞ୍ଜର ଟୁପୁରାରୁ ଘାସମାରୀ-ହରିଣାଶୋଳ-ଉଦୁଆଶୋଳ ଆଦି ଜଙ୍ଗଲ ଦେଇ ଶିମିଳିପାଳ ହାତୀ ଯଥାକ୍ରମେ ଜଳେଶ୍ୱରର ତହସିଲ ଅଧୀନ ଆମ୍ବୃତୁମ୍ବା, ଗୋକୁଣ୍ଡି, ପ୍ରସାଦଶୋଳ ଓ ଲୁହାପଡ଼ା ଆଦି ଜଙ୍ଗଲକୁ ପ୍ରବେଶ କରୁଛି। ସେହିପରି ପଶ୍ଚିମବଙ୍ଗ କେଶର ରେଖା ରେଞ୍ଜ ଅଧୀନ ଚିଙ୍ଗଡ଼ିଆ, ବଡ଼ାମରା, ଧୂମସାହି, ନୟାଗ୍ରାମ ରେଞ୍ଜର ଶିତଳପୁରା, ଆଟମାଝିଆ ଆଦି ଜଙ୍ଗଲ ରାସ୍ତାରେ ଝାଡ଼ଖଣ୍ଡୀ ହାତୀପଲ ଜଳେଶ୍ୱରର ହଳଦୀଗୁଣ୍ଡି, କେନ୍ଦୁଖୁଣ୍ଟା, ପାରୁଳିଆସାହି, ବାଡ଼େଡିହି, ସୁକଯୋଡ଼ି, ରାଜନଗର, ଚୁଡ଼ାମଣିପୁର ଆଦିଗାଁକୁ ପଶୁଛନ୍ତି। ପୂର୍ବରୁ ହାତୀପଲ ମୁଖ୍ୟତଃ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଧାନ ଅମଳ ସମୟରେ ଆସିଥାନ୍ତି। ହେଲେ ଏବେ ବେଉଷଣ ଆରମ୍ଭ ହେବା ପାଖରୁ ଅମଳ ସରିବା ଯାଏ ଜଙ୍ଗଲ ଉପକଣ୍ଠ ଗ୍ରାମର ଫସଲ ଉଜାଡୁଛନ୍ତି। ରାଇବଣିଆର ରେଞ୍ଜର ସମସ୍ତ ଜଙ୍ଗଲରେ ପୂର୍ବରୁ ହାତୀଙ୍କ ପସନ୍ଦର ଶିଆଳିଲତା ସହ ଅନ୍ୟ ଉପଯୋଗୀ ଖାଦ୍ୟ ଓ ପର୍ଯ୍ୟାପ୍ତ ପାଣି ମିଳୁଥିଲା। ହେଲେ ଏବେ ଖାଦ୍ୟ ଓ ପାଣି ମିଳୁ ନ ଥିବାରୁ ହାତୀପଲ ଜଙ୍ଗଲରେ କମ, ଜନବସତିରେ ଅଧିକ ସମୟ କାଟୁଛନ୍ତି। ଯେଉଁଥି ପାଇଁ ହାତି-ମଣିଷ ଲଢ଼େଇ ବଢୁଛି। ହେଲେ ଜଙ୍ଗଲରେ ହାତୀପଲ ଖାଉଥିବା ଗଛଲତା ସଂଖ୍ୟା ବୃଦ୍ଧି କରିବା କିମ୍ବା ଜଳାଶୟ ଖନନ ନେଇ ବିସ୍ତୃତ ଯୋଜନା ହେଉନି ହାତୀଙ୍କ ଅବାଧ ପ୍ରବେଶ ରୋକିବା ପାଇଁ ଅଧିକରୁ ଅଧିକ ଅଞ୍ଚଳରେ ସୌରବାଡ଼ ଘେରାଇବାକୁ ଚାଷୀମାନେ କରୁଥିବା ଦାବି ମଧ୍ୟ ପୂରଣ ହୋଇପାରୁନି। ତେବେ ଜଙ୍ଗଲରେ ହାତୀଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ସକାଶେ କାର୍ଯ୍ୟ କରୁଥିବା ଡ. ଦେବବ୍ରତ ସ୍ୱାଇଁଙ୍କ "ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ସହ ସରକାର ମିଳିତ ଉଦ୍ୟମରେ ଉପରୋକ୍ତ ସମସ୍ୟା ସମାଧାନ କରନ୍ତୁ ବୋଲି ଟ୍ରଷ୍ଟର ଜିଲ୍ଲା ସଂଯୋଜକ ଅଶ୍ୱିନୀ କୁମାର ଦାସ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିଳ୍ପ ସଚେତନତା ତଥା ଉଦ୍ୟୋଗୀ ସଂବେଦୀକରଣ ଶିବିର

ଜଳେଶ୍ୱର, ୧୦।୧୧(ସମିସ): ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ପ୍ରାଙ୍ଗଣରେ ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଶିଳ୍ପ ସଚେତନତା ତଥା ସଂବେଦୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଚେତନତା ଶିବିରକୁ ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ( ଡିଆଇସି) ର ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା ଉଦଘାଟନ କରି ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ନୂତନ ଆତ୍ମରୋଜଗାରକ୍ଷମ ବ୍ୟବସାୟିକ ଉଦ୍ୟୋଗ/ପ୍ରକଳ୍ପ/ ଲଘୁ ଉଦ୍ୟୋଗ ପ୍ରତିଷ୍ଠା କରି ରୋଜଗାର ସୁଯୋଗ ସୃଷ୍ଟି କରିବା ସଂପର୍କରେ କହିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବ୍ଲକ ଏଆଇ ଅଫିସର ଅମ୍ବୋଜ କୁମାର ମହାନ୍ତି, ଅଧ୍ୟାପକ ଅକ୍ଷୟ କୁମାର ଜେନା, ସତ୍ୟମୟ ଆଚାର୍ଯ୍ୟ, ଗଣେଷଚନ୍ଦ୍ର ସାହୁ, ମଧୁଛନ୍ଦା ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଦେବାଶିଷ ଦାସ ମଞ୍ଚ ଆମନ୍ତ୍ରଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଅଭିଶ୍ୱେତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଜଳେଶ୍ୱର, ୧୦।୧୧(ସମିସ) : ଜଳେଶ୍ୱର ମ୍ୟୁନିସିପାଲଟିର ଶାନ୍ତିଆ ଗାଁର ଖବର କାଗଜ ବିକ୍ରେତା ଅନିଲ ରଣାଙ୍କ ମଝିଆ ପୁଅ ବାଇକ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ରବିବାର ସକାଳେ ଅନିଲଙ୍କ ଦୁଇ ପୁତ୍ର ରାମକୃଷ୍ଣ (୨୪) ଓ ବିଶ୍ୱଜିତ୍ ରଣା ବାଇକ୍‌ରେ ଭୁବନେଶ୍ୱରରୁ ଫେରୁଥିବାବେଳେ ଏକ ଡିଭାଇଡରରେ ପିଟି ହୋଇଥିଲେ। ରାମକୃଷ୍ଣଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ଆଜି ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଜଣାଯାଇଛି। ବିଶ୍ୱଜିତ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ବାଲିଆପାଳ ବ୍ଲକ ଗାଁ ସାଥୀ ସଂଘର ସମାବେଶ




ବାଲିଆପାଳ, ୧୦।୧୧ (ସମିସ): ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବାଲିଆପାଳ ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ଗାଁ ସାଥିମାନଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ଗାଁ ସାଥି ସଂଘର ସଭାପତି କ୍ଷିତିଶ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଗାଁ ସାଥି ସମାବେଶରେ ବାଲିଆପାଳ ବ୍ଲକର ସମସ୍ତ ଗାଁ ସାଥୀମାନେ ଯୋଗଦେଇଥିଲେ। ସାତ ଦଫା ଦାବୀ ନେଇ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବ ବୋଲି ସଂଘର ନେତୃ ମଣ୍ଡଳୀ ନିଜ ନିଜ ବକ୍ତବ୍ୟ ରେ କହିଥିଲେ। ଦାବି ମଧ୍ୟରେ ଗାଁ ସାଥୀ ମାନଙ୍କର ୨/୩ ବର୍ଷର ବାକି ଥିବା ପ୍ରାପ୍ୟ ତୁରନ୍ତ ପ୍ରଦାନ। ଏମଜିଏନଆରଇଜିଏସ କାର୍ଯ୍ୟରେ ଗାଁ ସାଥୀ ଙ୍କୁ ନିୟୋଜନ କରାଯାଉ। ଇକେୱାଇସି ରେ ଗାଁ ସାଥୀଙ୍କୁ ସାମିଲ କରାଯାଉ। ପଞ୍ଚାୟତ ମାନଙ୍କରେ ହେଉଥିବା ଏମଜିଏନଆରଇଜିଏସ କାର୍ଯ୍ୟରେ ଗାଁ ସାଥୀଙ୍କୁ ସାମିଲ କରାଯାଉ। ବିଭିନ୍ନ ସମୟରେ ବ୍ଲକରେ ଗାଁ ସାଥୀଙ୍କୁ ତାଲିମ ପ୍ରଦାନ କରାଯାଉ। ଗାଁ ସାଥିମାନଙ୍କୁ ବିଭିନ୍ନ ଗ୍ରାମ ବିକାଶ କାର୍ଯ୍ୟକ୍ରମରେ ସାମିଲ ଇତ୍ୟାଦି ଦାବି ରହିଛି। ଏହି ସମାବେଶରେ ଲକ୍ଷ୍ମୀଧର ପ୍ରଧାନ, ସରୋଜ ପରିଡ଼ା, ନକୁଳ କୁମାର ସାହୁ, ଅନିରୁଦ୍ଧ ନାୟକ, ସସ୍ମିତା ଜେନା, ଆନନ୍ଦ ମଲ୍ଲିକ, ସରସ୍ୱତୀ ବେହେରା, ଅନ୍ନପୂର୍ଣ୍ଣା ପଣ୍ଡିତ, ସ୍ନେହଲତା ଗିରି, ସବିତା ଦାସ, ବିନତି ମଣି ସାନ୍ତରା, ଅଞ୍ଜଳି ବାରିକ, ସୁଚିସ୍ମିତା ବେହେରା, ଅର୍ଜୁନ ପ୍ରାମାଣିକ, ଉମାକାନ୍ତ ଜେନା, ସୁଜାତା ଜେନା, ଶମ୍ଭୁନାଥ ଭୂୟାଁ, ହରିଶ ଚନ୍ଦ୍ର ମାରାଣ୍ଡି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଶତାୟୁ ପୁରୁଷ ଗଣେଶ ନାୟକଙ୍କ ବିୟୋଗ
# ଭୋଗରାଇର ଅପୂରଣୀୟ କ୍ଷତି




ଚନ୍ଦନେଶ୍ୱର,୧୦।୧୧(ସମିସ ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ବରିଷ୍ଠ କଂଗ୍ରେସ ନେତା, ପ୍ରବୀଣ ବିଚାରକ, ବହୁ ଅନୁଷ୍ଠାନର ସ୍ରଷ୍ଟା, ଶତାୟୁ ପୁରୁଷ ଗଣେଶ ଚନ୍ଦ୍ର ନାୟକଙ୍କ ବିୟୋଗରେ ଶୋକସଭା ଆଜି ଶ୍ରଦ୍ଧାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସ୍ମୃତିଚାରଣ ସଭାରେ ଗୋଛିଦାଡେଘରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ପାତ୍ର ସଂଚାଳନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଶମ୍ଭୁନାଥ ଜେନା, ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ସୁବାସ ଦାସ ସମ୍ମାନିତ ଅତିଥି ଭାବେ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପଞ୍ଚାନନ କୁଣ୍ଡ, ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ ନାୟକ, ଶ୍ରଦ୍ଧାପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର, କାନôଥଉଁରୀ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା ଉପସ୍ଥିତ ହୋଇ ସ୍ୱର୍ଗତ ଗଣେଶ ଚନ୍ଦ୍ର ନାୟକଙ୍କ ବହୁ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ସେ ଖାଲି ଭୋଗରାଇ କଂଗ୍ରେସ ଦଳର ଆଗ ଧାଡିର ନେତା ନଥିଲେ, ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ୨ ଥର ସରପଞ୍ଚ, ଥରେ ସଦସ୍ୟ, ୩ ଥର ୱାର୍ଡମେମ୍ବର ଓ ଶ୍ରଦ୍ଧାପୁର ସମବାୟ ସମିତିର ଥରେ ସଭାପତି ରହିଥିଲେ। ତାଙ୍କ ସମୟରେ ଶ୍ରଦ୍ଧାପୁର ଡାକ୍ତରଖାନା, ଶ୍ରଦ୍ଧାପୁର ଉଚ୍ଚ ବିଦ୍ୟାଳୟ, ଶ୍ରଦ୍ଧାପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ରଦ୍ଧାପୁର ସେବା ସମବାୟ ସମିତି, ପଶୁ ଚିକିତ୍ସାଳୟ, ଡାକଘର ଓ ଶ୍ରଦ୍ଧାପୁର ସାର୍ବଜନୀନ ନାମମହାଯଜ୍ଞାନୁଷ୍ଠାନ, ଶ୍ରଦ୍ଧାପୁର ହାଟ ଆଦି ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ। ସେ ଖାଲି ଶ୍ରଦ୍ଧାପୁର ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ବହୁ କାର୍ଯ୍ୟ କରିଛନ୍ତି। ସେ ସମଗ୍ର ଭୋଗରାଇ ଅଞ୍ଚଳର ଖୁବ ପରିଚିତଥିଲେ। ଏହିଭଳି ମହାନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ହରାଇ ଭୋଗରାଇର ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ମତ ବ୍ୟକ୍ତ କରିଥିଲେ। ଅନିଲ ମହାନ୍ତି, ଘନଶ୍ୟାମ ନାୟକ, ସମିତି ସଭ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ ଓ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ; ବାଣିଦା ଟିମ୍ ବିଜୟୀ

ଜଳେଶ୍ୱର, ୧୦।୧୧ (ସମିସ) : ସୁଗୋ ପଞ୍ଚାୟତର ବାଣିଦା ଖେଳପଡିଆରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତର ରାଷ୍ଟ୍ରୀୟ ସେବକ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସୁରୁଳା ଟିମ୍‌କୁ ହରାଇ ବାଣିଦା ଟିମ୍ ବିଜୟୀ ହେବା ସହିତ ଟ୍ରଫି ହାସଲ କରିଥିଲେ। ଶିବଶଙ୍କର ଭୂୟାଁ, ପ୍ରଣବ ବାରିକ, ରଣଜିତ୍ ପାତ୍ର, ଚିରଞ୍ଜିବ ଜେନା, ସୁଶାନ୍ତ ମହାନ୍ତି, ଗୌତମ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଜୟୀ ଟିମ୍‌କୁ ଟ୍ରଫି, ପୁଷ୍ପ ଗୁଚ୍ଛ ଦେଇ ପୁରସ୍କୃତ କରାଯାଇଥିଲା।

## ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ଆମ୍ବୁଲାନ୍ସ ଦାବି




ବାରିପଦା, ୧୦।୧୧(ସମିସ): ଶିମିଳିପା କଳା ବାଘ ପାଇଁ ବିଶ୍ୱରେ ପରିଚିତ। ଶିମିଳିପାଳକୁ ସୁରକ୍ଷା ଦେବା ମୟୂରଭଞ୍ଜବାସୀଙ୍କ କର୍ତ୍ତବ୍ୟ। ତେଣୁ ଏନେଇ ବାରିପଦା ଭଞ୍ଜପୁରରେ ଥିବା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କୁ ଶିମିଳିପାଳ ପ୍ରୋଟେକ୍ସନ ଗ୍ରୁପ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଶିମିଳିପାଳ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଜରୁରୀକାଳୀନ ସେବା ପ୍ରଦାନ ପାଇଁ ଗ୍ରୁପର ଚେୟାରମ୍ୟାନ ଶିବାଜୀ ମୌଳିକ ନେତୃତ୍ୱରେ ଆକାଶ ସାମଲ, ବିପ୍ଳବ ଜେନା, ଦିଲୀପ ଚୌଧୁରୀ ଓ ମନୋଜ କୁମାର ମହାନ୍ତ ତାଙ୍କ ସହିତ ଆଲୋଚନା କରି ଶିମିଳିପାଳ ଭିତରେ ୪ଟି ଆମ୍ବୁଲାନ୍ସର ବ୍ୟବସ୍ଥା ପାଇଁ ଦାବି କରିଛନ୍ତି। ଏହି ଦାବି ପୂରଣ ହେଲେ ଶିମିଳିପାଳ ଭ୍ରମଣ ଓ ରାତ୍ରିରହଣି ପାଇଁ ଆସୁଥିବା ପର୍ଯ୍ୟଟକ କୌଣସି ପ୍ରକାର ଦୁର୍ଘଟଣାର ଶିକାର ହେଲେ ତାଙ୍କୁ ତୁରନ୍ତ ସ୍ଥାନାନ୍ତର କରିହେବ; ଯାହାକି ପର୍ଯ୍ୟଟକଙ୍କ ମନୋବଳ ବୃଦ୍ଧି ପାଇବା ସହିତ ଶିମିଳିପାଳର ମର୍ଯ୍ୟାଦା ବଢ଼ାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହି ଦାବିପତ୍ରର ଏକକିତା ନଳକ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ପରିବେଶ ମନ୍ତ୍ରୀ, ଜିଲ୍ଲାପାଳ ଓ ସମସ୍ତ ଗଣମାଧ୍ୟମକୁ ପ୍ରଦାନ କରାଯାଇଛି ବୋଲି ଶ୍ରୀ ମୌଳିକ ସୂଚନା ଦେଇଛନ୍ତି।

## ଆଦିବାସୀ ଅଧିକାର ଓ ସୋସିଆଲ ମିଡିଆ ନେଇ ଆଲୋଚନା

ରାଇରଙ୍ଗପୁର, ୧୦।୧୧(ସମିସ): ନୂଆଦିଲ୍ଲୀରେ ଆଦିବାସୀ କଂଗ୍ରେସ ସଂଗଠନ ପକ୍ଷରୁ ଦିନିକିଆ ଡିଜିଟାଲ ସମ୍ବାଦ-ସଞ୍ଚାର ମାଧ୍ୟମ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଲ ଇଣ୍ଡିଆ ଆଦିବାସୀ କଂଗ୍ରେସ ପାର୍ଟି ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଆଦିବାସୀ କଂଗ୍ରେସ ରାଜ୍ୟ ମୁଖପାତ୍ର, ସୋସିଆଲ ମିଡିଆ ସଦସ୍ୟଙ୍କୁ ନେଇ ଆଦିବାସୀ ଅଧିକାର ବିଶିଷ୍ଟ ମୁଖପାତ୍ର ବିଶେଷଜ୍ଞ ଯୋଗେ ଦେଇଥିଲେ। ସେଥି ମଧ୍ୟରେ ରାଜ୍ୟ ମୁଖପାତ୍ର ତଥା ରାଇରଙ୍ଗପୁର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଯୋଗ ଦେଇ ସମ୍ବିଧାନ ସଭା ସଦସ୍ୟ ମାରାଂ ଗୋମକେ ଜୟପାଲ ସିଂ ମୁଣ୍ଡାଙ୍କୁ ଭାରତ-ରତ୍ନ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହା ଦ୍ୱାରା ସମସ୍ତ ଭାରତରେ ଆଦିବାସୀଙ୍କୁ ଭାବନାତ୍ମକ ରୂପରେ ପୁଣି ଥରେ ଜାତୀୟ କଂଗ୍ରେସରେ ଯୋଡିବାର ସମ୍ପର୍କ ସୂତ୍ର ସ୍ଥାପନ ହୋଇପାରିବ। କଂଗ୍ରେସରେ ଆଦିବାସୀ ମୂଳବାସୀଙ୍କୁ ସମ୍ମାନ ଦେଲେ ସଂଗଠନ ଆହୁରି ମଜଭୁତ ହୋଇ ପାରିବ ବୋଲି ମତପ୍ରକାଶ କରିଥିଲେ। ଏଥିରେ ଅଲ ଇଣ୍ଡିଆ ଆଦିବାସୀ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ତଥା ବିଧାୟକ ଡ ବିକ୍ରାନ୍ତ ଭୁରିଆ ଅଧ୍ୟକ୍ଷତା କରିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ କାର୍ଯ୍ୟକାରିତା, ଡିଜିଟାଲ ସୁରକ୍ଷା ବାର୍ତ୍ତା, ଗ୍ରାଫିକ୍ ଉପସ୍ଥାପନା ଏବଂ ପ୍ରଭାବଶାଳୀ ଅନଲାଇନ୍ ସମ୍ବାଦ ଓ ଡିଜିଟାଲ ସଞ୍ଚାର ଯୋଗାଯୋଗ ଅଭିଯାନର କାର୍ଯ୍ୟକାରିତା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

**ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ବିଫଳ**

# ଦଳୀୟ କର୍ମୀଙ୍କୁ ଅଗ୍ରାଧିକାର; ଦୁଗ୍ଧଚାଷୀଙ୍କୁ ଉପେକ୍ଷା



ବାରିପଦା, ୧୦।୧୧(ସମିସ): ମୟୂରଭଞ୍ଜ ଜିଲାରେ ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଏକ ପ୍ରକାର ବିଫଳ ହେବାକୁ ଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱତନ୍ତ୍ର ଉଦ୍ୟମରେ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ଦୁଗ୍ଧଚାଷୀଙ୍କ ଆମବନିର୍ଭରଶୀଳ ପାଇଁ ଉନ୍ନତମାନର ଗାଈ ପ୍ରଦାନ କରାଯାଇଥିଲା; ଯଦ୍ୱାରା ଗ୍ରାମୀଣ ଆୟ ବୃଦ୍ଧି କରିବା ସହିତ ବର୍ଦ୍ଧିତ କ୍ଷୀର ଚାହିଦା ପୂରଣ କରିବା ପାଇଁ ସ୍ଥାୟୀ ଦୁଗ୍ଧ ଉତ୍ପାଦନକୁ ପ୍ରୋତ୍ସାହନ ଯୋଗାଇଥାନ୍ତା। ମାତ୍ର ଦୁଗ୍ଧଚାଷୀ ପରିବର୍ତ୍ତେ ସମଗ୍ର ଜିଲ୍ଲାରେ ଶାସକ ବିଜେପି ଦଳର ନେତୃବୃନ୍ଦ/କର୍ମୀ/ ସମର୍ଥକଙ୍କୁ ଉନ୍ନତ ଗାଈ ପ୍ରଦାନ ଫଳରେ ଯୋଜନା ସଫଳତା ପାଉନାହିଁ। ପ୍ରକୃତ ଚାଷୀ ଏଥିରୁ ବଞ୍ଚିତ ରହୁଥିବାରୁ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାରେ ବିଳମ୍ବତା ଦେଖାଦେଇଛି। ଗୋ ପାଳନ ସମ୍ବନ୍ଧରେ ସମ୍ୟକ ଅଭିଜ୍ଞତା ନଥିବା ବ୍ୟକ୍ତି ଉନ୍ନତ ମାନର ଗର୍ଭବତୀ ଗାଈ ପାଇବା ପରେ ଲାଳନ ପାଳନ କରିପାରୁ ନାହାନ୍ତି। କେତେକଙ୍କ ଗାଈ ମୃତ୍ୟ ବରଣ କରିଥିବା ବେଳେ ଆଉ କେତେକ ଦଳୀୟ ଲୋକେ ନିଜ ନାମରେ ଗାଈ ନେଇ ନିଜ ଗୁହାଳ ପରିବର୍ତ୍ତେ ସମ୍ପର୍କୀୟଙ୍କୁ ଦେଇଛନ୍ତି। ଏପରିକି ଉନ୍ନତମାନର ଗାଈ ପାଳନରେ ତ୍ରୁଟି ରହୁଥିବାରୁ ଅନେକ ମୃତ୍ୟୁମୁଖରେ ପଡ଼ିଛନ୍ତି। ସୂଚନାଯୋଗ୍ୟ, ଗୋ ପାଳକ ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଏହି ଯୋଜନା ଆରମ୍ଭ ହୋଇଥିଲା। ଏହାକୁ ଲୋକାଭିମୁଖି କରିବା ପାଇଁ ୨୦୨୪ରେ ଜିଲାକୁ ଗୁରୁତ୍ୱ ଦିଆଯାଇ ଚାଷୀମାନଙ୍କୁ ଉନ୍ନତ କିଷମର ଗାଈ ପ୍ରଦାନ କରାଯାଇଥିଲା।୨୦୨୪-୨୫ ବର୍ଷରେ ଉତ୍ପାଦକତା ବୃଦ୍ଧି (ପ୍ରୋଡାକ୍ଟିଭ ଏନହାନ୍ସମେଣ୍ଟ ସ୍କିମ) ଯୋଜନାରେ ୨୬ ବ୍ଲକରେ ୩ ହଜାର ଗାଈ ଯୋଗାଇବାର ଲକ୍ଷ୍ୟ ରଖାଯାଇଥିଲା। ସେଥିମଧ୍ୟରୁ ୨୭୪୧ଟି ସାହିୱାଲ, ଗୀଡ ଓ ଯର୍ଶି ଗାଈ ନିଶୁଳ୍କ ଭାବେ ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା। ସେଥି ମଧ୍ୟରୁ ଏକ ହଜାରରୁ ଉର୍ଦ୍ଧ୍ୱ ଗାଈ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡବାସୀଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ କିଛି ଗାଈ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ସେହିପରି ଅନ୍ୟ ଏକ ଯୋଜନା 'କାମଧେନୁ'ରେ ୨୦୨୪-୨୫ ବର୍ଷରେ ଜିଲାରୁ ୧୧୩ଟି ଗାଈ ପ୍ରଦାନର ଲକ୍ଷ୍ୟ ରହିଥିବା ବେଳେ ୨୦୨ଟି ପ୍ରଦାନ କରାଯାଇଛି। ୨୦୨୫-୨୬ରେ ୩୧୧ଟି ଲକ୍ଷ୍ୟ ରହିଥିବା ବେଳେ ୧୫୪ଟି ପ୍ରଦାନ କରାଯାଇଛି। ସଠିକ ଚାଷୀଙ୍କୁ ଚିହ୍ନଟ କରିବା ପାଇଁ ବ୍ଲକ ସ୍ତରରେ କମିଟି ଗଠନ କରାଯାଇଛି। ଏହାରି ମାଧ୍ୟମରେ ଚାଷୀମାନଙ୍କୁ ଗାଈ ପ୍ରଦାନ କରାଯାଉଥିବା ବେଳେ ପ୍ରକୃତ ଚାଷୀ ଏହି ଯୋଜନାରୁ ଦୂରେଇ ରହିଛନ୍ତି। ବଡ଼ସାହି ବ୍ଲକ ମାଣତ୍ରୀ ଗ୍ରାମର ଚାଷୀ ପ୍ରଶାନ୍ତ କୁମାର ପଣ୍ଡା କହନ୍ତି, ଗୋକୁଳ ମିଶନ ଯୋଜନା ମୋ ପାଇଁ ସାତସପନ ପାଲଟିଛି। ସ୍ଥାନୀୟ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ତେବେ ଗାଈର ଉପଯୁକ୍ତ ଯତ୍ନ ଅଭାବରୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ସମ୍ଭବ ହୋଇପାରୁ ନାହିଁ। ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଦେବବ୍ରତ ଦାଶଙ୍କୁ ଯୋଗାଯୋଗ କରିବାରୁ ଏଭଳି ଅଭିଯୋଗ ଆସି ନାହିଁ। ବ୍ଲକ ସ୍ତରରେ ଗଠିତ କମିଟିର ନିଷ୍ପତ୍ତି କ୍ରମେ ଚାଷୀଙ୍କୁ ଗାଈ ଯୋଗାଇ ଦିଆଯାଉଛି। ଯେଉଁମାନେ ଏହି ଯୋଜନାରେ ସାମିଲ ହୋଇପାରି ନାହାନ୍ତି ସେମାନଙ୍କୁ ଖୁବ ଶୀଘ୍ର ସାମିଲ କରାଯାଇ ଗାଈ ପ୍ରଦାନ କରାଯିବ। ତେବେ ଉପରୋକ୍ତ ଦୁଇ ଯୋଜନା ସଫଳ ହୋଇଥିଲେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଦୁଗ୍ଧ ପିଇବାକୁ ଦିଆଯିବ ବୋଲି ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଥିଲା; ମାତ୍ର ଏହି ପ୍ରକଳ୍ପ ସଫଳ ହେବା ନେଇ ଅଭିଭାବକ ଓ ଗୋଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି।

## ମାସା ଆର୍ମିର ମୟୂରଭଞ୍ଜ ବନ୍ଦ ଡାକରା



ମୋରଡା, ୧୦।୧୧(ସମିସ): ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜାରୁ ଯାତ୍ରା ଦେଖି ଫେରୁଥିବା ସମୟରେ ଦୁଇ ଆଦିବାସୀ ନାବାଳିକାଙ୍କୁ ଗଣ ବଳାତ୍କାରରେ ଶିକାର ହୋଇଥିଲେ। ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମାସା ଆର୍ମି ପକ୍ଷରୁ ସୋମବାର ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା; ହେଲେ ମୋରଡ଼ା ବ୍ଲକରେ ପ୍ରଭାବ ଶୂନ ଦେଖିବାକୁ ମିଳିଛି। ନଳଗଜା, ଶୁଖିଲାଖାଳି, କୁଳିପାଳ ଆଦି ଅଞ୍ଚଳରେ ଶିକ୍ଷା ଅନୁଷ୍ଠାନ ଏବଂ ରାସଗୋବିନ୍ଦପୁର ଅଞ୍ଚଳରେ ମଧ ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅଫିସ ବନ୍ଦ ରହିଥିଲା। ବନ୍ଦ ଡାକରାରେ ମାସା ଆର୍ମିର ବ୍ଲକ ସଭାପତି ଲକ୍ଷ୍ମଣ ମୁର୍ମୁ, ମଙ୍ଗଳୀ ହେମ୍ବ୍ରମ, କୌଶଲ୍ୟା ମାର୍ଣ୍ଡି, ବାସନ୍ତୀ ମୁର୍ମୁ, ସରସ୍ୱତୀ ବେସ୍ରା, ସାଇବା ମୁର୍ମୁ, ସମ୍ବଲ ମୁର୍ମୁ ପ୍ରମୁଖ ସାମିଲ ଥିଲେ।

**ବାଲିଆପାଳରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା**

# ୧୨ ଛାତ୍ରଛାତ୍ରୀ ରାଜ୍ୟସ୍ତରକୁ ଉନ୍ନୀତ

ବାଲିଆପାଳ, ୧୦।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିନରେ ଥିବା ବାଲିଆପାଳ ଶିଶୁ ମନ୍ଦିର ପରିସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ବାଲେଶ୍ୱର ଜିଲ୍ଲାର ଶିକ୍ଷା ବିକାଶ ସଂସ୍ଥାନ ଅଧିନରେ ଥିବା ୧୮ଟି ବିଦ୍ୟାଳୟରୁ ୧୩୫ ଜଣ ଛାତ୍ରଛାତ୍ରୀ ୧୩୫ଟି ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ସଂଯୋଜକ ଗୌରାଙ୍ଗ କୁମାର ବିଶ୍ୱାଳ, ବାଲେଶ୍ୱର ଜିଲ୍ଲା ସଂଯୋଜକ ଦୀପ୍ତିକାନ୍ତ ପାଢ଼ୀ, ରବିନାରାୟଣ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ର ଛାତ୍ରୀମାନଙ୍କର ଶ୍ରେଣୀ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟକୁ ଉପ ଶିଶୁ ବର୍ଗ, ତୃତୀୟ ଓ ଚତୁର୍ଥକୁ ଶିଶୁ ବର୍ଗ, ପଞ୍ଚମ, ଷଷ୍ଠ ଓ ସପ୍ତମକୁ ବାଲ ବର୍ଗ, ଅଷ୍ଟମ,ନବମ, ଦଶମକୁ କିଶୋର ବର୍ଗରେ ବିଭକ୍ତ କରାଯାଇଥିଲା। ଉପଶିଶୁବର୍ଗରୁ ପ୍ରଥମ ଆର୍ଯ୍ୟସ୍ମିତା ଜେନା, ଦ୍ୱିତୀୟ ସ୍ମୃତି ପ୍ରଭା ପ୍ରମାଣିକ, ତୃତୀୟ ଏସ ଏସ ତ୍ରିଶା ବ୍ରହ୍ମା, ଶିଶୁ ବର୍ଗରୁ ଶିଶୁ ପ୍ରଥମ ଆଥାନ ପଣ୍ଡା, ଦ୍ୱିତୀୟ ଦେବାଂଶ ବେହେରା, ତୃତୀୟ ପ୍ରତିମା ନନ୍ଦ, ବାଲବର୍ଗରୁ ପ୍ରଥମ ସ୍ୱଙ୍ଗ ସମ୍ପୂର୍ଣ୍ଣ ବେହେରା, ଦ୍ୱିତୀୟ ଇପ୍ସିତା ଭୂୟାଁ, ତୃତୀୟ ଅଭିଲିପସା ଦାସ, କିଶୋର ବର୍ଗ ମଧ୍ୟରୁ ପ୍ରଥମ ରଶ୍ମିତା ପ୍ରଧାନ, ଦ୍ୱିତୀୟ ସାଇ ଆର୍ଯ୍ୟଜିତ୍ ପରିଡା, ତୃତୀୟ ସୁବର୍ଣ୍ଣ ସେତୁ ଗୋଛୟତ ସ୍ଥାନ ଅଧିକାର କରିଛନ୍ତି। ବାଲିଆପାଳ ବ୍ଲକରେ ଥିବା ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପବିତ୍ର ପଣ୍ଡା, ପୁଷ୍ପକ ଜେନା, ଡ. ଚିନ୍ମୟ କୁମାର ନନ୍ଦୀ, ପ୍ରଦୀପ ପଣ୍ଡା, ଜଗବନ୍ଧୁ ଜେନା, ଅମିତ କୁମାର ନାୟକ, ପତିତପାବନ ପ୍ରଧାନ, ଜଗନ୍ନାଥ ଭଞ୍ଜ, ପବନ କୁମାର ଦେ, ପରମାନନ୍ଦ ସାହୁ, ବିଜୟ କୁମାର ବାରିକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଦକ୍ଷତା ପରିମାପ କରି ଉପରୋକ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ନିରୂପଣ କରିଥିଲେ। ଚାରି ବିଭାଗରୁ ୧୨ ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ବିଭାଗର ପ୍ରମୁଖ ପୁଲିନ କୁମାର ନନ୍ଦି, ରିଲିଜ୍ ଖାନ୍ ଏବଂ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## କେନାଲରେ ପଡ଼ି ଯୁବକ ମୃତ



ହାଟଡିହୀ,୧୦।୧୧(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନସ୍ଥ ପନ୍ଦାଡୋ ନିକଟସ୍ଥ କେନାଲରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପନ୍ଦାଡ଼ୋ ଗ୍ରାମର ଦୁର୍ଯ୍ୟୋଧନ ଜେନାଙ୍କ ପୁଅ ସନ୍ତୋଷ (୨୯) ରବିବାର ରାତିରେ ଶୌଚ ହେବାକୁ ଯାଇଥିବାବେଳେ ଅସାବଧାନତା ବଶତଃ କେନାଲରେ ଗୋଡ଼ ଖସିଯିବାରୁ ପାଣି ଭିତରକୁ ଖସି ପଡ଼ିଥିଲେ। ଗତକାଲି ରାତିରେ ସନ୍ତୋଷ ଘରକୁ ଫେରି ନ ଥିଲେ। ସୋମବାର ସକାଳେ କେନାଲରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ବାସିନ୍ଦା ସୋସୋ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋସୋ ପୁଲିସ ସହ ଅଗ୍ନିଶମ ବାହିନୀ ଓ ହାଟଡିହୀ ତହସିଲ୍‌ଦାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କେନାଲରୁ ଉଦ୍ଧାର କରି ସ୍ଥାନୀୟ ବାସିନ୍ଦା ଓ ଦୁର୍ଯ୍ୟୋଧନଙ୍କ ପରିବାର ଲୋକଙ୍କ ଦ୍ୱାରା ତାହା ସନ୍ତୋଷଙ୍କ ମୃତଦେହ ବୋଲି ଚିହ୍ନଟ ହୋଇଥିଲା। ସୋସୋ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ଶିବଶଙ୍କର ଆଲଦା ସୂଚନା ଦେଇଛନ୍ତି।

## ଡିସେମ୍ବର ୧୪ରୁ ଆନନ୍ଦପୁରରେ ବାଣିଜ୍ୟ ମହୋତ୍ସବ

ଆନନ୍ଦପୁର,୧୦।୧୧ (ସମିସ): ଆନନ୍ଦପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଆଗାମୀ ଡିସେମ୍ବର ୧୪ରୁ ଆସନ୍ତାବର୍ଷ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ବାଣିଜ୍ୟ ମହୋତ୍ସବ ଅନୁଷ୍ଠିତ ହେବା ନେଇ ବୈଠକରେ ସ୍ଥିର କରାଯାଇଛି। ମହୋସବ ବ୍ୟବସ୍ଥା ଓ ପରିଚାଳନା ପ୍ରଭୃତି ବିଷୟରେ ଆଲୋଚନା ପାଇଁ ରବିବାର ପ୍ରେସ କ୍ଲବ୍‌ର ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସନ୍ତୋଷ ଭାରତ, ଉପସଭାପତି କିଶେର ଆଚାର୍ଯ୍ୟ, ସଂଗଠନ ସମ୍ପାଦନ ଦିଲ୍ଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ୯ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚଳିତ ବର୍ଷ ତିନିଶହରୁ ଅଧିକ ଷ୍ଟଲ୍ କରାଯାଇ ସମସ୍ତ ପ୍ରକାର ବ୍ୟବସାୟ ପାଇଁ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବା ନେଇ ଦାୟିତ୍ୱ ବଣ୍ଟନ କରାଯାଇଛି।

## ପାଟଣା ରେଞ୍ଜକୁ ଧସେଇ ପଶିଲେ ୩୨ ହାତୀ



ତୁରୁମୁଙ୍ଗା,୧୦।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜକୁ ରବିବାର ବିଳମ୍ବିତ ରାତିରେ ୩୨ ଟିକିଆ ହାତୀପଲ ଧସେଇ ପଶିଛନ୍ତି। ଆସିବା ବାଟରେ ହାତୀପଲ ଏକର ଏକର ଧାନ ଫସଲକୁ ଦଳିଚକଟି ନଷ୍ଟ କରିଛନ୍ତି। ହାତୀପଲ ସଦର ରେଞ୍ଜରୁ ଆସି ପାଟଣା ରେଞ୍ଜର ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳକୁ ପ୍ରବେଶ କରିଥିବାବେଳେ ଦିନସାରା ଖିରେଇଟାଙ୍ଗିରୀ ସେକ୍ସନର କଣ୍ଟିଆପଡ଼ା କଲରାଟାଙ୍ଗର ସାହି ନିକଟରେ ଥିବା ହୁଡ଼ି ଏବଂ ଧରମା ହୁଡ଼ିରେ ଡେରା ପକାଇଥିଲେ। ଏହି ହାତୀପଲରେ ୧୨ ଦନ୍ତା, ୧୩ ମାଈ ଓ ୭ ଛୁଆ ଅଛନ୍ତି। ଏକ ଛୁଆ ହାତୀ ଗୋଡ଼ରେ ଆଘାତ ଯୋଗୁଁ ଚାଲିବାରେ କଷ୍ଟ ଅନୁଭବ କରୁଥିବା ଦେଖିବାକୁ ମିଳିଛି। ବନବିଭାଗ ହାତୀପଲଙ୍କ ସହ ଛୁଆ ହାତୀ ଉପରେ ତୀକ୍ଷ୍ଣ ନଜର ରଖିଛି।

## ରକ୍ତଦାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି



ଅଲତୀ,୧୦।୧୧(ସମିସ): ଘସିପୁରା ବ୍ଲକ୍ ଅନ୍ତର୍ଗତ ପୁରୁଣା ବାନ୍ଧଗୋଡ଼ାଠାରେ ମା' ଧନେଇ ସେବା ଟ୍ରଷ୍ଟ କେନ୍ଦୁଝର ତରଫରୁ ଆଗାମୀ ଦିନରେ ରକ୍ତଦାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ପାଇଁ ସମସ୍ତ ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଆଲୋଚନାରେ ମା' ଧନେଇ ସେବା ଟ୍ରଷ୍ଟ ପକ୍ଷରୁ ଗରିବ ଅସହାୟ ଲୋକଙ୍କୁ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ, ମାଗଣା ସ୍ୱାସ୍ଥ୍ୟ ଶିବିର, ଗରିବ ପରିବାରର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସାମଗ୍ରୀ, ଶୀତ ଦିନ ପାଇଁ ବସ୍ତ୍ରଦାନ କରାଯିବ। ଏଥିସହ ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ରକ୍ତର ଅଭାବ ହେଲେ ମା' ଧନେଇ ସେବା ଟ୍ରଷ୍ଟର ସଦସ୍ୟମାନେ ମେଡିକାଲରେ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଟ୍ରଷ୍ଟର ସଦସ୍ୟ ସଂକଳ୍ପବଦ୍ଧ ହୋଇଛନ୍ତି। ଏହି ବୈଠକରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ନିଜ ନିଜ ମତାମତ ଦେଇଥିଲେ।

### କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ଅସୁରକ୍ଷିତ ରାଜପଥ

# ରାସ୍ତା ଉପରେ ବେଆଇନ ପାର୍କିଂ; ବଢୁଛି ଦୁର୍ଘଟଣା

ଆନନ୍ଦପୁର,୧୦।୧୧(ସମିସ)



କେନ୍ଦୁଝର ଜିଲ୍ଲାର ଜୀବନରେଖା ଭାବେ ପରିଗଣିତ ଜାତୀୟ ରାଜପଥ-୨୦ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ହଜାର ହଜାର ଲୁହାପଥର ବୋଝେଇ ଭାରୀଯାନ ଚଳାଚଳ କରୁଥିବାବେଳେ ଠିକଣା ସମୟରେ ରକ୍ଷଣାବେକ୍ଷଣ ଓ ତଦାରଖ ଅଭାବରୁ ଧନଜୀବନ ହାନୀ ହେଉଥିବା ଅଭିଯୋଗ ହୋଇଛି। ଖପରାଖାଇ ବାଇପାସ୍‌ରୁ ଶାଳପଡ଼ା, ବାରିଗାଁ ପର୍ଯ୍ୟନ୍ତ ଅଧାଗଢ଼ା ରାସ୍ତାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଗତବର୍ଷ ନଭେମ୍ବର ମାସରେ କେବଳ ସପ୍ତାହକରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ନଭେମ୍ବର ୩ରେ ବାରିଗାଁ ଲୋକେ ଜାତୀୟ ରାଜପଥ ଅବରୋଧ କରିବାରୁ ପ୍ରଶାସନର ହଠାତ୍ ନିଦ ଭାଙ୍ଗିଥିଲା। କେନ୍ଦୁଝର ଏସ୍‌ପି, ପରିବହନ ଅଧିକାରୀ, ଏନ୍‌ଏଚ୍‌ଏଆଇ ଅଧିକାରୀମାନେ ପହଞ୍ଚି ବ୍ଲାକ୍‌ସ୍ପଟ୍ ପରିଦର୍ଶନ କରିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୬ ଘଣ୍ଟା ଧରି ରାସ୍ତାରୋକ ହୋଇଥିଲା। ବିଶେଷକରି ଗତ କିଛିବର୍ଷ ଧରି ରାଜପଥଟି ଦୁର୍ଘଟଣା ପଥ ପାଲଟି ଯାଇଛି। ବେଆଇନ ପାର୍କିଂ ପ୍ରତି ନଜର ନାହିଁ। ନିର୍ମାଣସ୍ଥଳରେ ସୁରକ୍ଷାକୁ ଅଣଦେଖା କରାଯାଉଛି।

ବେଲବାହାଲିଠାରୁ ଶାଳପଡ଼ା ଓଭରବ୍ରିଜ୍ ନିର୍ମାଣସ୍ଥଳ ପର୍ଯ୍ୟନ୍ତ ନିୟମିତ ଦୁର୍ଘଟଣା ଘଟୁଥିଲାବେଳେ ଢେଙ୍କିକୋଟ ଲଙ୍ଗଳକଣ୍ଟି ଓଭରବ୍ରିଜ୍ ନିର୍ମାଣସ୍ଥଳରେ ମଧ୍ୟ ୧୨ରୁ ଅଧିକ ଜୀବନ ଯାଇଛି। ସେହିପରି ଏହି ରାଜପଥରେ ବେଆଇନ୍ ପାର୍କିଂ ମଧ୍ୟ ଦୁର୍ଘଟଣାର କାରଣ ହେଉଛି। ମାତ୍ର ଏଥିପ୍ରତି ପୁଲିସ ପ୍ରଶାସନ କିମ୍ବା ଜାତୀୟ ରାଜପଥ ଦୃଷ୍ଟି ଦେଉ ନ ଥିବାରୁ ଜିଲ୍ଲାର ଜୀବନରେଖା ଭାବେ ପରିଚିତ ୨୦ ନମ୍ବର ଜାତୀୟ ରାଜପଥ ମୃତ୍ୟୁପଥ ପାଲଟିଛି। ବେପରୁଆ ଗାଡ଼ି ଚାଳନା ପାଇଁ ଗତ ବର୍ଷକ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି। ବିଡ଼ମ୍ବନାର ବିଷୟ ୨୦ ନମ୍ବର ଜାତୀୟ ରାଜପଥର ଆନନ୍ଦପୁର ଶାଳପଡ଼ା ନିକଟରେ ଓଭରବ୍ରିଜ୍ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଅଧାଗଢ଼ା ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଘସିପୁରାଠାରୁ ବେଲବାହାଲି ପର୍ଯ୍ୟନ୍ତ ରାସ୍ତାରେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଡାଇଭର୍ସନ୍ ନିକଟରେ ଦୁଇଭାଇଙ୍କ ସମେତ ତିନିଜଣଙ୍କର ମୃତ୍ୟୁ ଘଟିଥିଲା। ୭ ତାରିଖ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ସାଇକଲ ଚାଳକଙ୍କ ଜୀବନ ଯାଇଥିଲା। ସେହିପରି ଶାଳପଡ଼ା ନିକଟରେ ଏକ ଲୁହାପଥର ବୋଝେଇ ଟ୍ରକ୍ ରାସ୍ତାରୁ ୩୦ ଫୁଟ୍ ତଳକୁ ଖସିପଡ଼ିବାରୁ ଡ୍ରାଇଭର ଅସ୍ତରଙ୍ଗ ଅଞ୍ଚଳର ବିଷ୍ଣୁ ବାରିକଙ୍କ ମୃତ୍ୟୁ ଘଟିଥିଲା। ୨୦୨୫ ନଭେମ୍ବର ହେଲାଣି ଓଭରବ୍ରିଜ୍ କାମ ସରୁନାହିଁ କି ଡାଇଭର୍ସନର ବିପଦ ଟଳୁନାହିଁ। ଏଣେ ଗତ ରବିବାର ବାରିଗାଁ ନିକଟରେ ରାଜପଥରେ ଏକ କାର୍ ଧକ୍କାରେ ଦୁଇଜଣ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅନ୍ନପୂର୍ଣ୍ଣା ପାତ୍ର (୧୯) ଓ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ଦୀପାଳି ସାହୁ (୨୦)।

## ଶିଶୁ ଟାଇଗର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଜଡ଼ିଚାତର ଚାମ୍ପିଅନ



କେନ୍ଦୁଝର,୧୦।୧୧(ସମିସ): କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ବରଦାପାଳ ଶିଶୁ ଟାଇଗର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ କୁସୁମିତା ବାଳିକା ଆଶ୍ରମ ପଡ଼ିଆରେ ଚାଲିଥିବା ଦୁଇଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ଦ୍ୱାରଶୁଣୀ ଏକାଦଶ ମାଇନିଂ କଲେଜକୁ ୧-୦ ଗୋଲରେ ପରାସ୍ତ କରି ଲକ୍ଷ୍ମୀ ଏକାଦଶ ଜଡ଼ିଚାତର ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ବିଶ୍ୱନାଥ ଗିରି, ମୁଖ୍ୟବକ୍ତା ମନୋଜ ଟୁଡୁ, ଶିଖର ମାର୍ଡି, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମାର୍ଡି ଯୋଗଦେଇ ଚାମ୍ପିଅନ ଦଳକୁ ଦୁଇଟି ଖାସି, ରନର୍ସଅପ୍ ଦଳ ମାଇନିଂ କଲେଜକୁ ଦୁଇଟି ଖାସି ପ୍ରଦାନ କରିଥିଲେ। ରେଫରୀ ଜନ୍ମେଜୟ ବେହେରା ଓ ପ୍ରଦୀପ ମାଝୀ, ସୁଦର୍ଶନ ନାଏକ, କୃଷ୍ଣଚନ୍ଦ୍ର ମହାନ୍ତ ଖେଳ ପରିଚାଳାନା କରିଥିଲେ। ଭାଷ୍ୟକାର ଶାନ୍ତନୁ ବାରିକ ଓ ଦେବବ୍ରତ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ଶିଶୁ ଟାଇଗର ୟୁଥ୍ କ୍ଲବ୍ ସଭାପତି ସଞ୍ଜୟ କୁମାର ସୋରେନ, ସମ୍ପାଦକ ଭଞ୍ଜ ମାର୍ଡି, ସଦସ୍ୟ ପ୍ରଦୀପ ଟୁଡୁ, ରାଜୁ ମାର୍ଡି, ବିଜୟ ମାର୍ଡି, ସାଗୁନ ମାର୍ଡି, ବିକାଶ ମାର୍ଡି, ସଞ୍ଜୀବ ମୁର୍ମୁ, ହାବି ମାର୍ଡି, ନାହୁ ପୂର୍ତ୍ତି, ଡାକ୍ତର ପୂର୍ତ୍ତି, ଗଣେଶ୍ୱର ସୋରେନ, ଶଙ୍କର ମାର୍ଡି, ଲକ୍ଷ୍ମୀଧର ମାର୍ଡି, ବଳଭଦ୍ର ସୋରେନ, ଶକ୍ତି ମାଝୀ, ତିନିକା ଟୁଡୁ ପ୍ରମୁଖ ସହଯୋଗ କରିଥିଲେ।

## ବେଆଇନ ନିର୍ମାଣ ଉପରେ ଚାଲିଲା ବୁଲ୍‌ଡୋଜର୍



ବଡ଼ବିଲ,୧୦।୧୧(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ସହରରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ୪ଜଣ ଦୁର୍ବୃତ୍ତଙ୍କ ବେଆଇନ ନିର୍ମାଣକୁ ବୁଲ୍‌ଡୋଜର ଲଗାଇ ପ୍ରଶାସନ ତରଫରୁ ଭାଙ୍ଗି ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବଡ଼ବିଲ ପୌରାଞ୍ଚଳର ୮ ନମ୍ବର ୱାର୍ଡ ଅନ୍ତର୍ଗତ ବରକତ ନଗରର ସହାଦତ୍ ଖାନ୍, ଆଜାଦ ବସ୍ତି ଅଞ୍ଚଳର ଏମ୍.ଡି.ରାଜା, ଭଞ୍ଜ କଲୋନୀର ଆଲୋକ ରାମ ଏବଂ ଅଭିମନ୍ୟୁ ପ୍ରଧାନଙ୍କ ଘର ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। ଘର ଭଙ୍ଗାଯିବା ସମୟରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ରାକେଶ କୁମାର ପଣ୍ଡା, ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ବଡ଼ବିଲ ଥାନା, ବଲାଣି ଥାନା, ଯୋଡ଼ା ଥାନା, ରୁଗୁଡ଼ି ଥାନାର ଅଧିକାରୀ, ୩ ପ୍ଲାଟୁନ ପୁଲିସ ଫୋର୍ସ, ମହିଳା ପୁଲିସ, ଅଗ୍ନି ନିରାପତ୍ତା ବାହିନୀ, ବିଦ୍ୟୁତ୍ ବିଭାଗ, ଆମ୍ବୁଲାନ୍ସ ସହ ସ୍ୱାସ୍ଥ୍ୟ କର୍ମୀ, ଜଳ ଯୋଗାଣ ବିଭାଗ, ରାଜସ୍ୱ ଅଧିକାରୀ, ପୌର ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସମସ୍ତଙ୍କୁ ଘର ଭିତରୁ ବାହାରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେହି ଏହାର ପ୍ରତିରୋଧ କଲେ ସେମାନଙ୍କୁ ବାହାର କରି ଦିଆଯାଇଥିଲା। ଏହା ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ବୁଲ୍‌ଡୋଜର ଚଲାଯାଇଥିଲା। ଏହି ବ୍ୟକ୍ତିମାନଙ୍କୁ ୧୫ ଦିନ ପୂର୍ବରୁ ସ୍ଥାନୀୟ ପ୍ରଶାସନ ତରଫରୁ ସରକାରୀ ଜମିରେ ବେଆଇନ ନିର୍ମାଣ ନେଇ ନୋଟିସ୍ ଜାରି କରାଯାଇଥିଲା। ତେବେ ବଡ଼ବିଲ ପୌରାଞ୍ଚଳରେ ଅନେକ ପ୍ରଭାବଶାଳୀ ଲୋକ ପୌରାଞ୍ଚଳର ଅନେକ ବହୁମୂଲ୍ୟ ସରକାରୀ ଜାଗାରେ କୋଠା ନିର୍ମାଣ କରି ମୋଟା ଅଙ୍କର ଭଡ଼ା ନେଉଥିବାବେଳେ କିଛି ହାତଗଣତି ଅପରାଧୀଙ୍କ ଘର ଭଙ୍ଗାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ତେବେ ସହରରେ ସକ୍ରିୟ ଥିବା ଅନେକ ଅପରାଧୀଙ୍କ ଘର ଉପରେ ପ୍ରଶାସନର ନଜର କେବେ ପଡ଼ିବ ଦେଖିବାକୁ ବାକି ରହିଲା।

## 'ଥିଲେ ଦିଅନ୍ତୁ, ନ ଥିଲେ ନିଅନ୍ତୁ' ଅଭିଯାନ



ଅଲତି,୧୦।୧୧(ସମିସ): ସ୍ଥାନୀୟ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ଦ୍ୱାରା ଏକ ଅଭିନବ ପ୍ରୟାସ ସ୍ୱରୂପ ''ଥିଲେ ଦିଅନ୍ତୁ, ନ ଥିଲେ ନିଅନ୍ତୁ' କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି। ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିବା ସହ ଯୁବ ରେଡ୍‌କ୍ରସର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଆଗାମୀ ଶୀତ ଋତୁକୁ ଆଖି ଆଗରେ ରଖି ଏଭଳି ଏକ ଅଭିଯାନ ଆରମ୍ଭ କରାଯାଇଛି ଏବଂ ଏହି ଶିବିର ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପରେ ସଂଗୃହିତ ପୋଷାକ ଓ ଶୀତ ବସ୍ତ୍ରଗୁଡ଼ିକୁ ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ମହେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଏବଂ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଥିବା ଗରିବ, ଅବହେଳିତ, ନିରାଶ୍ରୟମାନଙ୍କ ମଧ୍ୟରେ ବଣ୍ଟନ କରାଯିବ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଅତି ଆଗ୍ରହ ସହକାରେ ଏଭଳି ଏକ ଅଭିଯାନରେ ନିଜକୁ ସାମିଲ୍ କରୁଛନ୍ତି। ମହିଳା ପରାମର୍ଶଦାତା ଅଳକା ପାଢ଼ୀଙ୍କ ସହ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ନମିତା ସାହୁ, ଗୀତାଞ୍ଜଳି ଦାସ, ଜସ୍ମିନ୍ ସେଠୀ, ଶିବାନୀ ସେଠୀ, ବର୍ଷା ଜେନା, ତ୍ରିଲୋଚନ ରାଉତ, ତୋଫାନ ପୃଷ୍ଟି, ଜ୍ୟୋତିଶ୍ରୀ ମହାରଣା, ମାମୁନି ଦାସ, ରାଜଲକ୍ଷ୍ମୀ ରାଉତ, ନନ୍ଦିନୀ ଓଝା, ଶ୍ରୀକାନ୍ତ ସାହୁ ଆଦି ଶିବିର ପରିଚାଳନା ଦାୟିତ୍ୱରେ ରହିଛନ୍ତି।

## ଜେଏସ୍‌ଡବ୍ଲୁ ଷ୍ଟିଲ୍‌କୁ ଖଣି ଉତ୍କର୍ଷ ପୁରସ୍କାର




ଯୋଡ଼ା,୧୦।୧୧(ସମିସ): କୋଲକାତାରେ ସମ୍ପ୍ରତି ଅନୁଷ୍ଠିତ ୧୧ତମ ଏସୀୟ ଖଣି କଂଗ୍ରେସରେ ଓଡ଼ିଶାର ଜେଏସ୍‌ଡବ୍ଲ୍ୟୁ ଷ୍ଟିଲକୁ ପ୍ରତିଷ୍ଠିତ ଖଣି ଓ ଖଣିଜ ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଖଣି, ଭୂତାତ୍ତ୍ୱିକ ଓ ଧାତୁ ସଂସ୍ଥାନ (ଏମ୍‌ଜିଏମ୍‌ଆଇ) ପକ୍ଷରୁ ଆୟୋଜିତ ହୋଇଥିଲା ଏବଂ ଖଣି ଓ ଖଣିଜ କ୍ଷେତ୍ରର ପ୍ରମୁଖ ସ୍ୱରଗୁଡ଼ିକୁ ଏକତ୍ରିତ କରାଯାଇଥିଲା। ଶିଳ୍ପ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ "ବର୍ଷର ଖଣି କମ୍ପାନୀ-ଘରୋଇ କ୍ଷେତ୍ର' ବର୍ଗରେ ସମ୍ମାନିତ କରାଯାଇଥିଲା। ଅନୁକୂଳ ଚନ୍ଦ୍ର ବିଶ୍ୱାଳ ଖଣି କାର୍ଯ୍ୟ, ତାଙ୍କ ଦଳ ସହିତ କମ୍ପାନୀ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ସମାରୋହରେ ଇଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସତୀଶ ଝା, ଖଣି ସମାଜ, ସରକାର ଓ ଶିକ୍ଷାବିତ୍‌ଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# ଦୈନିକ କାର୍ଯ୍ୟ ସମୟ ୮ରୁ ୧୦ ଘଣ୍ଟା ବୃଦ୍ଧିର ପ୍ରତିବାଦ

### ଏଆଇଟିୟୁସି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ଚମ୍ପୁଆ,୧୦।୧୧(ସମିସ): ଖଟିଖିଆ ମଣିଷର ଜାଗ୍ରତ ପ୍ରହରୀ ଅଖିଳ ଭାରତ ଟ୍ରେଡ୍ ୟୁନିୟନର କଂଗ୍ରେସ ପକ୍ଷରୁ ଶ୍ରମିକ କର୍ମଚାରୀମାନଙ୍କ ଦୈନିକ କାର୍ଯ୍ୟ ସମୟ ୮ରୁ ୧୦ ଘଣ୍ଟା ବୃଦ୍ଧି ପ୍ରତିବାଦରେ ସୋମବାର ଚମ୍ପୁଆରେ ଏକ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସିର କେନ୍ଦୁଝର ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଦ୍ୟାଧର ମହାନ୍ତ ଓ ସମ୍ପାଦକ ଅର୍ଜୁନ ଚରଣ ମହାନ୍ତଙ୍କ ନେତୃତ୍ୱରେ ଶହଶହ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ନେହେରୁ ଷ୍ଟାଡିୟମ୍‌ରୁ ବାହାରି ସହର ପରିକ୍ରମା କରିବା ପରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସହକାରୀ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସେମାନଙ୍କର ପ୍ରମୁଖ ଦାବି ଅନୁଯାୟୀ, ଶ୍ରମିକମାନଙ୍କର ଦୈନିକ କାର୍ଯ୍ୟ ସମୟ ୮ରୁ ୧୦ ଘଣ୍ଟା ବୃଦ୍ଧି ଓ ଓଭରଟାଇମ୍ ମାସିକ ୧୧୫ ଘଣ୍ଟାରୁ ୧୪୪ ଘଣ୍ଟା ବୃଦ୍ଧିର ତୀବ୍ର ବିରୋଧ। ଏହା ଫ୍ୟାକ୍ଟ୍ରି ଆଇନର ଧାରା ୫୧ ଓ ୫୪ର ପରିପନ୍ଥୀ। ସେହିପରି ମହିଳାମାନଙ୍କୁ ରାତିରେ କାର୍ଯ୍ୟ କରାଇବା ନିଷ୍ପତ୍ତି ସରକାର ବାତିଲ୍ କରନ୍ତୁ। ଶ୍ରମିକମାନଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର କର୍ପୋରେଟ୍ ମାଲିକମାନଙ୍କୁ ସୁହାଇବା ଭଳି ଆଇନର ପ୍ରତିବାଦରେ ପ୍ରବଳ ବର୍ଷିଛନ୍ତି ଶ୍ରମିକ ସଂଗଠନର ନେତୃବୃନ୍ଦ। ଏଥିସହ ଆଜିର ମହଙ୍ଗା ଯୁଗରେ ରାଜ୍ୟରେ ଶ୍ରମିକମାନଙ୍କର ମଜୁରୀ ଅତ୍ୟନ୍ତ ନିମ୍ନସ୍ତରରେ ରହିଛି। ମିଥ୍ୟା ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିବା ଓଡ଼ିଶାର ବିଜେପି ସରକାର ଅମଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାବେଳେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ମଧ୍ୟ ବୃଦ୍ଧି ପାଇଛି। ଏ ସମସ୍ତ ଦାବି ଉପରେ ଶ୍ରମିକ ସଂଗଠନର ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ସେମାନେ ଅପିଲ୍ କରିଛନ୍ତି। ଏହି ବିକ୍ଷୋଭରେ ସଂଗଠନର କେଦାର ନାଏକ, ବୁଲୁ ନାଏକ, ଭରତ ଆପଟ ପ୍ରମୁଖ ଉପସ୍ଥିତ ଥିଲେ।

### ● ବାରମାସୀ କ୍ଲବ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# କୁମାଲ ଟାଇଗର ବିଜୟୀ



ଅଲତି,୧୦।୧୧(ସମିସ): ଘସିପୁରା ବ୍ଲକ୍ ଅନ୍ତର୍ଗତ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତର ପନାସିଆ ବାରମାସୀ କ୍ଲବ୍ ପକ୍ଷରୁ ପ୍ରଥମ ବାର୍ଷିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାମଚନ୍ଦ୍ରପୁର ଥାନା ଇନ୍ସପେକ୍ଟର ଶାନ୍ତନୁ ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ଗାଡ଼ପୁରକୁ ଗୋଟିଏ ଗୋଲ୍‌ରେ ହରାଇ କୁମାଲ ଟାଇଗର ସେମି ଫାଇନାଲରେ ପହଞ୍ଚିଛି। ରେଫରୀ ସୁରେଶ ପୂର୍ତ୍ତୀ, ସାଇନ୍ସ ମ୍ୟାନ୍ ଜଗା ମୁଣ୍ଡା, ମିଟୁ ମୁଣ୍ଡା ସହଯୋଗ କରିଥିଲେ। କ୍ଲବ୍‌ର କମଳ ଜେନା, ରାଇସିଂହ ହୋ, ସୁରେନ୍ଦ୍ର ହୋ, ସୁନିଲ୍ ହୋ, ମଙ୍ଗଳ ହୋ, ଗୁରୁଚରଣ ହୋ, ଜଗା ହୋ, ତରୁଣ ହୋ, ମନୋଜ ହୋ, ମିଟୁ ହୋ, ମଙ୍ଗୁଳି ଜେନା, ବିଦ୍ୟାଧର ହୋ ଖେଳକୁ ପରିଚାଳନା କରିଥିଲେ।

ସକାଳ
THE SAKALA



# ମୟୂରଭଞ୍ଜ ବନ୍ଦ ଡାକରା ପ୍ରଭାବ ହୀନ



ବାରିପଦା, ୧୦।୧୧(ସମିସ): ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ସୋମବାର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ପ୍ରଭାବ ହୀନ ରହିଥିଲା। ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଗତମାସ ଯାତ୍ରା ଦେଖି ଫେରୁଥିବା ବେଳେ ଦୁଇ ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାର ପ୍ରତିବାଦ ତଥା ଦୁଇ ନାବାଳିକା ଛାତ୍ରୀଙ୍କୁ ସାମଜିକ ଓ ଆର୍ଥିକ ନ୍ୟାୟ ପ୍ରଦାନ ସହ ସମସ୍ତ ଦୋଷୀଙ୍କୁ ଗିରଫ କରାଯାଇ ଫାଶୀ ଦଣ୍ଡରେ ଦଣ୍ଡିତ ଦାବିରେ ମାସା ବନ୍ଦ ଡାକରା ଦେଇଥିଲା। ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ଆହ୍ୱାନ କ୍ରମେ ସୋମବାର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଳନ କରାଯାଇଥିଲା। ସକାଳୁ ସକାଳୁ ମାସା ଆର୍ମୀ କର୍ମୀ ମାନଙ୍କର ପିକେଟିଂ ଦ୍ୱାରା କିଛି ଦୋକାନ ବଜାର, ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା କ୍ଷ ତେବେ ପୁଲିସ ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ପାଇଁ ବନ୍ଦ ଡାକରା ସଫଳ ହୋଇ ନ ଥିଲା। ବସ ସେବା ଓ ଯାନବାହନ ଚଳାଚଳ ସ୍ୱାଭାବିକ ଥିଲା। ଆଜିର ବନ୍ଦ ପାଳନରେ ମାସାଆର୍ମୀ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟନାରାୟଣ ମୁର୍ମୁ, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜ୍ୟ ସମ୍ପାଦକ ପଦ୍ମ ଲୋଚନ ମୁର୍ମୁ, ଅବିନାଶ ମାରାଣ୍ଡି, ବ୍ରଜେଶ୍ ମୁର୍ମୁ, କୃଷ୍ଣ ଟୁଡୁ, ସନେଲ୍ ମୁର୍ମୁ, ଗୌତମ ସିଂ, କିରଣ ମାରାଣ୍ଡି, ରଣଜିତ୍ ମୁର୍ମୁ, ପପୁ ମୁର୍ମୁ, ମୁକେଶ କିସ୍କୁ, ରାହୁଲ୍ ମୁର୍ମୁ, ବିକ୍ରମ ମୁର୍ମୁ, ଲାଲମୋହନ ବାସ୍କେ, ଅଜୟ ମାରାଣ୍ଡି, ଶଙ୍କର ବାସ୍କେ, ଜିତେନ୍ଦ୍ର ମାରାଣ୍ଡି, ଶିବ ମୁର୍ମୁ, ଦିବୁ ମାରାଣ୍ଡି, ନିମାଇ ସରେନ, ଶିବ ଶଙ୍କର, ଦୀପକ ହେମ୍ବ୍ରମ, ଖେଳା ପ୍ରଦୀପ ସିଂ, ଚାନ୍ଦ୍ରାୟ ମାରାଣ୍ଡି, ଚାନ୍ଦ୍ରାୟ ସରେନ, ଜନ ହାଁସଦା ଓ ସଂଜୀବ ସରେନ ପ୍ରମୁଖ ସାମିଲ ଥିଲେ।

# ବହଳଦାରେ ମାସା ଆର୍ମୀର ବନ୍ଦ ଡାକରା ଆଂଶିକ ପ୍ରଭାବ



ବହଳଦା, ୧୦।୧୧ (ସମିସ): ରାସଗୋବିନ୍ଦପୁରଠାରେ ଦୁଇ ଆଦିବାସୀ ନାବାଳିକାଙ୍କ ଉପରେ ଘଟିଥିବା ଗଣବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଯିବା ଦାବିରେ ମାସାଆର୍ମୀ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ତେବେ ବହଳଦାରେ ଏହାର ଆଂଶିକ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ବହଳଦାରେ ପିକେଟିଂ କରାଯାଇ ଦୋକାନ ବଜାର ବନ୍ଦ କରାଯିବା ସହିତ ମୁର୍ମୁ ଛକରେ ଜାତୀୟ ରାଜପଥ ଅବରୋଧ କରାଯାଇଥିବା ବେଳେ ବହଳଦା ପୁଲିସ୍ ରାସ୍ତା ଅବରୋଧ ହଟାଇବା ପରେ ଯାନବାହନ ଚଳାଚଳ କରିଥିଲା। ବହଳଦା ଧିରଜଲାଲ କଲେଜର ମାସାଆର୍ମୀ ଛାତ୍ର ସଂଗଠନ ପକ୍ଷରୁ ଛାତ୍ରଛାତ୍ରୀ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ପୁଲିସ୍ ପ୍ରଶାସନ ପକ୍ଷରୁ ରାସ୍ତା ଅବରୋଧ ହଟାଯିବା ପରେ ଗାଡି ମୋଟର ଚଳାଚଳ ସାମାନ୍ୟ ହୋଇଥିଲା। ତେବେ ବନ୍ଦ ପାଳନ ବେଳେ ବହୁ ମାଲବାହୀ ଟ୍ରକ ସହିତ ଯାତ୍ରୀବାହୀ ବସ ଏବଂ ଚାରିଚକିଆ ଯାନରେ ଥିବା ଲୋକେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବହଳଦା ବଜାରର ପ୍ରାୟ ସମସ୍ତ ଦୋକାନ ବଜାର ସବୁ ଖୋଲିଥିବା ଦେଖିବାକୁ ମିଳିଥିଲା।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୧୦।୧୧(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବହଳଦା ଥାନା ପୁଲିସ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାଲିକ ଜଣକ ହେଲେ ବହଳଦା ଥାନା ଅନ୍ତର୍ଗତ ତେନ୍ତଲ ଗ୍ରାମର ଅମିତ ବାରିକ(୩୨) ଓ ଚାଳକ ଜଣକ ହେଲେ ବାସିଙ୍ଗି ଗ୍ରାମର ତନୁ ମହାକୁଡ଼(୪୫)। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଖବର ପାଇ ପୁଲିସ ତେନ୍ତଲ ଗ୍ରାମ ନିକଟରେ ଚଢ଼ଉ କରିଥିଲା। ତେନ୍ତଲ ଗ୍ରାମ ନଦୀ କଡ଼ରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା ପୁଲିସ। ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବାରେ ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

# ୧୨ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବିଶୋଇ,୧୦।୧୧ (ସମିସ): ଆସନ୍ତା ୧୨ ତାରିଖରେ ବିଶୋଇ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ, ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ତହସିଲଦାର ସତ୍ୟବାନ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ ସମେତ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଓ ପିଆରଆଇ ମେମ୍ବର ଉପସ୍ଥିତି ଥିଲେ। ଆସନ୍ତା ୧୨ ତାରିଖ ବୁଧବାର ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସକାଳ ୮ଟାରୁ ଏହି ଶିବିର ଉଦଘାଟିତ ହେବ। ଦିବ୍ୟାଙ୍ଗ ପ୍ରମାଣପତ୍ର ସମୟ ଅବଧି ସମାପ୍ତ ହୋଇଥିବା କିମ୍ବା ନୂତନ ପ୍ରମାଣପତ୍ର ପାଇଁ ଦିବ୍ୟାଙ୍ଗମାନେ ଶିବିରରେ ଆସି ନିଜର ନାମ ପଞ୍ଜିକରଣ କରି ପରିଚୟ ପତ୍ର, ଦିବ୍ୟାଙ୍ଗ ସହାୟକ ସାମଗ୍ରୀ ସହିତ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇପାରିବେ। ଶିବିରକୁ ଆସିଥିବା ସମସ୍ତ ଦିବ୍ୟାଙ୍ଗ ନିଜ ସହିତ ଆଧାର କାର୍ଡ ଆଣିବାକୁ ବାଧ୍ୟତାମୂଳକ କରାଯାଇଛି।

# ସାମ୍ବାଦିକ ଗୌରାଚରଣ ଗିରି ସମ୍ବର୍ଦ୍ଧିତ

ଶୁଳିଆପଦା,୧୦।୧୧(ସମିସ): ବେତନଟୀ ପ୍ରତିଭା ପୂଜନ ଅନୁଷ୍ଠାନ ପକ୍ଷରୁ ରବିବାର ଏମପିସି ହାଇସ୍କୁଲରେ ଚତୁର୍ଥ ବାର୍ଷିକ ପ୍ରତିଭା ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବର୍ଗର ଲୁକ୍କାୟିତ ପ୍ରତିଭାଙ୍କୁ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଉଦ୍ୟମରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମପିସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂହ ଉଦଘାଟକ, ବାରିପଦା ଉପ ଜିଲ୍ଲାପାଳ ଡଃ. ଦୟାସିନ୍ଧୁ ପରିଡା ମୁଖ୍ୟ ଅତିଥି, ମାନବଧର୍ମ ପ୍ରଚାରକ,ଧର୍ମରତ୍ନ ପୂର୍ଣ୍ଣ ଚନ୍ଦ୍ର ବୁଗୁଡେଇ, ବିଶେଷ ଅତିଥି ସନ୍ତୋଷ କୁମାର ମହାନ୍ତି, ରାଜ୍ୟ ପୁରସ୍କୃତ ଶିକ୍ଷକ, ସ୍ୱତନ୍ତ୍ର ଅତିଥି, ପ୍ରମିଳା ପଣ୍ଡାଅଧ୍ୟକ୍ଷ ଉଦଳା ବିଜ୍ଞାପିତ ଅଞ୍ଚଳ, ମୁଖ୍ୟବକ୍ତା ସର୍ବେଶ୍ୱର ଜେନା ଓ ଡଃ.କୁମାର ବାବୁଲି ଉପଦେଷ୍ଟା ପ୍ରମୁଖ ମଞ୍ଚାସୀନ ଥିଲେ। ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ଅରୁଣ କୁମାର ଓତା ଅତିଥି ପରିଚୟ ଦେଇଥିଲେ। ଚଳିତ ବର୍ଷ ଅନୁଷ୍ଠାନ ୨୧ ଜଣ ପ୍ରତିଭାଙ୍କୁ ସମ୍ମାନିତ କରିଥିବା ବେଳେ ଶୁଳିଆପଦା ବ୍ଲକ୍‌ର ସାମ୍ବାଦିକ ଗୌରାଙ୍ଗ ଚରଣ ଗିରିଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।



# ମହୁଲି ମଦ ଜବତ; ୩ ଗିରଫ

ଠାକୁରମୁଣ୍ଡା, ୧୦।୧୧(ସମିସ): ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ ସୋମବାର ଚୋରାରେ ମହୁଲି ମଦ ବିକ୍ରି କରୁଥିବା ପୃଥକ୍ ପୃଥକ୍ ସ୍ଥାନରେ ଚଢଉ କରାଯାଇ ୪୮ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଚକୁଳିଆ ଗ୍ରାମର ସୁରେଇ ଟୁଡୁ (୪୧)ଙ୍କ ନିକଟରୁ ୧୫ ଲିଟର ମଦ, ଖଣ୍ଡବନ୍ଧ ଗ୍ରାମର ମଗୁସୁରିଆ ହୋ (୨୭)ଙ୍କ ନିକଟରୁ ୧୭ ଲିଟର ଏବଂ ଅସନକୁଦର ଗ୍ରାମରୁ ସାଇବ ମୁର୍ମୁ (୪୨)ଙ୍କ ପାଖରୁ ୧୬ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଅଜଣା ଗାଡି ଧକ୍କାରେ ମହିଳା ମୃତ

ବଡ଼ସାହି, ୧୦।୧୧(ସମିସ): ବଡ଼ସାହି ଥାନା ଅଧୀନ ଛେଳିଆ(ବି)-ଗଜଡି ରାସ୍ତା କଡରେ ଛେଳି ଚରାଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା ଜଣକ ହେଲେ ସେହି ଛେଳିଆ(ବି) ଗ୍ରାମର ବାସନ୍ତୀ ସିଂ (୬୫)। ଏ ସଂକ୍ରାନ୍ତରେ ତାଙ୍କ ପୁତୁରା ଗୈରମୋହନ ସିଂଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ହାତୀ ଦାଉରୁ ଫସଲ ସୁରକ୍ଷା ପାଇଁ ଉଦ୍ୟମ

# ଗଛରେ ମଞ୍ଚା ବାନ୍ଧି ଜଗି ରହୁଛନ୍ତି ଚାଷୀ



ତେଲକୋଇ,୧୦।୧୧(ସମିସ): ଦିନଥିଲା ଚାଷୀ ନିଜ ଜମିରେ ଚାଷ କରି ଖୁସିରେ ଜୀବନ ଅତିବାହିତ କରୁଥିଲା। ହେଲେ ଏବେ ହାତୀ ଭୟରେ ଚାଷୀ ଫସଲକୁ ସୁରକ୍ଷା ଦେବାପାଇଁ ଗଛ ଉପରେ ମଞ୍ଚାରେ ଜୀବନ ବିତାଉଛି। ହାତୀ ଓ ଜଙ୍ଗଲି ଜନ୍ତୁଙ୍କ ଉପଦ୍ରବରୁ ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀ ରାତି ଉଜାଗର ହୋଇ ଗଛରେ ମଞ୍ଚା ବାନ୍ଧି ଅତି ଦୟନୀୟ ଅବସ୍ଥାରେ ଜୀବନ କାଟୁଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ପଡ଼ାଙ୍ଗ ପଞ୍ଚାୟତ ବୁଢ଼ାଆମ୍ବ ଗାଁରେ।

୨୦୧୦ ପୂର୍ବରୁ ଚାଷୀ ଖୁସି ମନରେ ଚାଷ କାର୍ଯ୍ୟ କରି ଫସଲ ଘରକୁ ବୋହି ଆଣୁଥିଲା। ହେଲେ ୨୦୧୦ ପରଠାରୁ ତେଲକୋଇ ରେଞ୍ଜରେ ହାତୀଙ୍କ ପ୍ରବେଶ ଯୋଗୁଁ ଚାଷୀଙ୍କ ଫସଲ ଅସୁରକ୍ଷିତ ହୋଇପଡ଼ିଥିଲା। ଏବେ କେନ୍ଦୁଝର ବନଖଣ୍ଡ ଅଧୀନ ତେଲକୋଇ ରେଞ୍ଜରେ ହାତୀ ଉପଦ୍ରବ ଲାଗିରହିଥିବା ବେଳେ ଫସଲ ସୁରକ୍ଷା ପାଇଁ ଚାଷୀ ଏବେ ଚିନ୍ତାରେ ପଡ଼ିଯାଇଛି। ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲି ବାର୍ହା ସହିତ ହାତୀପଲ ଏବେ ଗାଁମୁହାଁ ହୋଇ ଧାନଫସଲକୁ ଖାଇବା ସହ ଦଳିମକଚି ନଷ୍ଟ କରୁଛନ୍ତି। ଦିନବେଳା ମାଙ୍କଡ଼ଙ୍କ ଉପଦ୍ରବ ଲାଗିରହିଥିବା ବେଳେ ରାତି ହେଲେ ଧାନଫସଲ ଉପରେ ହାତୀ, ବାର୍ହାଙ୍କ ଲୋଲୁପ ଦୃଷ୍ଟି ଚାଷୀର ହୋସ୍ ଉଡ଼ାଇ ଦେଉଛି। ବର୍ଷକର ଫସଲକୁ ବନ୍ୟଜନ୍ତୁଙ୍କ କବଳରୁ କେମିତି ରକ୍ଷା କରିବେ ଏବଂ ପିଲାଛୁଆଙ୍କ ମୁହଁରେ ଦାନା ଗଣ୍ଡେ ଦେବେ ସେଥିପାଇଁ ଜୀବନକୁ ବାଜିରେ ଲଗାଇ ଦେଇଛନ୍ତି ଚାଷୀ। ଦୁଇ ମାସ ହେବ ଧାନଫସଲକୁ ଗଛରେ ମଞ୍ଚା ବାନ୍ଧି ଜଗି ରହିଛି ଚାଷୀ। ତଥାପି ବନ୍ୟଜନ୍ତୁଙ୍କ ମୁହଁରୁ ଫସଲକୁ ବଞ୍ଚାଇବା ତା' ପକ୍ଷେ ସମ୍ଭବପର ହେଉ ନ ଥିବାରୁ ଆଧା କଞ୍ଚା ଅବସ୍ଥାରେ ଧାନକୁ କାଟିବାକୁ ବାଧ୍ୟ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଯେତିକି ଫସଲ ଅମଳ ହେବା କଥା ତାହା ହୋଇପାରୁ ନାହିଁ। ଧାନ ଚାଷ ପାଇଁ ଧାର କରଜ କରିଥିବା ଋଣ ଏବେ ସୁଝିବା କଷ୍ଟକର ହୋଇପଡ଼ିଛି।

ତେଲକୋଇ ରେଞ୍ଜର ବିମଳା ଫରେଷ୍ଟ ବିଟ୍ ଓ ତେଲକୋଇ ଫରେଷ୍ଟ ବିଟ୍ ଅଞ୍ଚଳରେ ବର୍ତ୍ତମାନ ଦୁଇଟି ଭାଗରେ ୩୩ଟି ହାତୀ ଚଳପ୍ରଚଳ କରୁଥିବା ବନ ବିଭାଗ ସୂଚନାରୁ ଜଣାପଡ଼ିଛି। ତେବେ ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଥିଲେ ମଧ୍ୟ ତାହା ଚାଷୀର ଫସଲକୁ ସୁରକ୍ଷା ଦେବାରେ ପର୍ଯ୍ୟାପ୍ତ ହୋଇପାରୁ ନ ଥିବାରୁ ମଞ୍ଚାବାନ୍ଧି ଚାଷୀ ଫସଲ ଜଗିବାକୁ ବାଧ୍ୟ ହେଉଛି। ମଞ୍ଚା ତଳେ ନିଆଁ ଜଳାଇ, ଟିଣ ବଜାଇ ହାତୀ ଘଉଡ଼ାଉଛି ଚାଷୀ। ଅତି ଦୟନୀୟ ଅବସ୍ଥାରେ ପିଲାଛୁଆଙ୍କୁ ଧରି ରାତି ଉଜାଗର ହୋଇ ଜମିରେ ଦିନ ଦିନ ଧରି ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି ଚାଷୀ। ଫସଲ ସୁରକ୍ଷା ପାଇଁ ଗଛ ଉପର ମଞ୍ଚା ହିଁ ଚାଷୀର ଭରସା ପାଲଟିଛି। ହେଲେ ଚାଷୀର ଦୁଃଖକୁ ବୁଝିବାକୁ କେହି ନାହାଁନ୍ତି। ତେବେ ଏଭଳି ସ୍ଥିତିରେ ଚାଷୀଙ୍କ ଫସଲ କିଭଳି ସୁରକ୍ଷିତ ହେବ ଆଉ ଚାଷୀ ମଞ୍ଚାରେ ନ ରହି ଘରେ ରହି ଫସଲ ଅମଳ କରିବ ତାହା ଦେଖିବାକୁ ବାକି ରହିଲା।

# ଆଦର୍ଶ ଶିକ୍ଷୟିତ୍ରୀଙ୍କ ସ୍ମୃତିଚାରଣ ସଭା

ବଡ଼ସାହି,୧୦।୧୧(ସମିସ): ବଡସାହି ବ୍ଲକ୍ ପଟିସାରୀ ପଞ୍ଚାୟତ କାହ୍ନୁପୁରା ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ସ୍ୱର୍ଗତ ପୁଷ୍ପଲତା ମହାନ୍ତିଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରତିକାନ୍ତ ବେହେରାଙ୍କ ଅଧ୍ୟକ୍ଷତା କରିଛନ୍ତି। ଏହି ସଭାରେ ଶିକ୍ଷକ ରାଜେନ୍ଦ୍ର ଜେନା, ଦେବରାଜ ନାୟକ, ନିଗମାନନ୍ଦ ନାୟକ, ଶଙ୍କର୍ଷଣ ଛାଟିଆ, ଶ୍ରୀ ଭଗବାନ ବିଶ୍ୱାଳ, ପ୍ରଦୀପ ପାତ୍ର, ବସନ୍ତ ବାରିକ୍, ଶିବ ମଣ୍ଡଳ, ବୈଲୋଚନ ଜେନା, ପ୍ରଦୀପ ଜେନା, ସନ୍ତୋଷ ତରେଇ ସ୍ମୃତି ଚାରଣ କରିଥିଲେ। ସେ ବେଗୁନିଆବଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦୨୩ ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ଏକମାତ୍ର ପୁତ୍ର ଓ ଏକମାତ୍ର ଝିଅ ଅଛନ୍ତି।



# ସର୍ପଘାତ ହ୍ରାସ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ




ରାଇରଙ୍ଗପୁର/ବିଜାତଳା,୧୦।୧୧(ସମିସ): ବିଜତଳା ବ୍ଲକ କେସିଡିକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଘନଶ୍ୟାମ ହାତୀଙ୍କ ତତ୍ତ୍ୱାବଧାନରେ ଯୁବ ରେଡକ୍ରସ ଓ ଓସଡମା ଆନୁକୂଲ୍ୟରେ "ସର୍ପଘାତ ହ୍ରାସ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ତଥା ଯୁବ ରେଡକ୍ରସ ଅଧିକାରୀ ପ୍ରତାପ ଚନ୍ଦ୍ର ବରାଳ ପରିଚାଳନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇ ଅଧିକାରୀ ଶୈଳେଶ କୁମାର ଗିରି ଓ ଜହରଲାଲ ବେହେରା ସାପକାମୁଡାଠାରୁ ଆମେ କିପରି ସୁରକ୍ଷିତ ରହିବା, ଅନ୍ଧବିଶ୍ୱାସ ଠାରୁ ଦୂରେଇ ରହି ରୋଗୀକୁ କିପରି ଡାକ୍ତରଖାନା ପହଞ୍ଚାଯିବା ସେ ନେଇ ସଚେତନତାର ବାର୍ତ୍ତା ଦେଇଥିଲେ। ସ୍ନେକ ହେଲ୍ପଲାଇନର ସଦସ୍ୟ ଚିରଞ୍ଜିବୀ ସିଂ ପିଲାମାନଙ୍କୁ ବିଷଧର ସାପ ଓ ବିଷହୀନ ସାପ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇଥିଲେ।

# ଦେଉଳଡିହାରେ ବାଘ ଆତଙ୍କ



ତେଲକୋଇ,୧୦।୧୧(ସମିସ): ତେଲକୋଇ ବନାଞ୍ଚଳ ଦେଉଳଡିହା ଗ୍ରାମ ବୁଲା ଜଙ୍ଗଲରେ ବାଘ ଆତଙ୍କ ଖେଳାଇଥିବା ଅଭିଯୋଗ ହୋଇଛି। ଗ୍ରାମର ତପନ ପ୍ରଧାନଙ୍କ ଏକ ଗୋରୁ ନିକଟସ୍ଥ ବୁଲା ଜଙ୍ଗଲକୁ ଚରିବାକୁ ଯାଇଥିବାବେଳେ ବାଘ ଆକ୍ରମଣର ଶିକାର ହୋଇଥିବା କୁହାଯାଉଛି। ଗାଇ ଲାଙ୍ଗୁଡ଼ର ଉପର ଭାଗରେ ଗଭୀର କ୍ଷତ ସହିତ ରାମ୍ପୁଡ଼ା ଚିହ୍ନ ରହିଥିବାରୁ ଗ୍ରାମବାସୀ ବାଘ ଆକ୍ରମଣ କରିଥାଇପାରେ ବୋଲି ସନ୍ଦେହ କରିଛନ୍ତି। ସ୍ଥାନୀୟ ବନ କର୍ମଚାରୀ ମଧ୍ୟ ଖବରପାଇ ଆହତ ଗାଈକୁ ଦେଖିବା ସହିତ କ୍ଷତ ଚିହ୍ନକୁ ତନଖି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। କ୍ଷତ ଚିହ୍ନକୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଯିବା ପରେ ଏବଂ ଘଟଣାସ୍ଥଳ ପରିଦର୍ଶନ ପରେ ବାଘ ଆକ୍ରମଣ ନା ଆଉ କ'ଣ ସନ୍ଦେହ ଦୂର ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସ୍ୱର୍ଣ୍ଣଲତା କଲେଜ ମେଡିକାଲ ସାଇନ୍ସର ବାର୍ଷିକ ଉତ୍ସବ

# ୧୬ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା




କୁଆମରା,୧୦।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ସ୍ୱର୍ଣ୍ଣଲତା କଲେଜ ମେଡିକାଲ ସାଇନସ୍ ତଥା ଶ୍ରୀଧର କଲେଜ ଅଫ ଫାର୍ମାସୀ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଭବାନୀଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଡ଼ାଃ ଚନ୍ଦନ କୁମାର ଷଡଙ୍ଗୀ, ଅନୁଷ୍ଠାନର ସଂପାଦକ ପୁରୁଷୋତ୍ତମ ନାୟକ, ବିଦ୍ୟାଳୟର ଅଧ୍ୟକ୍ଷା ବାସନ୍ତୀମଣି ବେହେରା ପ୍ରମୁଖ ଯୋଗଦେଇ ଆଶା ଓ ବିଶ୍ୱାସ ମଣିଷର ଭବିଷ୍ୟତ ଉଜ୍ଜ୍ୱଳ କରାଏ ବୋଲି ମତବ୍ୟକ୍ତ କରିଥିଲେ। ନୀଳଗିରି କଲେଜର ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବେତନଟୀ କଲେଜ୍ ଓ ନର୍ସିଂର ନିର୍ଦ୍ଦେଶକ ବସନ୍ତ କୁମାର ମହାନ୍ତ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ନିମାଇଁ ପ୍ରସାଦ ଦାଶ, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ କୁମାର ମଢୁଆଳ, ବରିଷ୍ଠ ନାଗରିକ କୃଷ୍ଣମୋହନ ବେହେରା ପ୍ରମୁଖ ୧୬ ଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗରୁ ୨୬ ଜଣ କୃତୀ ବିଦ୍ୟାର୍ଥୀଙ୍କ ମଧ୍ୟ ପୁରସ୍କୃତ କରାଯାଇଥିଲା। ହିମାଂଶୁ ବେହେରା, ନିହାରିକା ମୁଦୁଲି, ମମତା ଦଳେଇ, ଜ୍ୟୋତି ରେଖା କବାଟ, ଅର୍ପିତା ଜେନା, ଧରିତ୍ରୀ ରାଉତ, ନମ୍ରତା ପୁଥାଳ, ବର୍ଷା ପ୍ରିୟଦର୍ଶିନୀ ସିଂ, ସୀତାରାମ ସାମଲ, ସୈଭାଗ୍ୟ ସଲଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହିଙ୍ଗୁଳା ଜଗନ୍ନାଥ ମନ୍ଦିରରୁ ଚୋରି

ବଡ଼ସାହି,୧୦।୧୧(ସମିସ): ବଡ଼ସାହି ଥାନା ଅଧୀନ ସୁହାଗପୁର କଉଡିଖଣି ମା' ହିଙ୍ଗୁଳା ପୀଠରେ ଥିବା ଜଗନ୍ନାଥ ମନ୍ଦିରର ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ଚୋରି କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପରିଚାଳନା କମିଟିର ସଂପାଦକ ବାଇଧର ହାଁସଦାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବାବା ହରିହର ସଂକୀର୍ତ୍ତନ କ୍ଲବର ବାର୍ଷିକ ମହୋତ୍ସବ

ରାଇରଙ୍ଗପୁର/ବାଦାମପାହାଡ଼, ୧୦।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଅନ୍ତର୍ଗତ ହାଟବାଦଡା ବାବା ହରିହର ସଂକୀର୍ତ୍ତନ କ୍ଲବ ତରଫରୁ ୬୨ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନାମ ସଂକୀର୍ତ୍ତନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହାଟବାଦଡା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୪ରେ ଗ୍ରାମ ପୁଷ୍କରିଣୀରୁ ଘଟ ଉତ୍ତୋଳନ ପରେ ହରିନାମ ଉଠିବା ସହିତ ନାମ ସଂକୀର୍ତ୍ତନ ୧୬ ପ୍ରହର ଆରମ୍ଭ ହୋଇଥିଲା। ଏଥିରେ ମୟୂରଭଞ୍ଜ ଭାଦୁସାହି ଦଳ ସହିତ ଝାଡ଼ଖଣ୍ଡର ନୁପୁଙ୍ଗ, ଟାଟା ଓ ପଶ୍ଚିମବଙ୍ଗର ପୁରୁଲିଆର ୬ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସଂକୀର୍ତ୍ତନ କାର୍ଯ୍ୟକ୍ରମ ଶେଷ ହେବା ପରେ ଗ୍ରାମ ର ଝିଅ ପୁଅଙ୍କୁ ନେଇ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ଆଧାରିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହିତ ଆଧୁନିକ ମେଲୋଡି ସହିତ ଭୁବନେଶ୍ୱର ଗୃପ୍ ରୋଜାଲିନ ଓ ସାଥି ଏବଂ ସନ୍ତୋଷ କୁମାର ସ୍ୱାଇଁ ଓ ସାଥି ମନଛୁଆଁ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ମହେଶ୍ୱର ପାତ୍ର, ସମ୍ପାଦକ ଶଙ୍କର ଆପଟ୍, ଉପଦେଷ୍ଟା ମୁରଲୀଧର ପାତ୍ର, ଶମ୍ଭୁନାଥ ପାତ୍ର, କ୍ଷିରୋଦ ପାତ୍ର, ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




■ ଆନ୍ତଃ ରାଜ୍ୟ ଡକାୟତି ଗ୍ୟାଙ୍ଗକୁ ଧରିବାକୁ ପୁଲିସର ଚଢଉ

# ଜଙ୍ଗଲରୁ ୨ଟି ବନ୍ଧୁକ ଓ ମାରଣାସ୍ତ୍ର ଜବତ

ରାଇରଙ୍ଗପୁର,୧୦।୧୧(ସମିସ): ଝାରଖଣ୍ଡ-ମୟୂରଭଞ୍ଜ ସୀମାନ୍ତବର୍ତ୍ତି ଅଞ୍ଚଳରେ ଡକାୟତି, ଲୁଟ ଆଦି ଏକ ଆନ୍ତରାଜ୍ୟ ଡକାୟତ ଗ୍ୟାଙ୍ଗ ଯୋଜନା କରୁଥିବା ବେଳେ ଖବର ପାଇ ବହଳଦା ପୁଲିସ ଚଢଉ କରିଥିଲା। ହେଲେ ପୁଲିସକୁ ଦେଖି ଗ୍ୟାଙ୍ଗର ସଦସ୍ୟମାନେ ଫେରାର ହୋଇଯାଇଥିବା ବେଳେ ଜଙ୍ଗଲ ମଧ୍ୟରୁ ୨ଟି ବନ୍ଧୁକ ଜବତ ହୋଇଛି। ବହଳଦା ପୁଲିସକୁ ଛାପଦା ଅଞ୍ଚଳର ଜଙ୍ଗଲ ମଧ୍ୟରେ ଏକ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ ଅପରାଧିକ କାର୍ଯ୍ୟକଳାପ ଭିଆଇବାକୁ ଯୋଜନା କରୁଥିବା ଖବର ପାଇଥିଲା। ଯାହାକୁ ନେଇ ସବ ଇନ୍ସପେକ୍ଟର ଅନନ୍ତ ଦାସଙ୍କ ନେତୃତ୍ୱରେ ପୁଲିସ ଟିମ ଚଢ଼ଉ କରିଥିଲେ। କିନ୍ତୁ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଡକାୟତମାନେ ଫେରାର ହୋଇଯାଇଥିଲେ। ପରେ ପୁଲିସ ୨ଟି ବନ୍ଧୁକ ଓ ମାରଣାସ୍ତ୍ର ଜବତ କରିଛି। ଘଟଣାସ୍ଥଳରୁ ପୁଲିସ ଗୋଟିଏ ଦେଶୀ ବନ୍ଧୁକ ଓ ୮ଏମଏମ ବନ୍ଧୁକ ଜବତ କରିଛି। ଦୁର୍ବୃତ୍ତଙ୍କୁ ଧରିବାକୁ ପୁଲିସ ଉଦ୍ୟମ ଚଳାଇଛି। ଏନେଇ ପୁଲିସ ବହଳଦା ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ସମସ୍ୟା ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟାର ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ଅଚାନକ ସମସ୍ୟାରେ ପଡ଼ିପାରନ୍ତି। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେଇପାରେ। ପିଲାମାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଯୋଜନା କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଦାନ ଧର୍ମ କରିବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସହିତ ହସ ଖୁସିରେ ସମୟ ବିତାଇବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ। ଆୟ ଅନୁସାରେ ଖର୍ଚ୍ଚ କରିବେ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୮୯- ୱାଶିଂଟନ୍‌କୁ ଆମେରିକାର ୪୨ ତମ ପ୍ରାନ୍ତ ଘୋଷଣା କରାଗଲା।
- ୧୯୫୬- ରାଜଧାନୀ ଦିଲ୍ଲୀ କେନ୍ଦ୍ରଶାସିତ ଅଞ୍ଚଳ ହେଲା।
- ୧୯୬୬- ନାସା ମହାକାଶ ଯାନ 'ଜେମିନି-୧୨' ଲଞ୍ଚ୍ କଲା।
- ୧୯୭୩- ପ୍ରଥମ ଅନ୍ତରାଷ୍ଟ୍ରୀୟ ଡାକଟିକଟ ପ୍ରଦର୍ଶନୀ ନୂଆଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨- ଇସ୍ରାଏଲର ସେନା ମୁଖ୍ୟାଳୟରେ ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ପାଖାପାଖି ୭୦ ଲୋକଙ୍କ ମୃତ୍ୟୁ।
- ୨୦୦୧-ଦୋହା ବୈଠକରେ ଡବ୍ଲୁଟିଓ ଭାରତର ସମର୍ଥନ କଲା।

## ଜାତୀୟ ଶିକ୍ଷା ଦିବସ

ଦେଶର ବିକାଶରେ ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ଦକ୍ଷ ମାନବ ସମ୍ବଳ ପାଇଁ ଉପଯୁକ୍ତ ଶିକ୍ଷା ଅପରିହାର୍ଯ୍ୟ। ମଣିଷ ଜୀବନରେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଶିକ୍ଷା ହେଉଛି ଏକ ଶକ୍ତିଶାଳୀ ସାଧନ ଯାହା ମାଧ୍ୟମରେ ଆମେ ଆମ ଜୀବନକୁ ଉନ୍ନତ କରିପାରିବା । ଏହା ଆମକୁ ଜ୍ଞାନ, କୌଶଳ, ଏବଂ ଦକ୍ଷତା ପ୍ରଦାନ କରିବା ସହ ଆମ ଲକ୍ଷ୍ୟ ପୂରଣ କରିବାରେ ଏବଂ ବିଶ୍ୱର ଉନ୍ନତି କରିବାରେ ସାହାଯ୍ୟ କରିଥାଏ। ଏହିଦିନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ତଥା ଭାରତ ରତ୍ନ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ ଦିବସ। ମୌଲାନା ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ଲେଖକ ଥିଲେ। ସେ ୧୮୮୮ ମସିହା ଆଜିର ଦିନରେ ଆରବର ମକ୍କା ସହରରେ ଜନ୍ମଗ୍ରହଣ କରିଥିଲେ।



ମୌଲାନା ତାଙ୍କୁ ପ୍ରଦତ୍ତ ଏକ ସମ୍ମାନସ୍ୱଦ ଉପାଧି ଥିଲା। ପରବର୍ତ୍ତୀ ସମୟରେ ସେ ତାଙ୍କ ନାମରେ ଆଜାଦ ଯୋଡ଼ିଥିଲେ, ଯାହାର ଅର୍ଥ ମୁକ୍ତି । ୧୫ ଅଗଷ୍ଟ ୧୯୪୭ରୁ ଫେବ୍ରୁଆରୀ ୨, ୧୯୫୮ ପର୍ଯ୍ୟନ୍ତ ସେ ଭାରତର ଶିକ୍ଷା ମନ୍ତ୍ରୀ ଥିଲେ। ମୌଲାନାଙ୍କ ଅନୁସାରେ, ବିଦ୍ୟାଳୟ ଏପରି ଏକ ପ୍ରୟୋଗଶାଳା, ଯେଉଁଠାରେ ରାଷ୍ଟ୍ରର ଭବିଷ୍ୟତ ପିଢ଼ିଙ୍କ ବିକାଶ ହୋଇଥାଏ। ଭାରତରେ ପ୍ରତିଷ୍ଠିତ ବିଭିନ୍ନ ଆଇଆଇଟିଗୁଡ଼ିକର ଶ୍ରେୟ ତାଙ୍କୁ ଦିଆଯାଏ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ। ଶିକ୍ଷା ମନ୍ତ୍ରୀ ଥିବା ସମୟରେ ସେ ଜାତୀୟ ଶିକ୍ଷା ନୀତିର ସ୍ଥାପନା କାରିଥିଲେ। ପ୍ରାଥମିକ ଶିକ୍ଷାର ଅଗ୍ରଗତି ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ୧୯୯୨ ମସିହାରେ ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ସ୍ଥାପନା କରିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ ନଭେମ୍ବର ୧୧ ତାରିଖକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଶିକ୍ଷା ବିଷୟରେ ଲୋକଙ୍କୁ ସଚେତନ କରିବା ତଥା ଲୋକଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ । ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ପୁସ୍ତକ ମେଳାର ଆୟୋଜନ କରାଯାଇଥାଏ ।

## ଟଙ୍କା ଦେଇ ୱେଟର ସାଜନ୍ତି ଗ୍ରାହକ



ରେସ୍ତୋରାଁଗୁଡ଼ିକ ବିଭିନ୍ନ ଉପାୟ ଅବଲମ୍ବନ କରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନା କରନ୍ତି। ଏହି କ୍ରମରେ ଜାପାନରେ ଏମିତି ଏକ ରେସ୍ତୋରାଁ ରହିଛି ଯେଉଁଠି ଗ୍ରାହକ ୱେଟର୍ ଅନୁଭୂତି ପାଇବାକୁ ରେସ୍ତୋରାଁ ଆସନ୍ତି। ଆଉ ଟଙ୍କା ଦେଇ ୱେଟର୍ ସାଜନ୍ତି। ଜାପାନର ଏକ ଲୋକପ୍ରିୟ ରେସ୍ତୋରାଁରେ ଗ୍ରାହକ ଟଙ୍କା ଦେଇ ୱେଟର୍ ସାଜିବା ଅନୁଭୂତି ନେଉଛନ୍ତି। ଏଥିପାଇଁ ରେସ୍ତୋରାଁ ପକ୍ଷରୁ ଗ୍ରାହକଙ୍କୁ ୱେଟର୍‌ଙ୍କ ପୋଷାକ ଦିଆଯାଏ। ତେବେ ସାମାଜିକ ଗଣମାଧ୍ୟମରେ ରେସ୍ତୋରାଁର ଏହି ନିୟମ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପପ୍-ଅପ୍ ଆଉଟଲେଟରେ କିଛି ଗ୍ରାହକ ଖାଦ୍ୟ ଖାଇବା ସହ ୱେଟର୍ ସାଜିବା ସଉକ ପୂରା କରିବାକୁ ଆସିଥାନ୍ତି। ରେସ୍ତୋରାଁରେ ଗ୍ରାହକ ୱେଟର୍ ପୋଷାକ ପିନ୍ଧି ରେସ୍ତୋରାଁର କର୍ମଚାରୀମାନଙ୍କୁ ଖାଦ୍ୟ ପରଷନ୍ତି। ଅବଶ୍ୟ ଗ୍ରାହକଙ୍କୁ ଏଭଳି ସଉକ ପୂରଣ କରିବା ପାଇଁ ୯୦ ମିନିଟ୍‌କୁ ଭାରତୀୟ ମୂଦ୍ରାରେ ୨,୨୯୮ ଟଙ୍କା ଦେବାକୁ ପଡ଼େ। ଏହାଦ୍ୱାରା ଗ୍ରାହକ କିଛି ସମୟ ପାଇଁ ନିଜକୁ ୱେଟର୍ ଭାବିଥାନ୍ତି। କିଛି ଲୋକ ୱେଟର୍‌ଙ୍କ ଭଳି ପୂରା ପୋଷାକ ନ ପିନ୍ଧି କେବଳ ପୋଷାକ ଉପରେ ତାକୁ ଗଳାଇ ଦେଇଥାନ୍ତି।

## ବିବାହ ପରେ ବିଦା ହୁଏ ବର

ସାଧାରଣତଃ ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ସଂସ୍କୃତି, ପ୍ରଥା, ପରମ୍ପରା ଆଦି ଦେଖିବାକୁ ମିଳିଥାଏ। ଏହିକ୍ରମରେ ମେଘାଳୟର ଖାସୀ ଜନଜାତିରେ ମଧ୍ୟ ବିବାହକୁ ନେଇ ଅଜବ ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ବିବାହ ପରେ କନିଆ ବଦଳରେ ବର ବିଦା ହୋଇଥାଏ। ତେବେ ଏହି ଜନଜାତିରେ ମହିଳାମାନଙ୍କର ରାଜୁତି ଚାଲେ। ଏଥିସହ ସମାଜରେ ସେମାନଙ୍କ ଭୂମିକା ସର୍ବୋଚ୍ଚ ବୋଲି କୁହାଯାଏ। ଏହି ପରମ୍ପରା ବର୍ଷ ବର୍ଷ ଧରି ଏଠାରେ ପାଳିତ ହୋଇ ଆସୁଛି। ଏଠାକାର ସମାଜ ମାତୃକୈନ୍ଦ୍ରିକ। ଏଠାରେ ପରିବାର ମୁଖ୍ୟ ଘରର ମହିଳା ହୋଇଥାନ୍ତି। ଘରର ସମ୍ପତ୍ତି, ଉପନାମ ସହ ଘରର ସମସ୍ତ ଦାୟିତ୍ୱ ଝିଅ ନେଇଥାଏ। ସେହିପରି ବିଶେଷ କଥା ହେଉଛି ପରିବାରର ସବୁଠୁ ସାନ ଝିଅଙ୍କୁ ମାଆବାପାଙ୍କ ଦେଖାଶୁଣା ଦାୟିତ୍ୱ ଦିଆଯାଏ। ପୁରୁଷମାନେ ଏଠି ମହିଳାମାନଙ୍କୁ ନିଷ୍ପତ୍ତି



ନେବାରେ ସାହାଯ୍ୟ କରନ୍ତି। ଶେଷ ନିଷ୍ପତ୍ତି କିନ୍ତୁ ମହିଳାଙ୍କ ଦ୍ୱାରା ହିଁ ନିଆଯାଇଥାଏ। ଏହି ନିଆରା ପରମ୍ପରା ମହିଳାଙ୍କ ସ୍ୱାଧୀନ ଚିନ୍ତାଧାରା ପ୍ରତୀକ। ଖାସି ଜନଜାତିର ସବୁଠୁ ରୋଚକୀୟ କଥା ହେଉଛି ବିବାହ ପରେ ବର ଶ୍ୱଶୁର ଘରକୁ ଯାଇଥାଏ। ବର ଶ୍ୱଶୁର ଘରକୁ ଯାଇ କନିଆ ପରିବାର ସହ ମିଶି ଜୀବନ ଅତିବାହିତ କରିଥାଏ। ଏହି ପରମ୍ପରା ଜନଜାତିଙ୍କ ପାଇଁ ଗର୍ବର ବିଷୟଭାବେ ଜଣାଯାଏ। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଲୋକବିଶ୍ୱାସ ଅନୁଯାୟୀ, ଏହାଦ୍ୱାରା ପରିବାର ମଜଭୁତ ରହିବା ସହ ମହିଳାଙ୍କୁ ସାମାଜିକ ସମାନତା ମିଳିଥାଏ। ନିକଟରେ ଏହାକୁ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସଭିଙ୍କ ଧ୍ୟାନ ଆକର୍ଷଣ କରିଥିଲା।

## 'ବର୍ଡର ୨'
## ଆସିଲା ବରୁଣଙ୍କ ଲୁକ୍

ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ 'ବର୍ଡର ୨' ଫିଲ୍ମରୁ ବରୁଣ ଧୱନଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି। ଏହାପୂର୍ବରୁ ଫିଲ୍ମରୁ ସନ୍ନି ଦେୱଲଙ୍କ ଲୁକ୍ ଭାଇରାଲ ହୋଇଥିଲା। ଜାନୁଆରୀ ୨୩, ୨୦୨୬ରେ ଏହା ପରଦାକୁ ଆସିବ। ସାମାଜିକ ଗଣମାଧ୍ୟମରେ ବରୁଣ ଫିଲ୍ମର ପୋଷ୍ଟର ସେୟାର୍ କରି ଲେଖିଛନ୍ତି- 'ଦେଶର ସିପାହୀ ପିବିସି ହୋସିଆର ସିଂହ ଦହିଆ।' ପୋଷ୍ଟର୍‌ରେ ବରୁଣ ସେନା ପୋଷାକରେ ବନ୍ଧୁକ ଧରିଥିବାର ଦେଖାଯାଇଛନ୍ତି। ତାଙ୍କ ଆଖପାଖରେ କିଛି ସୈନିକ ମଧ୍ୟ ଅଛନ୍ତି। ତନ୍ମଧ୍ୟରୁ କିଛି ଜଣ ଆହତ ହୋଇଥିବାବେଳେ ଆଉ କିଛି ଲଢୁଥିବାର ଦେଖାଯାଇଛନ୍ତି। ବରୁଣଙ୍କ ଆଖିରେ ଶତ୍ରୁପକ୍ଷ ପ୍ରତି ଆକ୍ରୋଶ ସ୍ପଷ୍ଟ ବାରି ହୋଇ ପଡୁଛି। ଏଥିରେ ବରୁଣଙ୍କ ସହ ସନ୍ନି ଦେୱଲ, ଦିଲଜିତ୍ ଦୋସାଞ୍ଜ,ଅହାନ୍ ସେଟ୍ଟୀ, ମେଘା ରାଣା, ମୋନା ସିଂହ, ସୋନମ୍ ବାଜୱା ପ୍ରମୁଖ ନଜର ଆସିବେ। ସେହିଭଳି ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା, ନିଧି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ନିର୍ଦ୍ଦେଶିତ 'ବର୍ଡର'ର ସିକ୍ୱେଲ।



## ସୁବର୍ଣ୍ଣା



## କୁକୁଡ଼ା ବସନ୍ତ

**ବର୍ତ୍ତମାନ ଆମ ରାଜ୍ୟର ଅଧିକାଂଶ ଜିଲ୍ଲାରେ କୁକୁଡ଼ା ବସନ୍ତ ରୋଗ ଦେଖାଯାଉଛି। ଏହା ଏକ ଭୂତାଣୁଜନିତ ରୋଗ। ଶୀତରତୁରେ ଆର୍ଦ୍ର ବାତାବରଣ ଯୋଗୁଁ କୁକୁଡ଼ା ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା ଯୋଗାଇଦେବା ଆବଶ୍ୟକ।**



କୁକୁଡ଼ା ବସନ୍ତ ରୋଗରେ ଆକ୍ରାନ୍ତ କୁକୁଡ଼ାଙ୍କ ମୁଣ୍ଡ, ପାଟି, ଆଖି ଆଦି ସ୍ଥାନରେ ଘା' ହୋଇଯାଏ। ଆଖି ବନ୍ଦ ହୋଇଯିବାରୁ ସେମାନେ ଦେଖିପାରନ୍ତିନି। ପ୍ରାୟତଃ ଅନ୍ଧ ହୋଇଯାଆନ୍ତି। ଚୂଳ, ଥଣ୍ଟ, ବେକ ଆଦି ସ୍ଥାନରେ ବସନ୍ତ ହୋଇ ଫୋଟକା ସୃଷ୍ଟି ହୁଏ। ଏହି ରୋଗରେ ଆକ୍ରାନ୍ତ କୁକୁଡ଼ା ଖାଇବା ପିଇବା ବନ୍ଦ କରିଥାନ୍ତି। ଗମ୍ଭୀରସ୍ଥିତିରେ କୁକୁଡ଼ା ମୃତ୍ୟୁବରଣ କରିଥାନ୍ତି। ତେବେ ଆକ୍ରାନ୍ତ କୁକୁଡ଼ାଠାରୁ ଅନ୍ୟକୁକୁଡ଼ାଙ୍କୁ ଏହି ରୋଗ ବହୁତ ଜୋରରେ ବ୍ୟାପୁଥିବାରୁ ରୋଗର ଲକ୍ଷଣ ଦେଖିବାମାତ୍ରେ ଡାକ୍ତରଙ୍କ ପରାମର୍ଶରେ ଯତ୍ନ ନେବା ଜରୁରି। ରୋଗର ନିରାକରଣ ପାଇଁ ବଡ଼ କୁକୁଡ଼ା ଓ ଛୋଟ କୁକୁଡ଼ାଙ୍କୁ ଟିକା କରଣ କରାଯାଏ। କୁକୁଡାର ପର ତଳେ ୦.୧ ମିଲି ଟିକା ଦିଆଯାଇଥାଏ। ସେହିପରି ଘା' ଗୁଡ଼ିକୁ ପଟାସ ପାଣିରେ ଧୋଇବା ଜରୁରି। ଯଦି ଟିକା ଉପଲବ୍ଧ ନ ଥାଏ, ହୋମିଓପାଥି ଉପଚାର କରି ପାରିବେ। ପାଣିରେ ହୋମିଓପାଥି ଔଷଧ ପକାଇ କୁକୁଡ଼ାଙ୍କୁ ଦେଲେ ରୋଗର ତୀବ୍ରତା କମିଥାଏ। ତେବେ ସଂକ୍ରମିତ କୁକୁଡ଼ାଙ୍କୁ ସୁସ୍ଥ କୁକୁଡ଼ାଙ୍କଠାରୁ ଦୂରେଇ ରଖନ୍ତୁ।

## ଏମାସର ଚାଷ

**ଆମ ରାଜ୍ୟର ପ୍ରାୟତଃ ଚାଷୀ ଧାନ ଚାଷ ସହିତ ବିଭିନ୍ନ ପ୍ରକାର ପରିବା ଚାଷ କରିଥାନ୍ତି। ତେଣୁ ନଭେମ୍ବର ମାସରେ ପରିବା ଚାଷ କରୁଥିଲେ; କିଛି କଥାକୁ ଧ୍ୟାନ ଦେବା ଜରୁରି।**



ଚାଷ ପୂର୍ବରୁ ଜମିରେ ମାଟିକୁ ଗୁଣ୍ଡ କରି ଏକର ପ୍ରତି ୧୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରି ମାଟିକୁ ସମତଳ କରିଦିଅନ୍ତୁ। ନଭେମ୍ବର ମାସରେ ଆଳୁ, ଗାଜର, ମୂଳା, ବିଟ୍, କୋବି ଓ ଟମାଟୋ ଆଦି ପନିପରିବା ଚାଷ କରିପାରିବେ। ମୁଖ୍ୟତଃ ଏହି ଦିନେ ତାପମାତ୍ରା କମ୍ ରୁହେ, ତେଣୁ ଗଛ ମୂଳରେ ଅଧିକ ମାତ୍ରାର ପାଣି ଦେବା ଅନୁଚିତ। ଏହାଦ୍ୱାରା ଗଛ ମୂଳ ସଢ଼ିଯାଇଥାଏ। ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଗଛ ଲଗାଇବା ଭଲ। ଜମିରେ ବୁଣାକାମ ପୂର୍ବରୁ ମାଟିରେ ଖତ ମିଶାଇ ଦିଅନ୍ତୁ। ଗଛରେ ଯବକ୍ଷାରଜାନ ଓ ପଟାସ ଆଦି ଉପଯୋଗ କରିପାରିବେ। ଯଦି ଚାହିଁବେ ଜୈବିକ ପ୍ରଣାଳୀରେ ଚାଷ କରିପାରିବେ।

ଗଛ ଲଗାଇବା ପରେ ସପ୍ତାହ ଅନ୍ତରରେ ୪ରୁ ୫ ଥର ଜଳ ସିଞ୍ଚନ କରିବାକୁ ଭୁଲନ୍ତୁନି। ଏକମାସ ପରେ ଚାଷଜମିରେ କୋଡାଖୋସା କରିବା ଆବଶ୍ୟକ। ଘାସ ନିୟନ୍ତ୍ରଣ କରି ଜୈବିକ ସାର ପ୍ରୟୋଗ କଲେ ଫସଲ ସୁରକ୍ଷିତ ରୁହେ। ୪୫ ଦିନରେ ୩ରୁ ୪ କ୍ୱିଣ୍ଟାଲ ପ୍ରତି ଏକର ପିଛା ଜିଆ ଖତ ପ୍ରୟୋଗ କରିପାରିବେ।

## ନଡ଼ା ସଫା ଯନ୍ତ୍ର



ଅଧିକାଂଶ ଚାଷୀ ଫସଲ ଅମଳ ପରେ ସେହି ଜମିରେ ଅନ୍ୟ ଫସଲ ଚାଷ କରିଥାନ୍ତି। ପ୍ରତ୍ୟେକ ଚାଷକାର୍ଯ୍ୟ ଆରମ୍ଭରୁ ମାଟିକୁ ଭଲ ଭାବେ ଗୁଣ୍ଡ କରି ଜମି ପ୍ରସ୍ତୁତ କରାଯାଏ। ତେବେ ପ୍ରଥମ ଫସଲ ଯଥା ଧାନ, ଗହମ କିମ୍ବା ଅନ୍ୟାନ୍ୟ ଫସଲ ଅମଳ ପରେ ଜମିରେ ଏହାର ଅବଶିଷ୍ଟାଂଶ ରହିଥାଏ। ଏନେଇ ଅଧିକାଂଶ ଲୋକ ଚାଷ ପୂର୍ବରୁ ପୁରୁଣା ଫସଲର ଅବଶିଷ୍ଟାଂଶକୁ ପୋଡ଼ିଥାନ୍ତି। ଏହା ଯୋଗୁଁ ଜମିରେ ଉପଯୋଗୀ ଜୀବାଣୁ ନଷ୍ଟ ହୋଇଯାଇଥାନ୍ତି। ମାଟି ଟାଣ ହେବା ସହ ଜଳଧାରଣା କ୍ଷମତା କମିଯାଏ। ତେଣୁ ଏବେ ଏହି ସମସ୍ୟାକୁ ଦୂର କରିବ ସୁପର ସିଡର। ଏହି କୃଷି ଯନ୍ତ୍ରଟି ଗହମ, ଧାନ ତଥା ଅନ୍ୟ ଫସଲ କାଟିବା ପରେ ଜମିରେ ବଳକା ଥିବା କୁଟା, ନଡ଼ା, କାଠି ଆଦିକୁ ସିଧାସଳଖ ମାଟିରେ ମିଶାଇ ଦିଏ। ଏହାଦ୍ୱାରା ଚାଷୀଙ୍କୁ ଆଉ ଫସଲ ବର୍ଜ୍ୟକୁ ପୋଡିବାକୁ ପଡ଼ି ନ ଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଦ୍ୱାରା ଜମିର ବର୍ଜ୍ୟ ମାଟିରେ ମିଶି ଫସଲରେ ଖତ ପରି କାମ ଦିଏ। ଏହି କୃଷି ଯନ୍ତ୍ରର ମୂଲ୍ୟ ପାଖାପାଖି ୨.୪୦ଲକ୍ଷରୁ ୩ ଲକ୍ଷ ଟଙ୍କା ହେବ । ଏହି ଯନ୍ତ୍ରଟିକୁ ଟ୍ରାକ୍ଟର ସହିତ ଫିଟ୍ କରି ଜମିରେ ବ୍ୟବହାର କରିବାକୁ ପଡ଼େ। ଫଳରେ ଚାଷୀମାନେ ସହଜ ଓ ସ୍ୱଳ୍ପ ମୂଲ୍ୟରେ ହଳ ସହିତ ବୁଣା କାମ କରିପାରନ୍ତି।

## କୁଣ୍ଡରେ ମଟର ଅମଳ

ଶୀତଦିନେ ମଟରର ଚାହିଦା ଅଧିକ ଥାଏ। ତେଣୁ ବାଲ୍‌କୋନି କିମ୍ବା ଘରେ କୁଣ୍ଡରେ ମଟର ଚାଷ ସମ୍ଭବ। ମଟର ଚାଷ କରିବାକୁ ୧୦ରୁ ୧୨ ଇଞ୍ଚ ଗଭୀର କୁଣ୍ଡ ଆବଶ୍ୟକ ହୋଇଥାଏ। କୁଣ୍ଡ ତଳପାର୍ଶ୍ୱରେ ବାୟୁ ଚଳାଚଳ ପାଇଁ ଛୋଟ କଣା ରହିଥିବା ଜରୁରି। ମାଟି, ସଢ଼ାଗୋବର, ଖତ ବାଲି ଆଦିକୁ ମିଶାଇ କୁଣ୍ଡ ଭର୍ତ୍ତି କରି ସେଥିରେ ଗଛ ଲଗାଯାଏ। ମାଟିରେ ବାୟୁ ଚଳାଚଳ ଯେପରି ହୋଇପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ। କୁଣ୍ଡରେ ମଞ୍ଜିକୁ ୩ରୁ ୪ ସେମି ଗଭୀରରେ ପୋତି ଗଛକୁ ଗଛ ୧୦ରୁ ୧୫ ସେମି ଦୂରରେ ରଖାଯାଏ।



ସେହିପରି ଗଛକୁ ଯେପରି ୬ଘଣ୍ଟା ସୂର୍ଯ୍ୟକିରଣ ମିଳିପାରିବ ତାହାକୁ ଧ୍ୟାନ ଦେବା ଆବଶ୍ୟକ। ମଟର ଗଛର ଲତା ବଢ଼ିଲେ ଏହାକୁ ସାହାରା ଦେବାକୁ ରଞ୍ଜା (ବାଉଁଶ, ଜାଲି) ବନ୍ଦୋବସ୍ତ କରିପାରିବେ। ସମୟେ ସମୟେ ଘାସ ନିୟନ୍ତ୍ରଣ କରିବାକୁ ଭୁଲନ୍ତୁନି। ଗଛରେ ରୋଗପୋକ ଦେଖାଦେଲେ, କୃଷି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଔଷଧ ସିଞ୍ଚନ କରନ୍ତୁ। ଏହାଦ୍ୱାରା ଗଛରେ ଶୀଘ୍ର ଫଳ ଆସିଥାଏ। ମଟର ଫଳିବାକୁ ପାଖାପାଖି ଦୁଇରୁ ଅଢ଼େଇ ମାସ ସମୟ ଲାଗେ। ମଟର ଛୁଇଁ ପରିପକ୍ୱ ହୋଇଥିଲେ ଏହାକୁ ତୋଳି ପାରିବେ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ। ବେଙ୍ଗଳା ପରେ ଧାନକୁ ଭଲ ଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ।
- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଓ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଅମଳକ୍ଷମ ପିଆଜର କିସମ ଗୁଡିକ ହେଲା- ଆଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆଗ୍ରିଫାଉଣ୍ଡ ଡାର୍କ ରେଡ୍, ଭୀମ ଶକ୍ତି, ଭୀମ ସୁପର ଇତ୍ୟାଦି।
- ଉଚ୍ଚ-ମଧ୍ୟମ ଜମିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ଲଙ୍କାରେ ଉକୁଣିଆ ପୋକର ପରିଚାଳନା ପାଇଁ ଏକର ପିଛା ୮ଟି ଅଠାଳିଆ ଯନ୍ତା ଲଗାନ୍ତୁ।
- ଶୀତରତୁରେ ମାଛମାନଙ୍କ ଦେହରେ କବକ ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଶୀତରତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି କିମ୍ବା ପଟାସିୟମ ପରମାଙ୍ଗାନେଟ୍ ୧ ରୁ ୨ କେଜି କିମ୍ବା ଚୂନ ୫୦ରୁ ୧୦୦ କେଜି ମିଶାଇ ବିଶୋଧନ କରନ୍ତୁ।



● ଆଇପିଏଲ୍-୨୦୨୬

## ସିଏସ୍‌କେରୁ ଖେଳିପାରନ୍ତି ସାମସନ, ରାଜସ୍ଥାନରୁ ଜାଡ଼େଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଆସନ୍ତାବର୍ଷ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ର ନିଲାମ ଏଥର ମଧ ବିଦେଶରେ ହେବ। ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଡିସେମ୍ବର ୧୫ କିମ୍ବା ୧୬ରେ ଏହି ମିନି ନିଲାମ ଆବୁଧାବିରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଗତ ଦୁଇବର୍ଷ ହେଲା ଏହା ଯଥାକ୍ରମେ ଜେଦ୍ଦା, ସାଉଦି ଆରବ ଓ ଦୁବାଇରେ ଆୟୋଜିତ ହୋଇଥିଲା। ନଭେମ୍ବର ୧୫ ସୁଦ୍ଧା ଖେଳାଳି ରିଟେନସନ ତାଲିକା ବିସିସିଆଇର ହସ୍ତଗତ ହେଲେ ନିଲାମ ତାରିଖ ଘୋଷଣା କରାଯିବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ମହିଳା ପ୍ରିମିୟର ଲିଗ୍ ଲାଗି ନିଲାମ ନୂଆଦିଲ୍ଲୀରେ ନଭେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଜଣାଇଦିଆଯାଇଛି। ଏହା ମଧ୍ୟରେ ଆଉ ଏକ ଘଟଣାକ୍ରମରେ ସଞ୍ଜୁ ସାମସନ ଏଥର ଚେନ୍ନାଇ ସୁପରକିଙ୍ଗ୍‌ସ (ସିଏସ୍‌କେ) ପକ୍ଷରୁ ଏବଂ ରବୀନ୍ଦ୍ର ଜାଡେଜା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବେ ବୋଲି ଏକପ୍ରକାର ସ୍ଥିର ହୋଇଛି। ଆଇପିଏଲ ଟ୍ରେଡ୍ ମାଧ୍ୟମରେ ଏହା ସମ୍ଭବ ହେବାକୁ ଯାଉଛି। ସଞ୍ଜୁ ସାମସନଙ୍କୁ ହଟାଇବା ଲାଗି ରାଜସ୍ଥାନ ରୟାଲ୍ସ ଏକାଧିକ ଫ୍ରାଞ୍ଚାଇଜ୍ ସହ ଆଲୋଚନା କରିଛି। କିନ୍ତୁ ଏଥିରେ ବିଫଳ ହେବା ପରେ ସିଏସ୍‌କେ ରାଜି ହୋଇଛି।

## ପାକିସ୍ତାନ କ୍ରିକେଟର୍ ନସୀମଙ୍କ ଘର ଉପରକୁ ଗୁଳି ମାଡ଼

ଇସଲାମବାଦ୍, ୧୦।୧୧ (ଏଜେନ୍ସି): ପାକିସ୍ତାନ କ୍ରିକେଟର୍ ନସୀମ ଶାହଙ୍କ ଘର ଉପରକୁ ଅଜଣା ଆତତାୟୀମାନେ ଦିନ ଦ୍ୱିପହରେ ଆଖିବୁଜା ଗୁଳିଚାଳନା କରିଛନ୍ତି। ଖାଇବର ପଖତୁନଖୱା ପ୍ରଦେଶର ଲୋୟର ଡି ଜିଲ୍ଲାରେ ଥିବା ନସୀମଙ୍କ ଘରର ମୁଖ୍ୟ ଦ୍ୱାରରେ ଏହି ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ଗୁଳିମାଡ଼ରେ ଲୁହାରେ ନିର୍ମିତ ମୁଖ୍ୟ ଦ୍ୱାରରେ ଅନେକ ଛିଦ୍ର ହୋଇଥିବାବେଳେ ନିକଟରେ ଥିବା ଏକ କାର୍ ମଧ କ୍ଷତିଗ୍ରସ୍ତ ହୋଇଛି। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ୫ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

● ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ

## ସମ୍ବିତ୍ ଓ ଅନ୍ୱେଷଙ୍କୁ ଟାଇଟଲ୍

ଭୁବନେଶ୍ୱର,୧୦।୧୧(ସମିସ): ଆଇଏମ୍ ସମ୍ବିତ ପଣ୍ଡା ଓ ଡାକ୍ତର ଅନ୍ୱେଷ ଉପାଧ୍ୟାୟ ପ୍ରଥମ ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଚେସ୍‌ଟର୍ଫ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶାରେ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଆୟୋଜିତ ହୋଇଥିଲା। ସମଗ୍ର ରାଜ୍ୟରୁ ୨୫୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ



କରିଥିଲେ। ସମ୍ବିତ ସମସ୍ତଙ୍କୁ ପଛରେ ପକାଇ ରାପିଡ୍ ବିଭାଗରେ ଚାମ୍ପିଅନ ହେବା ସହ ଟ୍ରଫି ଓ ୨୧,୦୦୦ ଟଙ୍କାର ପୁରସ୍କାର ଜିତିଥିଲେ। ଏହି ବିଭାଗରେ ଫିଡେ ମାଷ୍ଟର ଶ୍ରୀଅଂଶ ଦାସ ଦ୍ୱିତୀୟ ସ୍ଥାନରେ ରହି ୧୧,୦୦୦ ଟଙ୍କା ଓ ଅନ୍ୱେଷ ତୃତୀୟ ସ୍ଥାନରେ ରହି ୮,୦୦୦ ଟଙ୍କାର ପୁରସ୍କାର ପାଇଥିଲେ। ସେହିପରି ବ୍ଲିଜ୍ ବିଭାଗରେ ଡାକ୍ତର ଅନ୍ୱେଷ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କୁ ପୁରସ୍କାର ବାବଦରେ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ବିଭାଗରେ ସମ୍ବିତ ରନର୍ସଅପ୍ ଓ ଜ୍ୟୋସ୍ନାଭ ତାଲୁକଦାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୋଟ ୧.୭୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ, ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ଓ ଆୟୋଜକ ଚେସ୍‌ଟର୍ଫ ଏକାଡେମୀର ସମ୍ପାଦକ ସ୍ୱାଂଶୁ ସତ୍ୟକାମ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଜୁନିଅର ମହିଳା ବିଶ୍ୱକପ୍ ଲାଗି ଭାରତୀୟ ହକି ଦଳ ଘୋଷିତ

# ଟିମ୍‌ରେ ଓଡ଼ିଶାରୁ ସୁନେଲିତା, ହର୍ଷାରାଣୀ, ପୂଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍ ଲାଗି ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଜ୍ୟୋତି ସିଂ ପୂର୍ବପରି ଜୁନିଅର ଦଳର ନେତୃତ୍ୱ ବଜାୟ ରଖିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଜୁନିଅର ହକିର ଏହି ମେଗା ଇଭେଣ୍ଟରେ ଭାରତ ପୁଲ-ସି'ରେ ସ୍ଥାନ ପାଇଛି। ଏହା ମଧ୍ୟରୁ ଦଳ ପ୍ରଥମ ମ୍ୟାଚ୍ ନାମିବ୍ୟା ସହ ଡିସେମ୍ବର ୧ରେ, ଦ୍ୱିତୀୟ ମ୍ୟାଚ୍ ଜର୍ମାନୀ ସହ ଡିସେମ୍ବର ୩ ଓ ତୃତୀୟ ମ୍ୟାଚ୍ ଆୟର୍ଲାଣ୍ଡ ସହ ଡିସେମ୍ବର ୫ରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଡିସେମ୍ବର ୭ରୁ ୧୩ ତାରିଖଯାଏ ନକ୍‌ଆଉଟ ମ୍ୟାଚ୍ ଗୁଡିକ ଖେଳାଯିବ। ଏହା ମଧ୍ୟରେ ଡିସେମ୍ବର ୧୩ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।






ଭାରତ ପକ୍ଷରୁ ଘୋଷିତ ୨୦ ଜଣିଆ ଦଳରେ ୧୮ଜଣ ଖେଳାଳି ଓ ୨ଜଣ ବଦଳ ଖେଳାଳି ରହିଛନ୍ତି। ଏମାନଙ୍କ ବ୍ୟତୀତ ୩ଜଣଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଗୋଲରକ୍ଷକ ଏଞ୍ଜେଲ ହର୍ଷାରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ସମସ୍ତଙ୍କର ଜୁନିଅର ଅନ୍ତର୍ଜାତୀୟ ହକି ଖେଳିବାରେ ଅଭିଜ୍ଞତା ରହିଛି। ସୁନେଲିତା ଟପ୍ପୋ ଗୋଟିଏ ପାଦ ଆଗେଇଯାଇ ସିନିଅର ଦଳ ପକ୍ଷରୁ ଖେଳିଛନ୍ତି। ସେହିପରି ମମିତା ଓରାମ ଚତୁର୍ଥ ଖେଳାଳିମାନେ ଷ୍ଟାଣ୍ଡବାଇରେ ରହିଛନ୍ତି। ମହିଳା ହକି ଦଳର ହେଡ୍ କୋଚ୍ ତୁଷାର ଖାଣ୍ଡେକର ଦଳଠାରୁ ଭଲ ପ୍ରଦର୍ଶନ ଆଶା ରଖିଛନ୍ତି। ଖେଳାଳିମାନଙ୍କୁ ଶିବିରରେ ରଖାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ପରେ ବିଭିନ୍ନ ଟୁର୍‌ରେ ମଧ ଏମାନେ ଖେଳିଥିଲେ। ଏଣୁ ଅନ୍ତର୍ଜାତୀୟ ଅଭିଜ୍ଞତା ଥିବା ଖେଳାଳିମାନେ ଏଥର ଦଳରେ ସ୍ଥାନ ପାଇଛନ୍ତି ଓ ଏଥର ଦଳ ଭଲ ଖେଳିବ ବୋଲି ଖାଣ୍ଡେକର କହିଛନ୍ତି।

**ଖେଳସୂଚୀ**

୧-୧୨ ବନାମ ନାମିବ୍ୟା
୩-୧୨ ବନାମ ଜର୍ମାନୀ
୫-୧୨ ବନାମ ଆୟର୍ଲାଣ୍ଡ

**ଘୋଷିତ ଦଳ**

ନିଧି, ଏଞ୍ଜେଲ ହର୍ଷାରାଣୀ ମିଞ୍ଜ୍ (ଗୋଲରକ୍ଷକ), ସାକ୍ଷୀ ଶୁକ୍ଳା, ପୂଜା ସାହୁ ଓ ନନ୍ଦିନୀ (ସମସ୍ତେ ଡିଫେଣ୍ଡର), ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ (ଅଧିନାୟିକା), କେ, ଶିଲେଇମା ଚାନୁ, ବିନିମା ଧାନ୍ (ମିଡ୍‌ଫିଲ୍ଡର), ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ୍‌ଲ ହୀନା ବାନୋ ମନୀଷା, ଲାଲଥାନଲୁଆଲାଙ୍ଗି ଓ ସୁଖବୀର କୌର।

ରଣଜୀ ଟ୍ରଫି: ବିଦର୍ଭର ଅମନ, ଧ୍ରୁବଙ୍କ ଶତକ

## ଓଡ଼ିଶା ଆଗରେ ୩୪୫ ରନ୍‌ର ଟାର୍ଗେଟ

ଭୁବନେଶ୍ୱର, ୧୦।୧୧ (ସମିସ): ଅମନ ମୋଖାଡେ ଓ ଧ୍ରୁବ ସୋରେଙ୍କ ଶତକ ବଳରେ ଏଠାରେ ଚାଲିଥିବା ରଣଜୀ ଟ୍ରଫିର ଏଲିଟ୍-ସି'ର ଏକ ମ୍ୟାଚ୍‌ରେ ଘରୋଇ ବିଦର୍ଭ ଦଳ ଭ୍ରମଣକାରୀ ଓଡ଼ିଶା ଆଗରେ ୩୪୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୧୨ ଓଭର ଖେଳି ବିନା ୱିକେଟରେ ୪୪ ରନ୍ କରିନେଇଛି। ଦୁଇ ଓପନର ସ୍ୱସ୍ତିକ ସାମଲ ୨୫ ଓ ଗୌରବ ଚୌଧୁରୀ ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ପିଚ୍‌ରେ ମ୍ୟାଚ୍ ବଞ୍ଚାଇବା କଷ୍ଟକର ହୋଇଥିଲାବେଳେ ମ୍ୟାଚ୍ ଜିତିବାକୁ ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ବାକିଥିବା ସମସ୍ତ ୧୦ଟିଯାକ ଦ୍ୱିତୀୟ ଇନିଂସରେ ଆଉ ୩୦୧ ରନ୍ ଆବଶ୍ୟକ ହେଉଛି।

ଓଡ଼ିଶାର ଦ୍ୱିତୀୟ ଇନିଂସ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଇନିଂସ ଶେଷ କରିଥିଲେ। ଗତକାଲି ୬ ୱିକେଟରେ ୧୨୨ ରନ୍ କରିଥିବା ଓଡ଼ିଶା ଆଜି ଆଉ ୩୮ ରନ୍ ଯୋଡିବା ପରେ ୧୬୦ ରନ୍‌ରେ ଅଲଆଉଟ ହୋଇଥିଲା। ଶେଷଭାଗରେ ସମ୍ବିତ ବରାଳଙ୍କ ୨୯ ରନ୍ ଲାଗି ଏହା ସମ୍ଭବ ହୋଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୧ ରନ୍ କରିଥିଲେ। ଘରୋଇ ଦଳର ଦୁଇ ମିଡିୟମ ପେସ୍ ବୋଲର ଗୌରବ ଫାର୍ଡେ ୪ଟି ଓ ପାର୍ଥ ରେଖାଡେ ୨ଟି ୱିକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୨୬ ରନ୍‌ରେ ଆଗୁଆ ଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୧୮ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା। ଅମନ ମୋଖାଡେ ଅପରାଜିତ ୧୦୧ ରନ୍ କରିଥିଲାବେଳେ ଧ୍ରୁବ ସୋରେ ୧୦୧ ରନ୍ କରି ଆଉଟ ହୋଇଥିଲେ। ୨ଟି ଯାକ ୱିକେଟ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ଧ୍ରୁବ ମଧ ପ୍ରଥମ ଇନିଂସରେ ଶତକ ସହ ୧୪୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।


## କିଟ୍ ଓ କିସ୍‌ରେ ୩୨ କୋଚ୍‌ଙ୍କୁ ନିଯୁକ୍ତି



ଭୁବନେଶ୍ୱର, ୧୦।୧୧ (ସମିସ): କିଟ୍ ଓ କିସ୍ ପକ୍ଷରୁ ଏହାକୁ କ୍ରୀଡ଼ା ଇକୋସିଷ୍ଟମକୁ ସୁଦୃଢ଼ କରିବା ଲାଗି ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ୩୨ଜଣ ପୂର୍ବତନ କ୍ରୀଡ଼ାବିତ୍ ଓ ଏନ୍‌ଆଇଏସ୍-ପ୍ରମାଣିତ ପ୍ରଶିକ୍ଷକଙ୍କୁ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗରେ ନିଯୁକ୍ତି କରାଯାଇଛି। ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ କୁନି ଭଦ୍ରା, ଉମା ଦଳପତି, ଜଗନ୍ନାଥ ମାଝୀ, ସରିତା ଏକ୍କା, ମକରନ୍ଦ ପ୍ରଧାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଖେଳାଳି ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରି ଓଡ଼ିଶା ଓ ଦେଶ ପାଇଁ ସଫଳତା ଆଣିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ନବନିଯୁକ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସାଓ ପାଓଲୋ ଗ୍ରାଁପ୍ରି ଜିତିଲେ ନୋରିସ

ସାଓ ପାଓଲୋ, ୧୦।୧୧ (ଏଜେନ୍ସି): ମ୍ୟାକଲରେନ୍‌ର ଚାଳକ ଲାଣ୍ଡୋ ନୋରିସ ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସିଂ ସାଓ ପାଓଲୋ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ୭୧ ଲ୍ୟାପ୍ ତଥା ୩୦୫.୮ କିମି ବିଶିଷ୍ଟ ଏହି ରେସକୁ ନୋରିସ ଏକ ଘଣ୍ଟା ୩୨ ମିନିଟ୍ ଓ ୦୧.୫୯୬ ସେକେଣ୍ଡ ସମୟ ନେଇ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ମର୍ସିଡିଜର ଯୁବ ଚାଳକ କିମି




ଆଣ୍ଟୋନେଲି ୧୦.୩୮୮ ସେକେଣ୍ଡ ଅଧିକ ସମୟ ନେଇ କ୍ୟାରିୟର ଶ୍ରେଷ୍ଠ ପ୍ରଥମ ରନର୍ସଅପ୍ ଓ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ୧୦.୭୫ ସେକେଣ୍ଡ ଅଧିକ ସମୟ ସହ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ଏଠାରେ ବିଜୟ ସହ ନୋରିସ ବର୍ଷର ଶ୍ରେଷ୍ଠ ଫର୍ମୁଲା ୱାନ ଡ୍ରାଇଭର ଟାଇଟଲ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ନୋରିସ ବର୍ତ୍ତମାନ ୩୯୦ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ମ୍ୟାକଲରେନର ଅନ୍ୟତମ ଚାଳକ ଓସ୍କାର ପିଆଷ୍ଟ୍ରି ମୋଟ୍ ୩୬୬ ପଏଣ୍ଟ ସହ ଦ୍ୱିତୀୟ ଓ ଭର୍ଷ୍ଟାପେନ ୩୪୧ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି। ଚଳିତ ସିଜନରେ ଆଉ ୩ଟି ରେସ୍ ବାକି ରହିଥିବାବେଳେ ୪୯ ପଏଣ୍ଟ ପଛରେ ଥିବା ଭର୍ଷ୍ଟାପେନଙ୍କ ଟାଇଟଲ୍ ଜିତିବା ଆଶା ମଉଳି ଯାଇଛି।

ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

## ହର୍ଷିତ ପ୍ରିୟଦର୍ଶୀଙ୍କୁ ତ୍ରିମୁକୁଟ, ନିମିଶା ଓ ସୌମ୍ୟଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୦।୧୧(ସମିସ): ଓଡ଼ିଶା ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଭୁବନେଶ୍ୱର ପୋଖରୀପୁଟସ୍ଥିତ ବିଜୁପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ ବାଳକ ବିଭାଗରେ କଟକର ହର୍ଷିତ




ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝା ଓ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ମଧ ଦ୍ୱିମୁକୁଟ ଲାଭ କରିଛନ୍ତି।

୧୫ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଫାଇନାଲରେ ସମ୍ବଲପୁରର ଅୟଙ୍କ ସାହୁଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ବାଳକ ଡବଲ୍ସରେ ସେ ଓ ଅୟଙ୍କ, ମିକ୍ସଡ ଡବଲ୍ସରେ ସେ ଓ ଆଦ୍ୟାଶା ମହନ୍ତ ଟାଇଟଲ ଜିତିଥିଲେ। ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ଡବଲ ସଫଳତା ମିଳିଛି। ସିଙ୍ଗଲ୍ସ ଫାଇନାଲରେ ସେ କଟକର ସ୍ୱାତୀ ନାୟକଙ୍କୁ ହରାଇଥିଲେ। ଡବଲ୍ସରେ ନିମିଶା ଓ ସ୍ୱାତୀ ନାୟକ ଚାମ୍ପିଅନ ହୋଇଥିଲେ। ୧୭ ବର୍ଷରୁ କମ୍ ବିଭାଗରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା। ବାଳକ ବିଭାଗ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ୨-୦ରେ ନିଜ ଜିଲ୍ଲାର ବାପୁନ ରାଉତଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ସେ ଓ ଭଦ୍ରକର ଜେସିକା ସାହୁ ଟାଇଟଲ ଜିତିନେଇଥିଲେ। ଡବଲ୍ସରେ ଖୋର୍ଦ୍ଧାର ବାପୁନ ରାଉତ ଓ ସମ୍ବଲପୁରର ଜୟକୃଷ୍ଣ ଗର୍ଡିଆ ଟାଇଟଲ କବ୍‌ଜା କରିଥିଲେ। ବାଳିକା ବିଭାଗ ସିଙ୍ଗଲ୍ସରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ହରାଇ ଟାଇଟଲ ଜିତିଥିଲେ। ଡବଲ୍ସରେ ଯାଜପୁରର ରତିକା ଦାସ ଓ ଭଦ୍ରକର ବି.ଲକ୍ଷ୍ମୀ ରେଡ୍ଡୀ ଚାମ୍ପିଅନ ହୋଇଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ଯେଦୁଲା ବିଜୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ନିଲିନ କୁମାର, ଆୟୋଜନ କମିଟି ସମ୍ପାଦକ କମଲ ଦାଶ୍ ଓ ଅଜିତ ମହାନ୍ତି, ପର୍ଯ୍ୟବେକ୍ଷକ ଶିବମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶୁଭମ ନାୟକ, ଚିଫ୍ ରେଫରୀ ଗୀତା ଦାଶ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଭଙ୍ଗାଯିବ ଜବାହରଲାଲ୍ ନେହରୁ ଷ୍ଟାଡିୟମ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀର ଐତିହାସିକ ଜବାହରଲାଲ ନେହରୁ ଷ୍ଟାଡିୟମ ଏବେ ଇତିହାସ ହୋଇଯିବ। ଦିଲ୍ଲୀର ପ୍ରତୀକ ଭାବେ ବିବେଚିତ ହେଉଥିବା ଏହି ଷ୍ଟାଡିୟମ ଏବେ ଭଙ୍ଗାଯିବ। ଏହି ଷ୍ଟାଡିୟମକୁ ଭାଙ୍ଗି ଏଠାରେ ୧୦୨ ଏକର ଜାଗାରେ ସ୍ପୋର୍ଟ୍ସ ସିଟି ନିର୍ମାଣ କରାଯିବ। ଯେଉଁଥିରେ ସମସ୍ତ ପ୍ରମୁଖ ଖେଳର ଆୟୋଜନ ସ୍ଥଳ ଏବଂ ଆଥଲେଟଙ୍କ ଲାଗି ଅତ୍ୟାଧୁନିକ ସୁବିଧା ବ୍ୟବସ୍ଥା କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଯୋଜନା କରିଛି। ଏହାର ବଜେଟ ବିବରଣୀ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନ ଥିବା ଜଣାପଡ଼ିଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ଭାରତ ରହିଥିବାରୁ ଏହାକୁ ଲକ୍ଷ୍ୟ ରଖି ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରାଯିବ। ରିପୋର୍ଟ ଅନୁସାରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏବେ ବିଶ୍ୱର ବିଭିନ୍ନ ଷ୍ଟାଡିୟମର ମଡେଲର ଅଧ୍ୟୟନ କରାଯାଉଛି। କତାର ଓ ଅଷ୍ଟ୍ରେଲିଆରେ ରହିଥିବା ସ୍ପୋର୍ଟ୍ସ ସିଟି ପ୍ରକଳ୍ପର ନିର୍ମାଣ ଢାଞ୍ଚାକୁ ନଜରରେ ରଖି ଦିଲ୍ଲୀର କ୍ରୀଡ଼ା ନଗରୀ ନିର୍ମାଣ ହେବାର ଯୋଜନା ରହିଛି। ଉଲ୍ଲେଖଯୋଗ୍ୟ, ୧୯୮୨ରେ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ ତିଆରି କରାଯାଇଥିଲା। ଏହାର ଦର୍ଶକ କ୍ଷମତା ୬୦ ହଜାର ରହିଛି। ଗତ ୧୫ ବର୍ଷ ମଧ୍ୟରେ ଏହି ଷ୍ଟାଡିୟମର ନବୀକରଣରେ ପାଖାପାଖି ୧୦୧୧ କୋଟି ଟଙ୍କା ଖର୍ଚ୍ଚ କରାଯାଇସାରିଛି। ନିକଟରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ଲାଗି ୩୦ କୋଟି ଟଙ୍କା ବ୍ୟୟରେ ଏକ ଟ୍ରାକ୍ ବିଛାଯାଇଥିଲା।

# ମହିଳାରେ ପୁରୀ, ପୁରୁଷରେ ଜଟଣୀ ଚାମ୍ପିଅନ

ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

ଭୁବନେଶ୍ୱର,୧୦।୧୧(ସମିସ): ପୁରୀ ସଦର ଓ ଜଟଣୀ ଦଳ ସୋଆ ୟୁନିଭର୍ସିଟି କ୍ୟାମ୍ପସରେ ଶେଷ ହୋଇଥିବା ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍‌ରେ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇଛନ୍ତି। ମହିଳା ବିଭାଗରେ ଯାଜପୁର ଜିଲ୍ଲା ଓ ପୁରୁଷ ବିଭାଗରେ ପୁରୀ ସଦର ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ମହିଳା ବିଭାଗରେ ପୁରୀ ଜିଲ୍ଲା ଓ ସୋଆ, ପୁରୁଷ ବିଭାଗରେ ଭଦ୍ରକ ଓ ପୁରୀ ସଦର ମିଳିତଭାବେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ, ମାର୍ଗଦର୍ଶକ କୃଷ୍ଣଚନ୍ଦ୍ର ପଣ୍ଡା ଓ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାସନାଲ ରେଫରୀ ଯଶୋବନ୍ତ ପରମଗୁରୁ, ଦୀପ୍ତିରଞ୍ଜନ ସାମନ୍ତରାୟ, ସେକ୍ ଆଜାରୁଦ୍ଦିନ, ଏସ୍ ଜଗା ରେଡ୍ଡୀ ଓ କଳ୍ପନା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।




'ନନ୍ଦିଘୋଷ ଟିଭି'
ନନ୍ଦିଘୋଷ
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS